ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ଅଗଷ୍ଟ ୨୯/୨୦୨୦ (୧୨ ପୃଷ୍ଠା) | Rayagada, Saturday, August 29/2020
୧୦ମ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ଗର୍ଭବତୀ ଥାଇ ବିବାହ କରିଥିଲେ ନେହା**

ବଲିଉଡ୍ ଅଭିନେତ୍ରୀ ନେହା ଧୁପିଆ ବିବାହ ପୂର୍ବରୁ ଗର୍ଭବତୀ ଥିଲେ। ସେ ଅଙ୍ଗଦ ବେଦୀଙ୍କୁ ବିବାହ କରିବାକୁ ସ୍ଥିର କରିଥିବା ବେଳେ ଶେଷରେ ତାହାହିଁ ହୋଇଥିଲା। ୦୯

୧୨ **ଫର୍ମୁଲା ୱାନ୍ ରେସ୍‌କୁ ବର୍ଜନ କରିବେନି ହାମିଲଟନ୍**

ଜାତିବାଦକୁ ନେଇ ଫର୍ମୁଲା ୱାନ୍ ଚାମ୍ପିୟନ ଲୁଇସ୍ ହାମିଲଟନ ବେଲଜିଆନ ଗ୍ରାଁ ପ୍ରିକୁ ବର୍ଜନ କରିବେନାହିଁ।



# ଉଚ୍ଛୁଳୁଛି ନଦନଦୀ

- ମହାନଦୀରେ ଆସୁଛି ବଡ଼ ବନ୍ୟା
- ହୀରାକୁଦ ୪୦ ଗେଟ୍ ଖୋଲା
- ଆଜି ମୁଣ୍ଡଳୀରେ ପହଞ୍ଚିବ ୧୦ଲକ୍ଷ କ୍ୟୁସେକ ଜଳ
- ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ
- ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗରେ ବଢ଼ି, କାନ୍ଥ ପଡ଼ି ୨ ମୃତ
- ଯାଜପୁର ଜିଲାର ୨୯ ସ୍ଥାନରେ ଘାଇ (ରିପୋର୍ଟ: ପୃଷ୍ଠା-୩)

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

ଲଘୁଚାପ ବର୍ଷା ପରେ ରାଜ୍ୟରେ ବନ୍ୟା ବିପତ୍ତି ଦେଖାଦେଇଛି। ଉତ୍ତର ଓଡ଼ିଶା ବନ୍ୟାରେ ଉବୁଟୁବୁ ହେଉଛି। ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ ଜିଲାରେ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହେବା ସହିତ ବହୁ ଲୋକ ଜଳବନ୍ଦୀ ହୋଇଛନ୍ତି। କାନ୍ଥପଡ଼ି ରାଜ୍ୟରେ ଆଉ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ବନ୍ୟା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୪ଟି ଘାଇ ହୋଇଥିବା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଗୋଟିଏ ପଟେ ବ୍ରାହ୍ମଣୀ, କୁଶଭଦ୍ରା, ବୈତରଣୀ, ବୁଢ଼ାବଳଙ୍ଗ ନଦୀ ବନ୍ୟା ଲୋକମାନଙ୍କୁ ହନ୍ତସନ୍ତ କରୁଥିବା ବେଳେ ମହାନଦୀ ଓ ଏହାର ଶାଖା ନଦୀ ବୁଡ଼ାଇବା ଆରମ୍ଭ କଲାଣି। ଶୁକ୍ରବାର ହୀରାକୁଦର ୪୦ଟି ଗେଟ୍ ଖୋଲା ହେବା ଯୋଗୁ ମହାନଦୀ ସମେତ ଏହାର ଶାଖାନଦୀଗୁଡ଼ିକରେ ବନ୍ୟା ଆଶଙ୍କା ବଢ଼ିଯାଇଛି। ଶନିବାର ସୁଦ୍ଧା ମୁଣ୍ଡଳୀଠାରେ ୧୦ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେବ। ଏଥିଯୋଗୁ ମହାନଦୀର ଶାଖା ବିରୂପା, ଭାର୍ଗବୀ, ଚିତ୍ରୋତ୍ପଳା, ଲୁଣା, କାଠଯୋଡ଼ି, ଦୟା ଏବଂ କୁଶଭଦ୍ରା ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସଙ୍ଗୀନ ହେବା ଆଶଙ୍କା ଦେଖାଦେଇଛି।

ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬ ଲକ୍ଷ ୯୦ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ମହାନଦୀର ☞ପୃଷ୍ଠା-୪



ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁ ଯାଜପୁର ଜିଲା ବରୀ ବ୍ଲକ ଅରୁଆଳସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ଶୁକ୍ରବାର ସୃଷ୍ଟି ହୋଇଥିବା ଘାଇ।

## ପେଟ୍ରୋଲ ୧୧ ପଇସା ବଢ଼ିଲା

- ୧୩ ଦିନରେ ୧.୪୬ ଟଙ୍କା ବଢ଼ିଛି

ଭୁବନେଶ୍ୱର, ୨୮।୮

ଚଳିତ ମାସରେ ପେଟ୍ରୋଲ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢାଇ ଚାଲିଛି। ବର୍ତ୍ତମାନ କରୋନା ସଂକ୍ରମଣ ଯୋଗୁ ଲୋକମାନେ ଆଶଙ୍କାରେ ଥିବା ବେଳେ ତୈଳ ଦର ବୃଦ୍ଧି ସମସ୍ୟାକୁ ଜଟିଳ କରୁଛି। ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ୧୧ ପଇସା ବଢି ୮୨.୪୯ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ନୂଆଦିଲ୍ଲୀଠାରୁ ଊର୍ଦ୍ଧ୍ୱରେ ରହିଛି। ଗତ ୧୩ ଦିନ ମଧ୍ୟରେ ପେଟ୍ରୋଲ ୧୧ ଥର ବଢିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୧.୪୬ ଟଙ୍କା ମହଙ୍ଗା ହୋଇଥିବା ଜଣାପଡିଛି। ସେହିଭଳି ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ୯ରୁ ୧୧ ପଇସା ବଢିଥିବା ତୈଳ ବିପଣନ କମ୍ପାନୀଗୁଡିକ ☞ପୃଷ୍ଠା-୪

## ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋଙ୍କ ଇସ୍ତଫା



ସିଞ୍ଜୋ ଆବେ

**ଟୁଇଟ କରି ଆଶୁ ଆରୋଗ୍ୟ କାମନା କଲେ ମୋଦି**

ଟୋକିଓ, ୨୮।୮


ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ(୬୫) ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେବା ସମ୍ପର୍କରେ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଦୀର୍ଘବର୍ଷ ହେବ ସେ ଅଲ୍‌ସରେଟିଭ୍ କୋଲାଇଟିସ୍ ରୋଗରେ ପୀଡ଼ିତ ଅଛନ୍ତି। ସମ୍ପ୍ରତି ସପ୍ତାହକ ମଧ୍ୟରେ ସେ ଦୁଇଥର ହସ୍ପିଟାଲ ଗସ୍ତ କରିଥିଲେ। ଲୋକଙ୍କ ଲାଗି ନିଷ୍ପତ୍ତି ନେବା ସହ କାର୍ଯ୍ୟ ☞ପୃଷ୍ଠା-୪

## ଉଷା ପାଢ଼ୀ ବିସିଏଏସ୍ ଡିଜି



ନୂଆଦିଲ୍ଲୀ, ୨୮।୮

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିବା ୧୯୯୬ ବ୍ୟାଚ୍ ଓଡ଼ିଶା କ୍ୟାଡର୍‌ର ଆଇଏଏସ୍ ଅଫିସର ଉଷା ପାଢୀଙ୍କୁ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ(ବିସିଏଏସ୍)ର ମହାନିର୍ଦ୍ଦେଶକ (ଡିଜି) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ପଦବୀରେ ନିଯୁକ୍ତ ହେବାରେ ସେ ପ୍ରଥମ ମହିଳା ଓ ତୃତୀୟ ଆଇଏଏସ୍ ଅଫିସର। ସେ ଆଇପିଏସ୍ ଅଫିସର ରାକେଶ ଆସ୍ଥାନାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସ୍ଥାନାଙ୍କୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଡିଜି ଭାବେ ନିଯୁକ୍ତି ଦିଆଯାଇଛି। ୨୦୧୫ ଜୁଲାଇରୁ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଉଷାଙ୍କ ଏହି କାର୍ଯ୍ୟକାଳକୁ ଚଳିତବର୍ଷ ମେ ୧୭ରେ ଦୁଇବର୍ଷ ଲାଗି ବୃଦ୍ଧି କରାଯାଇଥିଲା।




## ବିନା ପରୀକ୍ଷାରେ ଡିଗ୍ରୀ ନାହିଁ

ନୂଆଦିଲ୍ଲୀ, ୨୮।୮

ବିନା ପରୀକ୍ଷାରେ ଡିଗ୍ରୀ ନାହିଁ। କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶେଷ ବର୍ଷ ପରୀକ୍ଷା କରାଇବାକୁ ହେବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ପରୀକ୍ଷା ନ କରି ଡିଗ୍ରୀ ଦିଆଯାଇପାରିବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। କରୋନା ମହାମାରୀ ଯୋଗୁ ଚୂଡ଼ାନ୍ତ ବର୍ଷ ପରୀକ୍ଷା ବାତିଲ କରାଯାଇ



**ଶେଷ ବର୍ଷ ପରୀକ୍ଷା କରାଇବାକୁ ହେବ: ସୁପ୍ରିମକୋର୍ଟ**

ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଇଣ୍ଟରନାଲ ଫଳାଫଳ ଆଧାରରେ ଉତ୍ତୀର୍ଣ୍ଣ କରାଇବା ଦାବିରେ ପିଟିଶନ ଦାଏର ହୋଇଥିଲା। କଲେଜ/ବିଶ୍ୱବିଦ୍ୟାଳୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲକ୍ଷ୍ୟ ସିଇସି ପଦ**

## ଜେଇଇ ପରୀକ୍ଷାର୍ଥୀଙ୍କୁ ବିନାମୂଲ୍ୟରେ ପରିବହନ

- ପ୍ରତି ଜିଲାରେ ସହାୟତା କରିବ ନୋଡାଲ୍ ସେଣ୍ଟର
- ୩୧ ସୁଦ୍ଧା ପରୀକ୍ଷାର୍ଥୀମାନେ ସୂଚନା ଦେବାକୁ ପରାମର୍ଶ

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

ଆସନ୍ତା ସେପ୍ଟେମ୍ବର ୧ରୁ ୬ ତାରିଖ ମଧ୍ୟରେ ଦେଶରେ ଜେଇଇ(ମେନ୍) ଓ ୧୩ ତାରିଖରେ ଏନ୍‌ଇଇଟି ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶାର ପ୍ରାୟ ୩୭ ହଜାର ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ଏଥିପାଇଁ ରାଜ୍ୟର ୭ଟି ସ୍ଥାନରେ ୨୬ଟି କେନ୍ଦ୍ର କରାଯାଇଛି। କରୋନା ସଂକ୍ରମଣ ଉପରମୁହାଁ ହୋଇଥିବା ବେଳେ ଏହି ପରୀକ୍ଷାର୍ଥୀମାନେ କିପରି ସୁବିଧାରେ କେନ୍ଦ୍ରଗୁଡ଼ିକୁ ଯାଇ ଆସିପାରିବେ ସେ ନେଇ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି। ପରୀକ୍ଷାର୍ଥୀଙ୍କୁ ଜିଲା ସଦରମହକୁମାରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ରାଜ୍ୟ ସରକାର ମାଗଣାରେ ଯିବା ଆସିବା ଓ ରହିବା ସୁବିଧା ଯୋଗାଇ ଦେବେ। ଯେଉଁମାନେ ନିଜ ବ୍ୟବସ୍ଥାରେ ଯିବେ ସେମାନଙ୍କୁ ସମସ୍ତ ସହାୟତା କରାଯିବ। କେଉଁ ପରୀକ୍ଷାର୍ଥୀ କେଉଁ ପରୀକ୍ଷା କେନ୍ଦ୍ରକୁ ଯିବେ ସେ ବିଷୟରେ ସରକାରଙ୍କ ପାଖରେ କିଛି ସୂଚନା ନାହିଁ। ତେଣୁ ପରିବହନ ସୁବିଧା ନେବା ଲାଗି ପରୀକ୍ଷାର୍ଥୀମାନେ ଅଗଷ୍ଟ ୩୧ ସୁଦ୍ଧା ନୋଡାଲ ସେଣ୍ଟରରେ ନିଜର ସମସ୍ତ ସୂଚନା ଦେବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଶୁକ୍ରବାର କହିଛନ୍ତି।

ସରକାରୀ ଓ ଘରୋଇ ବସ୍ ଜରିଆରେ ପରୀକ୍ଷାର୍ଥୀଙ୍କୁ ମାଗଣାରେ ନେବା ଆଣିବା ବ୍ୟବସ୍ଥା କରାଯିବ। ଆର୍‌ଟିଓ ଏବଂ ପରିବହନ କମିଶନରଙ୍କ ତଦାରଖରେ ବସ୍ ପରିବହନ ସେବା ଯୋଗାଇ ଦିଆଯିବ। ପିଲାମାନେ କିପରି ଯିବେ ଓ ଆସିବେ ସେ କଥା ନୋଡାଲ ସେଣ୍ଟରଗୁଡିକ ତଦାରଖ କରିବ। ପ୍ରତ୍ୟେକ ଜିଲାର ଗୋଟିଏ ଲେଖାଏ ଆଇଟିଆଇକୁ ନୋଡାଲ ସେଣ୍ଟର ଭାବେ ଘୋଷଣା କରାଯାଇଛି। ସେଠାରେ ଟେଲିଫୋନ ବ୍ୟବସ୍ଥା ହୋଇଛି। ପରୀକ୍ଷାର୍ଥୀମାନେ ଟେଲିଫୋନ ମାଧ୍ୟମରେ ନିଜର ସୂଚନା ଦେଇପାରିବେ। ଏଥିସହିତ ରାଜ୍ୟର ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜ, ଆଇଟିଆଇ, ପଲିଟେକ୍ନିକ ଆଦିରେ ଥିବା ହଷ୍ଟେଲଗୁଡ଼ିକରେ ମାଗଣାରେ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ପିଲାମାନେ କିମ୍ବା ସେମାନଙ୍କ ଅଭିଭାବକମାନଙ୍କୁ ଯିବା ଆସିବାରେ କୌଣସି ☞ପୃଷ୍ଠା-୪

## ଅସହ୍ୟ ହେଉଛି ପରିବା ଦର

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

କରୋନା ମାଡ଼ରେ ଲୋକମାନଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଅନ୍ୟ ପକ୍ଷରେ ବର୍ଷା ଓ ବନ୍ୟା ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ଏପରି ସ୍ଥଳେ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ ଓ ପିଆଜ ଦର ହୁ ହୁ ହୋଇ ବଢ଼ିଚାଲିଛି। ଖୁଚୁରା ବଜାରରେ ଆଳୁ କିଲୋ ୩୫ରୁ ୩୭ ଟଙ୍କାରେ ବିକ୍ରି ହେଉଥିବା ବେଳେ ପିଆଜ ୨୪ରୁ ୨୫ଟଙ୍କାରେ ବିକ୍ରି ହେଉଛି। ଗତ ସପ୍ତାହେ ମଧ୍ୟରେ ଆଳୁ ଦର ୧୫ ଟଙ୍କା ବୃଦ୍ଧି ପାଇଥିବା ବେଳେ ପିଆଜ ୫ରୁ ୭ ଟଙ୍କା ବଢ଼ିଛି। କାମଧନ୍ଦା ହରାଇ ଆଳୁ ଓ ପିଆଜକୁ ଭରସା କରି ବଞ୍ଚୁଥିବା ଗରିବ ଲୋକମାନେ ଦର ବୃଦ୍ଧିକୁ ନେଇ ଅସ୍ତବ୍ୟସ୍ତ ହୋଇ ପଡ଼ିଛନ୍ତି। ପନିପରିବା କିଣିବାକୁ ପଇସା ନ ଥିବା ଲୋକମାନେ ଆଳୁକୁ ଭରସା କରି ଚଳି ଯାଉଥିଲେ। ତେବେ ଦର ବଢିବାରୁ ବୋଝ ଉପରେ ନଳିତ ବିଡା ହୋଇଛି।

କେବଳ ଆଳୁ ପିଆଜ ନୁହେଁ, ପନିପରିବା ଦର ମଧ୍ୟ ଅଚାନକ ବଢି ଯିବାରୁ ମଧ୍ୟମ ଓ ସ୍ୱଳ୍ପ ଆୟ ବର୍ଗର ଖାଉଟିଙ୍କ ସମସ୍ୟା ବଢି ଯାଇଛି। ଭୁବନେଶ୍ୱର ସ୍ଥିତ ୧ ନମ୍ବର ଦୈନିକ ହାଟରେ ଶୁକ୍ରବାର ଭେଣ୍ଡି କିଲୋ ୬୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ପୋଟଳ ୮୦, ଝୁଡ଼ଙ୍ଗ ୭୦, ଜହ୍ନି ୬୦, ବାଇଗଣ



୬୫ରୁ ୭୦, ଟମାଟୋ ୫୦, କଞ୍ଚାଲଙ୍କା କିଲୋ ୧୫୦ ଟଙ୍କା, ଧନିଆ ପତ୍ର ବିଡା ୨୦ରୁ ୨୫ ଟଙ୍କା, କଲରା କିଲୋ ପ୍ରତି ୬୦ ଟଙ୍କାରେ ବିକ୍ରି ହେଉଛି। ଲଘୁଚାପ ବର୍ଷା ଓ ବନ୍ୟାକୁ ଆଳ କରି ଖୁଚୁରା ବ୍ୟବସାୟୀ ହଠାତ୍ ଦର ବୃଦ୍ଧି କରିଛନ୍ତି। ୧ ନମ୍ବର ହାଟରେ ପରିବା ବ୍ୟବସାୟ କରୁଥିବା ଜୟନ୍ତ ଖୁଣ୍ଟିଆ କହିଛନ୍ତି ଯେ, ବର୍ଷା ଯୋଗୁ ଆଠଗଡ଼, ପିପିଲି, ନଖରା ଓ ଭୁବନେଶ୍ୱର ଆଖ ପାଖ ଅଞ୍ଚଳରୁ ଆସୁଥିବା ପନିପରିବା ଏକ ପ୍ରକାର ବନ୍ଦ ହୋଇଯାଇଛି। କାଭାଁ ଆସୁଥିବାରୁ ଚାଷୀମାନେ ଚଢ଼ା ଦର ଡାକୁଛନ୍ତି। ସେଥିପାଇଁ ଦର ବୃଦ୍ଧି ହୋଇଛି। ବଜାରକୁ ପରିବା ଅଧିକ ନ ଆସିଲେ ଦର ବଢି ଚାଲିବ। ବନ୍ୟା ପାଇଁ ଆହୁରି ଦର ବଢ଼ିବ ବୋଲି ସେ କହିଛନ୍ତି।

ଦିନମଜୁରିଆ ମଧୁସୂଦନ ନାୟକ କହିଛନ୍ତି ଯେ, କରୋନା ଯୋଗୁ କାମ ଧନ୍ଦା ମିଳୁ ନାହିଁ। ଦିନେ କାମକୁ ଗଲେ ଦୁଇଦିନ ଘରେ ବସିବାକୁ ପଡୁଛି। ୫ ଜଣ ପରିବାରକୁ ନେଇ ସଂସାର। ଆଳୁକୁ ଭରସା କରି ଚଳି ଯାଉଥିଲୁ। ଗତ କେଇଦିନ ହେବ ଦର ବଢିଯିବାରୁ କିଲୋ ବଦଳରେ ଅଧା କିଲୋ କିଣି କାମ ଚଳାଉଛୁ। ସରକାର ଏହି ସମୟରେ କମ୍ ଦାମ୍‌ରେ ଆଳୁ ଯୋଗାଇ ଦେଲେ ଭଲହୁଅନ୍ତୁ ।

ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ୨୦୧୪ରେ ଆଳୁ ମିଶନ ଆରମ୍ଭ କରିଥିଲେ। ହେଲେ ତାହା ଫଳପ୍ରଦ ହେଲା ନାହିଁ। ଆଳୁ ପାଇଁ ପଡ଼ୋଶୀ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି। ଜୁଲାଇରୁ ନଭେମ୍ବର ଯାଏ ରାଜ୍ୟରେ ଆଳୁ ଦର ଆକାଶ ଛୁଆଁ ହେଉଛି। ଦର କମିବାକୁ ଅପେକ୍ଷା କରିବା ଛଡ଼ା ସରକାରଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ । ଏନେଇ ଯୋଗାଣ ବିଭାଗର ଡେପୁଟି ଡାଇରେକ୍ଟର (ମାର୍କେଟ ଇଣ୍ଟେଲିଜେନ୍ସ) ଦାୟିତ୍ୱରେ ଥିବା ଅଜିତ ପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ।

## ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲା ଅନ୍ତର୍ଗତ କିଲୁରାଠାରେ ପୋଲିସ ଓ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଥିବାବେଳେ ଅନ୍ୟ ଜଣେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଆତଙ୍କବାଦୀ ଶୋଏବ୍ ଅହମଦ ଭଟ୍ଟଙ୍କ ଘର ଅୱନ୍ତିପୋରାର ଚେର୍ସୋ ଅଞ୍ଚଳରେ। ନିହତ ୩ ଆତଙ୍କବାଦୀଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଛି।

# ଦ୍ୱିତୀୟ ପାଳି ପାଇଁ ଟ୍ରମ୍ପ୍ ପ୍ରସ୍ତୁତ

**ୱାଶିଂଟନ,୨୮।୮**

ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ଆଉ ୩ ମାସ ବାକି ଥିବାବେଳେ ଉଭୟ ଶାସକ ରିପବ୍ଲିକାନ୍ ଓ ବିରୋଧୀ ଡେମୋକ୍ରାଟିକ୍ ପାର୍ଟିପକ୍ଷରୁ ପ୍ରଚାର ଅଭିଯାନକୁ ଜୋର୍‌ଦାର କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ପାଳି ପାଇଁ ଗୁରୁବାର ରିପବ୍ଲିକାନ୍ ପାର୍ଟିର ନାମାଙ୍କନ ସ୍ୱୀକାର କରିଛନ୍ତି। ସେ ଏକୁଟିଆ ସମାଜବାଦ, ଅରାଜକତା ଓ କଠୋରପନ୍ଥୀ ତତ୍ତ୍ୱ ବିରୋଧରେ ପ୍ରାଚୀର ସଦୃଶ ଛିଡ଼ା ହୋଇଥିବା ଟ୍ରମ୍ପ୍ ଦୃଢ଼ୋକ୍ତି ବାଢ଼ିଛନ୍ତି। ଏହାସହ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନ୍ ବିଜୟୀ ହେଲେ ଆମେରିକାରେ ସଙ୍କଟ ଆହୁରି ଜଟିଳ ହେବ ବୋଲି ସତର୍କ କରାଇଛନ୍ତି।

ଆମେରିକାରେ କୋଭିଡ୍-୧୯ ଯୋଗୁ ଅର୍ଥନୀତି ବହୁଳ ଭାବେ ପ୍ରଭାବିତ ହୋଇଛି। ଲୋକେ ଜୀବିକା ହରାଇ ବେକାର ହେବାରେ ଲାଗିଛନ୍ତି। ଏପରି ସମୟରେ ନଭେମ୍ବର ୩ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ରାଷ୍ଟ୍ରପତି ଟ୍ରମ୍ପ୍ ଓ ଉପରାଷ୍ଟ୍ରପତି ମାଇକ୍ ପେନ୍ସ ପୁନଃ ନିର୍ବାଚିତ ହେବା ପାଇଁ ମଇଦାନକୁ ଓହ୍ଲାଇଥିବାବେଳେ ସେମାନଙ୍କୁ ଚେକ୍ ଦେବା ଲାଗି ଅଣ୍ଟା ଭିଡ଼ିଛନ୍ତି ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋ ବିଡେନ ଏବଂ ତାଙ୍କର ରନିଂମେଟ୍ କମଲା ହାରିସ୍। ଭାରତୀୟ-ଆଫ୍ରିକୀୟ ହାରିସ୍‌ଙ୍କ ପ୍ରାର୍ଥିତ୍ୱ ନିର୍ବାଚନର ମୋଡ଼ ବଦଳାଇଦେଇଥିବାରୁ ରିପବ୍ଲିକାନ୍ ଏବେ ଆକ୍ରମଣାତ୍ମକ ରଣନୀତି ଆପଣାଇଛନ୍ତି। ରାଷ୍ଟ୍ରପତିଙ୍କ ବାସଭବନକୁ ରାଜନୀତି ପାଇଁ ବ୍ୟବହାର କରାଯାଉଛି ବୋଲି ଅଭିଯୋଗ ହେଉଥିବାବେଳେ ହ୍ୱାଇଟ୍ ହାଉସ୍‌ର ସାଉଥ୍ ଲନ୍‌ରେ ଏକ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ବିଡେନ୍-ହାରିସ୍ ଯୋଡ଼ିକୁ ଟାର୍ଗେଟ କରିଛନ୍ତି ଟ୍ରମ୍ପ୍। ରିପବ୍ଲିକାନ୍ ନ୍ୟାଶନାଲ କନ୍‌ଫରେନ୍ସର ଚତୁର୍ଥ ସନ୍ଧ୍ୟାରେ ଟ୍ରମ୍ପ୍ କହିଛନ୍ତି, ଆମେ ଆମେରିକାର ସ୍ୱପ୍ନକୁ ସାକାର କରିବା ନା ଏକ ସମାଜବାଦୀ କାର୍ଯ୍ୟସୂଚୀକୁ ନିଜ ଉଦ୍ୟମରେ ନିର୍ଦ୍ଧାରଣ କରିଥିବା ଭାଗ୍ୟକୁ ଧ୍ୱସ୍ତବିଧ୍ୱସ୍ତ ହେବାକୁ ଅନୁମତି ଦେବା ତାହା ଏହି ନିର୍ବାଚନ ସ୍ଥିର କରିବ। ଆମେ ଆଇନର ଅନୁପାଳନ କରି ଆମେରିକୀୟଙ୍କୁ ସୁରକ୍ଷା ଦେବା ନା ନିଜ ନାଗରିକମାନଙ୍କ ପ୍ରତି ବିପଦ ସୃଷ୍ଟିକାରୀ ଅରାଜକ ଆନ୍ଦୋଳନକାରୀ ଓ ଅପରାଧୀମାନଙ୍କୁ ମୁକୁଳା ଛାଡ଼ିଦେବା ତାହା ମଧ୍ୟ ଏହି ଲଢ଼େଇରୁ ନିର୍ଦ୍ଧାରିତ ହେବ। କରୋନା ଭାଇରସ୍ ଭୟ ସତ୍ତ୍ୱେ ଟ୍ରମ୍ପ୍ ୧,୦୦୦ରୁ ଅଧିକ ଲୋକଙ୍କ ସାମ୍ନାରେ ନିଜ ବକ୍ତବ୍ୟ ରଖିଥିଲେ। ତାଙ୍କ ଆଗରେ କେତେଜଣ ସମର୍ଥକ ଜାତୀୟ ପତାକା ଉଡ଼ାଇ ସ୍ଲୋଗାନ ଦେଉଥିଲେ ଆଉ ୪ ବର୍ଷ! ୟୁଏସ୍‌ଏ! ଟ୍ରମ୍ପ୍‌ଙ୍କ ଭାଷଣ ସ୍ଥଳରେ ତାଙ୍କ ବିରୋଧରେ ବିକ୍ଷୋଭକାରୀଙ୍କ ସ୍ଲୋଗାନ ମଧ୍ୟ ଶୁଣିବାକୁ ମିଳିଥିଲା।

୨୦୧୬ରେ ଅଶାନ୍ତି ଓ ଅପରାଧକୁ ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିବା ଟ୍ରମ୍ପ୍ ଏହାକୁ ପାଳନ କରିବାରେ ବିଫଳ ହୋଇଥିବା ବିରୋଧୀ ଅଭିଯୋଗ ଆଣୁଛନ୍ତି। ଏହାସତ୍ତ୍ୱେ ଟ୍ରମ୍ପ୍ କହିଛନ୍ତି, ଡେମୋକ୍ରାଟିକ୍ ନୋମିନି ବିଡେନଙ୍କ ଆମେରିକାରେ କେହି ସୁରକ୍ଷିତ ରହିବେ ନାହିଁ। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କୁ ଏହାର ଜବାବ ଦେବାରେ ବିଳମ୍ବ ନ କରି ବିଡେନ୍ ଟୁଇଟ୍ କଲେ, ନିଜ ଆଖପାଖରେ ଦେଖନ୍ତୁ ଓ ନିଜକୁ ପ୍ରଶ୍ନ କରନ୍ତୁ ଯେ, ଟ୍ରମ୍ପ୍‌ଙ୍କ ଆମେରିକାରେ ଆପଣମାନେ କେତେ ସୁରକ୍ଷିତ ମଣୁଛନ୍ତି। ଇତିମଧ୍ୟରେ କରୋନା ଭାଇରସ୍ ସଂକ୍ରମଣ ଦୃଷ୍ଟିରୁ ଦୁଇ ପ୍ରମୁଖ ରାଜନୈତିକ ଦଳ ନିଜ ନିଜ କନ୍‌ଭେନଶନ ବଢ଼ାଇଦେଇଛନ୍ତି ଏବଂ ଅଧିକାଂଶ ଇଭେଣ୍ଟ ଭର୍ଚୁଆଲ ହେଉଛି। ଜରୁରୀ ସ୍ୱାସ୍ଥ୍ୟ ସତର୍କତାକୁ ଧ୍ୟାନରେ ରଖି ରାଲି କରାଯାଉଥିବା ଟ୍ରମ୍ପ୍‌ଙ୍କ କ୍ୟାମ୍ପେନ ଟିମ୍ କହିଛି।

### ବିଧିବଦ୍ଧ ଭାବେ ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ହେଲେ



“ଅରାଜକତା ଓ କଠୋରପନ୍ଥୀ ତତ୍ତ୍ୱ ବିରୋଧରେ ମୁଁ ପ୍ରାଚୀର ସଦୃଶ ଛିଡ଼ା ହୋଇଛି। ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନ୍ ବିଜୟୀ ହେଲେ ଆମେରିକାରେ ସଙ୍କଟ ଆହୁରି ଜଟିଳ ହେବ।

-ଡୋନାଲ୍ଡ ଟ୍ରମ୍ପ୍
ରିପବ୍ଲିକାନ୍ ପାର୍ଟି ରାଷ୍ଟ୍ରପତି ପ୍ରାର୍ଥୀ



“ଡୋନାଲ୍ଡ ଟ୍ରମ୍ପ୍ କହୁଛନ୍ତି ମୁଁ ଜିତିଲେ ଆପଣମାନେ ଅସୁରକ୍ଷିତ ହୋଇଯିବେ। ତେବେ ଟ୍ରମ୍ପ୍‌ଙ୍କ ଆମେରିକାରେ ଆପଣମାନେ କେତେ ସୁରକ୍ଷିତ ମଣୁଛନ୍ତି ତାହା ନିଜ ଆଖପାଖକୁ ଅନୁଧ୍ୟାନ କରି ନିଜକୁ ପ୍ରଶ୍ନ କରନ୍ତୁ।

-ଜୋ ବିଡେନ୍
ଡେମୋକ୍ରାଟିକ୍ ପାର୍ଟି ରାଷ୍ଟ୍ରପତି ପ୍ରାର୍ଥୀ

“ଆମେରିକୀୟଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା କଥା ବୁଝିବାକୁ ପରିପକ୍ୱ ଟ୍ରମ୍ପ୍ ଅସମର୍ଥ। ତାଙ୍କ ଘମଣ୍ଡ ଭାଙ୍ଗିବା ପାଇଁ ରିପବ୍ଲିକାନ୍ ନ୍ୟାସନାଲ୍ କନ୍‌ଭେନ୍‌ଶନ କରାଯାଇଥିଲା।

-କମଲା ହାରିସ୍
ଡେମୋକ୍ରାଟିକ୍ ପାର୍ଟି ଉପରାଷ୍ଟ୍ରପତି ପ୍ରାର୍ଥୀ




## ଆଗରେ ବଡ଼ ଚ୍ୟାଲେଞ୍ଜ




କୋଭିଡ୍-୧୯ ଯୋଗୁ ଆମେରିକାରେ ୧୮୦,୦୦୦ ଲୋକ ପ୍ରାଣ ହରାଇଲେଣି, ଯାହାକି ବିଶ୍ୱରେ ସର୍ବାଧିକ। ଅର୍ଥନୀତି ବହୁଳ ଭାବେ ପ୍ରଭାବି ହୋଇ ବେକାରି ସଂଖ୍ୟା ବଢ଼ିଚାଲିଛି। ଏସବୁ ଭିତରେ କୃଷ୍ଣକାୟଙ୍କ ପ୍ରତି ପୋଲିସର କ୍ରମାଗତ ବର୍ବରତା ଟ୍ରମ୍ପ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବର୍ତ୍ତମାନ ସୁଦ୍ଧା ଆସିଥିବା ଓପିନିୟନ୍ ପୋଲ୍ ପରିଣାମ ଟ୍ରମ୍ପ୍‌ଙ୍କୁ ନିରାଶ କରିଛି। କରୋନା ମହାମାରୀକୁ ନେଇ ଅଧିକାଂଶ ଲୋକ ଟ୍ରମ୍ପ୍‌ଙ୍କ ନୀତିଗୁଡ଼ିକୁ ସମାଲୋଚନା କରିଛନ୍ତି। ଟ୍ରମ୍ପ୍‌ଙ୍କଠାରୁ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନ ଆଗରେ ଥିବା ଅଧିକାଂଶ ସର୍ଭେରୁ ଜଣାପଡ଼ିଛି। ଏହାସତ୍ତ୍ୱେ ରିପବ୍ଲିକାନ୍ ଭୋଟରଙ୍କ ମଧ୍ୟରେ ଟ୍ରମ୍ପ୍ ନିଜ ଲୋକପ୍ରିୟତା ବଜାୟ ରଖିଛନ୍ତି।

## କଂଗ୍ରେସ ଏମ୍‌ପି ବସନ୍ତକୁମାରଙ୍କର କରୋନାରେ ମୃତ୍ୟୁ



**ଚେନ୍ନାଇ, ୨୮।୮:** ତାମିଲନାଡୁ କନ୍ୟାକୁମାରୀର କଂଗ୍ରେସ ଏମ୍‌ପି ଏଚ. ବସନ୍ତକୁମାରଙ୍କର କରୋନାରେ ମୃତ୍ୟୁ ଘଟିଛି। ଏହି ୭୦ ବର୍ଷୀୟ ନେତାଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗତ ୧୦ ତାରିଖରେ ସେ ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ନିମୋନିଆ ଯୋଗୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ପୂର୍ବରୁ ବସନ୍ତକୁମାର ଦୁଇଥର ବିଧାୟକ ହୋଇଥିଲେ। ସେ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ମଧ୍ୟ ଥିଲେ।

## ‘ଜଳବାୟୁ ପରିବର୍ତ୍ତନରେ ଭାରତ ସୁପରପାୱାର ହୋଇପାରିବ’

**ନୂଆଦିଲ୍ଲୀ/ନ୍ୟୁୟର୍କ, ୨୮।୮:** ଆଗାମୀ ଦିନରେ ଭାରତ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସୁପର ପାୱାର ହୋଇପାରିବ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଶୁକ୍ରବାର କହିଛନ୍ତି। ଏଥିଲାଗି ଜୀବାଶ୍ମ ଇନ୍ଧନକୁ ଛାଡ଼ି ସ୍ୱଚ୍ଛତା, ସୌରଶକ୍ତି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ନ୍ୟୁୟର୍କରେ ଟେରୀ’ର ଏକ କାର୍ଯ୍ୟକ୍ରମରେ ଭର୍ଚୁଆଲ ଭାବେ ଯୋଗଦେଇ ଭାରତ ସମେତ ସମସ୍ତ ଜି-୨୦ ରାଷ୍ଟ୍ର ଏଥିଲାଗି ଯତ୍ନବାନ ହେବାକୁ ଗୁଟେରେସ୍ ପରାମର୍ଶ ଦେଇଛନ୍ତି। ଏବେ ଜଳବାୟୁ ପରିବର୍ତ୍ତନ ଓ ମହାମାରୀ କରୋନା ସମସ୍ୟା ହୋଇ ଛିଡ଼ାହୋଇଛି।

**ଏନ୍‌ଇଇଟି, ଜେଇଇ ବାତିଲ ଦାବି**

# ସୁପ୍ରିମକୋର୍ଟ ଗଲେ ୬ ରାଜ୍ୟ

**ନୂଆଦିଲ୍ଲୀ, ୨୮।୮**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ଏବଂ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)କୁ ବାତିଲ କରିବା ଦାବିରେ ୬ଟି ଅଣଭାଜପା ଶାସିତ ରାଜ୍ୟର ମନ୍ତ୍ରୀମାନେ ଶୁକ୍ରବାର ମିଳିତ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକ ହେଲେ ପଶ୍ଚିମବଙ୍ଗ, ପଞ୍ଜାବ, ମହାରାଷ୍ଟ୍ର, ରାଜସ୍ଥାନ, ଛତିଶଗଡ଼ ଓ ଝାଡ଼ଖଣ୍ଡ। ଏନ୍‌ଇଇଟି-ୟୁଜି ଏବଂ ଜେଇଇ ସେପ୍ଟେମ୍ବରରେ ହେବାକୁ ଥିବାବେଳେ ଏହା ଉପରେ ହସ୍ତକ୍ଷେପ କରିବାକୁ ଗତ ୧୭ ତାରିଖରେ ସର୍ବୋଚ୍ଚ ଅଦାଲତ ମନା କରିଦେଇଥିଲେ। ମହାମାରୀ ସହିତ ଚଳିବାକୁ ହେବ ବୋଲି ଅଦାଲତ କହିଥିଲେ।

ଅଦାଲତଙ୍କ ଏହି ରାୟର ପୁନର୍ବିଚାର ଲାଗି ଉପରୋକ୍ତ ରାଜ୍ୟଗୁଡ଼ିକ ପକ୍ଷରୁ ଆବେଦନ କରାଯାଇଛି। ଏନ୍‌ଇଇଟି/ଜେଇଇ ପରୀକ୍ଷା ଦେବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା, ନିରାପତ୍ତା ଏବଂ ବଞ୍ଚିବା ଅଧିକାରକୁ ସୁନିଶ୍ଚିତ କରିବା ଲାଗି ପରୀକ୍ଷା ବାତିଲ ହେବା ଆବଶ୍ୟକ ବୋଲି ମନ୍ତ୍ରୀମାନେ ସେମାନଙ୍କ ରିଭ୍ୟୁ ପିଟିଶନରେ ଉଲ୍ଲେଖ କରିଛନ୍ତି। ମହାମାରୀ ବେଳେ ଲକ୍ଷ ଲକ୍ଷ ପିଲାଙ୍କ ଯାତାୟାତ, ରହିବା ଆଦି ପାଇଁ ପର୍ଯ୍ୟାପ୍ତ ଆବଶ୍ୟକତା ପୂରଣ କରିବା ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି। ପଶ୍ଚିମବଙ୍ଗର ଆଇନମନ୍ତ୍ରୀ ମାଲୋକ ଘଟକ, ଝାଡ଼ଖଣ୍ଡ ଅର୍ଥମନ୍ତ୍ରୀ ରାମେଶ୍ୱର ଓରାଓଁ, ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ରଘୁ ଶର୍ମା, ଛତିଶଗଡ଼ର ଖାଦ୍ୟ ମନ୍ତ୍ରୀ ଅମରଜିତ ଭଗତ, ପଞ୍ଜାବ ସ୍ୱାସ୍ଥ୍ୟମନ୍ତ୍ରୀ ବଲବୀର ସିଂ ସିଦ୍ଧୁ ଏବଂ ମହାରାଷ୍ଟ୍ର ଶିକ୍ଷାମନ୍ତ୍ରୀ ଉଦୟ ଆର୍. ସାମନ୍ତ ଏହି ରିଭ୍ୟୁ ପିଟିଶନ ଦାଏର କରିଛନ୍ତି। ଜେଇଇ ଏବଂ ଏନ୍‌ଇଇଟି ପରୀକ୍ଷା ସ୍ଥଗିତ ରଖିବା ଲାଗି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କଙ୍କୁ ପତ୍ର ଲେଖିଛନ୍ତି।

## ‘ଛାତ୍ରୀଛାତ୍ରଙ୍କ କଥା ସରକାର ଶୁଣନ୍ତୁ’

**ନୂଆଦିଲ୍ଲୀ, ୨୮।୮**



ସୋନିଆ ଗାନ୍ଧୀ

କରୋନାଜନିତ ସଙ୍କଟ ସମୟରେ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଲାଗି ଜାତୀୟ ପ୍ରବେଶିକା ପରୀକ୍ଷା କରାଇବା ଉପରେ ଛାତ୍ରୀଛାତ୍ର ଚିନ୍ତାବ୍ୟକ୍ତ କରିଛନ୍ତି। ସରକାର ସେମାନଙ୍କ ଅଭିଯୋଗ ଶୁଣିବା ଆବଶ୍ୟକ ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର ଏକ ଭିଡିଓ ବାର୍ତ୍ତା ଟୁଇଟ୍ କରି କହିଛନ୍ତି। କରୋନା ମହାମାରୀ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବା ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖାଯିବାକୁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଚାହୁଁଛନ୍ତି। ମହାମାରୀ ଯୋଗୁ ପିଲାମାନେ କଠିନ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ପିଲାମାନଙ୍କ ପରୀକ୍ଷା କେବେ ଏବଂ କେଉଁଠି ହେବ ତାହା କେବଳ ସେମାନଙ୍କ ପାଇଁ ନୁହେଁ ସେମାନଙ୍କ ପରିବାର ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ସୋନିଆ କହିଛନ୍ତି। ପିଲାମାନେ ଦେଶର ଭବିଷ୍ୟତ। ଉନ୍ନତ ଭାରତ ନିର୍ମାଣ ଲାଗି ଆମେ ସେମାନଙ୍କ ଉପରେ ନିର୍ଭରଶୀଳ। ତେଣୁ ପିଲାଙ୍କ ଭବିଷ୍ୟତକୁ ନେଇ ଯେକୌଣସି ନିଷ୍ପତ୍ତି ସେମାନଙ୍କ ସହମତିରେ ହେବା ଜରୁରୀ। ସରକାର ଛାତ୍ରୀଛାତ୍ରଙ୍କ ମତାମତ ଶୁଣିବେ ବୋଲି ସେ ଆଶା କରୁଥିବା କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି।

## ଏମ୍‌ପିଙ୍କର ହେବ କୋଭିଡ୍ ପରୀକ୍ଷା

**ନୂଆଦିଲ୍ଲୀ, ୨୮।୮(ପି.ଟି.)**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାର ଅନ୍ୟୁନ ୭୨ ଘଣ୍ଟା ପୂର୍ବରୁ ଏମ୍‌ପିମାନେ ନିଜର କୋଭିଡ୍ ପରୀକ୍ଷା କରାଇନେବାକୁ ସେମାନଙ୍କୁ ଅନୁରୋଧ କରାଯିବ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଶୁକ୍ରବାର କହିଛନ୍ତି। ମୌସୁମୀ ଅଧିବେଶନ ସେପ୍ଟେମ୍ବର ୧୪ରୁ ଆରମ୍ଭ ହୋଇ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିପାରେ। କେବଳ ଏମ୍‌ପିମାନେ ନୁହନ୍ତି, ଅଧିବେଶନ ସମୟରେ ପାର୍ଲାମେଣ୍ଟ ପରିସରକୁ ଯିବାକୁ ଥିବା ବିଭିନ୍ନ ମନ୍ତ୍ରଣାଳୟର ଅଫିସର, ଲୋକ ସଭା ଓ ରାଜ୍ୟ ସଭା ସଚିବାଳୟର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ କୋଭିଡ୍ ପରୀକ୍ଷା କରାଇନେବାକୁ କୁହାଯିବ। ମହାମାରୀକୁ ଦୃଷ୍ଟିରେ ରଖି ଅଧିବେଶନର ବ୍ୟବସ୍ଥା ଚୂଡ଼ାନ୍ତ କରିବା ଲାଗି ବାଚସ୍ପତି ଶୁକ୍ରବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଆଇସିଏମ୍‌ଆର୍, ଏମ୍ସ, ଡିଆର୍‌ଡିଓ ଏବଂ ଦିଲ୍ଲୀ ସରକାରଙ୍କ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ବିହାର ନିର୍ବାଚନ ସ୍ଥଗିତ ରଖିବା ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୮।୮(ପି.ଟି.)**

କରୋନା ମହାମାରୀ ପାଇଁ ବିହାର ବିଧାନସଭା ନିର୍ବାଚନ ସ୍ଥଗିତ ରଖିବା ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ନିର୍ବାଚନ ସ୍ଥଗିତ ରଖିବା ପାଇଁ କୋଭିଡ୍-୧୯ କାରଣ ହୋଇ ନ ପାରେ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇ ନ ଥିବାବେଳେ ଏଭଳି ପିଟିଶନ ଅପରିପକ୍ୱ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ନିର୍ବାଚନ ସମ୍ପର୍କିତ ସବୁ ନିଷ୍ପତ୍ତି ନିର୍ବାଚନ କମିଶନ (ଇସି) ନେବେ ବୋଲି ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଆର୍.ଏସ୍. ରେଡ୍ଡୀ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଅସାଧାରଣ ସ୍ଥିତିରେ ନିର୍ବାଚନ ସ୍ଥଗିତ ରଖିବା ବ୍ୟବସ୍ଥା ଜନପ୍ରତିନିଧି ଆଇନରେ ରହିଛି। କରୋନା ସଙ୍କଟ କାରଣରୁ ବିହାର ନିର୍ବାଚନ ସ୍ଥଗିତ ରଖିବା ଲାଗି ମୁଖ୍ୟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଅବିନାଶ ଠାକୁର ଆବେଦନ କରିଥିଲେ। ନିର୍ବାଚନ ସ୍ଥଗିତ ରଖିବା ସମ୍ପର୍କରେ ଇସି ନିଷ୍ପତ୍ତି ନେବେ। ଏଥିପାଇଁ ଅଦାଲତ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ବିହାର ନିର୍ବାଚନ ଠିକ୍ ସମୟରେ ହେବା ନେଇ ପଥ ପରିଷ୍କାର ହୋଇଯାଇଛି।

ସୂଚନାଯୋଗ୍ୟ କରୋନା ଆଳରେ ନିର୍ବାଚନକୁ ସ୍ଥଗିତ ରଖିବା ଲାଗି ବିହାରର ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। ଏପରିକି ଏନ୍‌ଡିଏର ସହଯୋଗୀ ଦଳ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ ଚିରାଗ ପାଶ୍ୱାନ ମଧ୍ୟ ନିର୍ବାଚନ ଘୁଞ୍ଚାଯିବା ଚାହାନ୍ତି।

## ରିଆଙ୍କୁ ୧୦ ଘଣ୍ଟା ଜେରା

**ମୁମ୍ବାଇ, ୨୮।୮**

ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କୁ ଶୁକ୍ରବାର ପ୍ରଥମ ଥର ଲାଗି ସିବିଆଇ ପକ୍ଷରୁ ୧୦ ଘଣ୍ଟା ମାରାଥନ ଜେରା କରାଯାଇଛି। ମୁମ୍ବାଇର ସାନ୍ତାକ୍ରୁଜ୍‌ସ୍ଥିତ ଡିଆର୍‌ଡିଓ ଗେଷ୍ଟହାଉସ୍‌ରେ ରିଆ ପୂର୍ବାହ୍ନ ୧୦.୩୦ରେ ପହଞ୍ଚିବା ପରେ ତାଙ୍କୁ ସିବିଆଇର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଥିଲା। ରିଆଙ୍କୁ ସିବିଆଇ ପକ୍ଷରୁ ପ୍ରଶ୍ନ କରାଯାଇଥିଲା ଯେ, ସୁଶାନ୍ତ ସିଂଙ୍କ ସହ କେବେଠାରୁ ଓ କିପରି ସମ୍ପର୍କ ସ୍ଥାପନ ହୋଇଥିଲା, ୟୁରୋପ ଗସ୍ତବେଳେ କ’ଣ ହୋଇଥିଲା, କେବେ ସୁଶାନ୍ତଙ୍କୁ ସେ ଚିକିତ୍ସା ଲାଗି ନେଇଥିଲେ, ସୁଶାନ୍ତଙ୍କ ବାପା କେ. କେ. ସିଂଙ୍କ ଫୋନ୍ କଲ୍‌କୁ ସେ କାହିଁକି ଧରି ନ ଥିଲେ, ସୁଶାନ୍ତଙ୍କଠାରୁ ଜୁନ୍ ୮ରେ କାହିଁକି ପଳାଇଥିଲେ, ତାଙ୍କ ମେସେଜ୍‌କୁ ଅଣଦେଖା କରି ନମ୍ବର ବ୍ଲକ୍ କରିଥିଲେ, ସୁଶାନ୍ତଙ୍କ ଡେବିଟ୍ କାର୍ଡ ଓ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ପିନ୍ କିପରି ପାଇଥିଲେ, ସୁଶାନ୍ତଙ୍କ ମୃତ୍ୟୁ ଖବର କେବେ ଓ କେଉଁଠାରେ ପାଇଥିଲେ, ସୁଶାନ୍ତଙ୍କ ଫ୍ଲାଟ୍‌କୁ ତା’ପରେ ସେ ଆସିଥିଲେ କି ନାହିଁ, କୁପର ହସ୍ପିଟାଲରେ କେବେଯାଇ ସୁଶାନ୍ତଙ୍କ ମୃତଦେହ ଦେଖିଥିଲେ, ଡ୍ରଗ୍ ଚାର୍ଟ ଓ ଟଙ୍କା ଠକେଇର ରହସ୍ୟ କ’ଣ, ସୁଶାନ୍ତଙ୍କୁ କେବେଠାରୁ ସିଦ୍ଧି ଡ୍ରଗ୍ସ ଦେଉଥିଲେ ଓ କାହିଁକି, ଡ୍ରଗ୍ସ ସମ୍ପର୍କରେ ଭାଇ ସୌଭିକ୍ ଜାଣିଥିଲେ କି ନାହିଁ, ସୁଶାନ୍ତଙ୍କ କମ୍ପାନୀରେ ସୌଭିକ୍ ଅଂଶୀଦାର ଥିଲେ କି ନାହିଁ, ଡିପ୍ରେସନ ଓ ଡ୍ରଗ୍ସ ସମ୍ପର୍କରେ ସୁଶାନ୍ତଙ୍କ ପରିବାରକୁ ଜଣାଇଥିଲେ କି ନାହିଁ, ସ୍ୱାର୍ଥ ଓ ଅର୍ଥ ଲାଗି ସୁଶାନ୍ତଙ୍କ ଉପରେ ନିର୍ଭର କରୁଥିଲେ କି ନାହିଁ ଇତ୍ୟାଦି। ରିଆ ଏହାର କିଛି ଉତ୍ତର ରଖିଥିବା ଜଣାପଡ଼ିଛି।



# ସୀମାରେ ଚାଇନାର ୫ଜି ଭିତ୍ତିଭୂମି

**ନୂଆଦିଲ୍ଲୀ,୨୮।୮(ଆଇଏଏନ୍‌ଏସ୍)**

ଭାରତ-ଚାଇନା ସୀମା ବିବାଦ ଲାଗି ରହିଥିବାବେଳେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ବେଜିଂ ପଞ୍ଚମ ପିଢ଼ି ୱାୟରଲେସ୍ ଟେକ୍ନୋଲୋଜି ୫ଜି ଭିତ୍ତିଭୂମି ପ୍ରତିଷ୍ଠା କରିଛି। ସମ୍ପୃକ୍ତ ଅଞ୍ଚଳରେ ଚାଇନା ଫାଇବର ଅପ୍ଟିକ୍ସ କେବୁଲ ବିଛାଇବା ସହ ଅନ୍ୟ ଉପକରଣ ଇନ୍‌ଷ୍ଟଲ କରିଛି। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟମାନେ ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ ବାରାକ୍ ଓ ଅନ୍ୟାନ୍ୟ ନିର୍ମାଣରେ ନିୟୋଜିତ ଥିବା ଦେଖିବାକୁ ମିଳିଛି, ଯାହାକି ଭାରତ ପାଇଁ ଚିନ୍ତାର କାରଣ ହୋଇଛି।




ଡେମଚୋକ୍‌ରେ ଭିତ୍ତିଭୂମି ନିର୍ମାଣର ଉପଗ୍ରହ ଚିତ୍ର

ଗତ ମେ’ ପ୍ରାରମ୍ଭରେ ସୀମାରେ ଭାରତ-ଚାଇନା ମୁହାଁମୁହିଁ ହୋଇଥିଲେ। ଜୁନ୍ ୧୫ରେ ଲଦାଖର ଗଲୱାନ ଉପତ୍ୟକାରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିବାବେଳେ ଚାଇନାର କେତେ ସୈନ୍ୟ ମୃତାହତ ହୋଇଥିଲେ ତାହା ଅଦ୍ୟାବଧି ଜଣାପଡ଼ିନାହିଁ। ବିଭିନ୍ନ ପର୍ଯ୍ୟାୟରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯାଇ ସେନା ପ୍ରତ୍ୟାହାର ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଅଗଷ୍ଟ ପ୍ରଥମ ସପ୍ତାହରେ ଏଲ୍‌ଏସି ସଂଲଗ୍ନ ବିବାଦୀୟ ଅଞ୍ଚଳ ଡେମଚୋକ୍‌ରେ ଚାଇନା ପକ୍ଷରୁ ୫ଜି ନେଟ୍‌ୱର୍କ ପାଇଁ ଭିତ୍ତିଭୂମି ନିର୍ମାଣ କରାଯାଉଥିବା ଭାରତର ଗୋଇନ୍ଦା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଥିଲେ। ସେଠାରେ ନୂଆ ସ୍ପେକ୍ଟ୍ରମ୍ ବ୍ୟାଣ୍ଡୱିଥ୍‌ସ ନିର୍ମାଣ ସହ ସେଲୁଲାର ଟ୍ରାନ୍ସମିଶନ ଟେକ୍ନୋଲୋଜି ବିକାଶ କରାଯାଉଥିବା ଜଣାପଡ଼ିଛି। ଚାଇନା ସୈନ୍ୟ ପଛଘୁଞ୍ଚା ଦେବା ଆରମ୍ଭ କରିଥିଲେ ମଧ୍ୟ ପାଙ୍ଗୋଙ୍ଗ୍ ହ୍ରଦ ନିକଟବର୍ତ୍ତୀ ଅଞ୍ଚଳରେ ନୂଆ ନିର୍ମାଣ କରାଯାଇଛି। ଦୁଇଦେଶ ମଧ୍ୟରେ ସୀମା ବିବାଦକୁ ନେଇ ଆଲୋଚନା ଜାରି ରହିଥିବାବେଳେ ଏସବୁ ଦେଖିବାକୁ ମିଳିଛି। ଏହାକୁ ନେଇ ଗୋଇନ୍ଦା ସଂସ୍ଥାଗୁଡ଼ିକ ସେନାକୁ ସତର୍କ କରାଇଛନ୍ତି।

## ୪ ସୁଦ୍ଧା ସାମରିକ କାର୍ଯ୍ୟାନୁଷ୍ଠାନ

**ଟାଇୱାନକୁ ଆକ୍ରମଣ ଧମକ ଦେଲା ଚାଇନା**

**ତାଇପେଇ/ନୂଆଦିଲ୍ଲୀ,୨୮।୮ (ଆଇଏଏନ୍‌ଏସ୍)**

ସେପ୍ଟେମ୍ବର ୪ ତାରିଖ ସୁଦ୍ଧା କୌଣସି ସମୟରେ ତାଇୱାନର ଉତ୍ତର ଭାଗରେ ଆକ୍ରମଣ ହେବ ବୋଲି ଶୁକ୍ରବାର ଚାଇନା ଧମକ ଦେଇଛି। ଗଣତାନ୍ତ୍ରିକ ଦ୍ୱୀପରାଷ୍ଟ୍ର ଉପରେ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନ କଲେ ପରିଣାମ ଭୟାବହ ହେବ ବୋଲି ତାଇପେଇ ଚେତାବନୀ ଦେଇଛି।

ଶି ଜିନ୍‌ପିଙ୍ଗ୍ ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସରେ ଉଲ୍ଲେଖ କରାଯାଇଛି ଯେ, ଚାଇନାର ସାମୁଦ୍ରିକ ନିରାପତ୍ତା ପ୍ରଶାସନ ଶୁକ୍ରବାରଠାରୁ ସେପ୍ଟେମ୍ବର ୪ ଭିତରେ ବୋହାଇ ପ୍ରଣାଳୀ ଓ ୟଲୋ ସି ମଧ୍ୟରେ ସେନା କାର୍ଯ୍ୟାନୁଷ୍ଠାନ ନେବ। ଏଥିରେ ଆହୁରି ଦାବି କରାଯାଇଛି ଯେ, ବେଜିଂ ପକ୍ଷରୁ ‘ନୋ ଫ୍ଲାଇଂ ଜୋନ୍’ ଭାବେ ଘୋଷିତ ବୋହାଇ ସାଗରର ଉତ୍ତର ଉପକୂଳରେ ମଙ୍ଗଳବାର ସମରାଭ୍ୟାସ ବେଳେ ଆମେରିକାର ସ୍ପାଏ ପ୍ଲେନ୍ ୟୁ-୨ ପଶିଆସିଥିଲା। ଚାଇନା ପକ୍ଷରୁ ତାକୁ ଧ୍ୱଂସ କରାଯାଇଛି।

**'ଜଳବାହିତ ରୋଗ ପ୍ରତି ସତର୍କ ରୁହ'**

ଭୁବନେଶ୍ୱର,୨୮।୮(ବ୍ୟୁରୋ): କରୋନା ମହାମାରୀ କେବଳ ବନ୍ୟା ପରିସ୍ଥିତି ଦେଖାଦେବା ପରେ ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ତତ୍ପରତା ଦେଖାଇଛନ୍ତି। ଜଳବାହିତ ରୋଗ ପ୍ରତି ସତର୍କ ରହିବା ପାଇଁ ଲୋକଙ୍କୁ ପରାମର୍ଶ ଦେବା ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ୨୪ ଘଣ୍ଟିଆ ଜରୁରୀ ସେବା ପ୍ରଦାନ ଔଷଧ ଓ ବିଶୋଧନ ମହଜୁଦ ରଖିବା ପାଇଁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟଗତ ଜରୁରିକାଳୀନ ପରିସ୍ଥିତି ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଆବଶ୍ୟକ ସାପକାମୁଡ଼ା ଇଞ୍ଜେକ୍ସନ, ଓଆର୍‌ଏସ୍‌, ଡାଇରିଆ ପାଇଁ ଔଷଧ ମହଜୁଦ ରଖିବା ଲାଗି ମନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ରାଜ୍ୟପାଳଙ୍କୁ ସିଏଜି ରିପୋର୍ଟ ପ୍ରଦାନ

ଭୁବନେଶ୍ୱର,୨୮।୮(ବ୍ୟୁରୋ)-ଆଗାମୀ ବିଧାନସଭାରେ ଉପସ୍ଥାପିତ ହେବାକୁ ଥିବା ସିଏଜି ରିପୋର୍ଟ ଏବଂ ରାଜ୍ୟର ଆର୍ଥିକ ସ୍ଥିତିର ଲେଖା ପରୀକ୍ଷା ଓ ବିବରଣୀକୁ ମହାଲେଖାକାର (ଅଡିଟ-୨)ବିଭୁଦତ୍ତ ବସନ୍ତିଆ ଏବଂ ସ୍ମିତି ମହାଲେଖାକାର (ଅଡିଟ-୧) ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରିଛନ୍ତି।

### ଏସ୍‌ବିଆଇର ନୂଆ ମୁଖ୍ୟ ହେବେ ଦିନେଶ ଖାରା



ନୂଆଦିଲ୍ଲୀ,୨୮।୮: ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ନୂଆ ଅଧକ୍ଷ ଭାବେ ଦିନେଶ ଖାରା ଅକ୍ଟୋବରରେ ଦାୟିତ୍ୱ ଗ୍ରହଣ କରିବେ। ବ୍ୟାଙ୍କ ବୋର୍ଡ ବ୍ୟୁରୋ(ବିବିବି) ଶୁକ୍ରବାର ଖାରାଙ୍କ ନାମକୁ ସୁପାରିସ କରିଥିବା ଜଣାପଡ଼ିଛି। ଖାରା ବର୍ତ୍ତମାନ ଏସ୍‌ବିଆଇରେ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଏସ୍‌ବିଆଇର ଅଧକ୍ଷ ଭାବେ କାର୍ଯ୍ୟ କରୁଥିବା ରଜନୀଶ କୁମାରଙ୍କ କାର୍ଯ୍ୟକାଳ ଅକ୍ଟୋବର ୭ରେ ଶେଷ ହେଉଛି। ତାଙ୍କ ପରେ ଖାରା ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି। ଏହି ପଦବୀ ଦୌଡ଼ରେ ଏସ୍‌ବିଆଇର ୪ ଏମ୍‌ଡି ରହିଥିଲେ। ଶୁକ୍ରବାର ଏଥିଲାଗି ସାକ୍ଷାତ୍‌କାର ଅନୁଷ୍ଠିତ ହୋଇଥିଲା। ଅଭିଜ୍ଞତା, ପରଫରମାନ୍ସ ଆଧାରରେ ଖାରାଙ୍କ ନାମକୁ ବିବିବି ସୁପାରିସ କରିଥିବା ବେଳେ ବ୍ୟାଙ୍କର ଏମ୍‌ଡି ସି.ଏସ୍. ସେଟ୍ଟୀଙ୍କ ନାମକୁ ବିବିବି ଏହି ପଦବୀ ଲାଗି ରିଜର୍ଭ ତାଲିକାରେ ରଖିଥିବା ଜଣାପଡ଼ିଛି।

# ସଂକ୍ରମଣ ସୀମା ଟପିଲା

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

**ଦିନକରେ ୩,୬୮୨ ପଜିଟିଭ୍ ଚିହ୍ନଟ**

- ଖୋର୍ଦ୍ଧାରେ ସର୍ବାଧିକ ୭୭୫ଜଣ ନୂଆ ଆକ୍ରାନ୍ତ
- ୯୪,୬୬୮ରେ ପହଞ୍ଚିଲା ସଂକ୍ରମଣ
- ଆଉ ୮ ଜୀବନ ଗଲା, ମୃତ୍ୟୁ ସଂଖ୍ୟା ୪୫୦ ଟପିଲା

ରାଜ୍ୟରେ କରୋନା ସଂକ୍ରମଣ ସବୁ ସୀମା ଟପିଯାଇଛି। କଟକଣା ଓ ପଦକ୍ଷେପକୁ ଡେଇଁ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଶେଷ ୨୪ ଘଣ୍ଟାରେ ନୂଆ ଆକ୍ରାନ୍ତ ପୂର୍ବର ସବୁ ରେକର୍ଡ ଭାଙ୍ଗିଛି। ୩୦ ଜିଲାରୁ ସର୍ବାଧିକ ୩,୬୮୨ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପୂର୍ବଭଳି ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୭୫ ଚିହ୍ନଟ ହୋଇଛନ୍ତି। ସେପଟେ ଦୈନିକ ସଂକ୍ରମିତ ତାଲିକାରେ ରାୟଗଡ଼ା ଜିଲା ଦ୍ୱିତୀୟ ସ୍ଥାନକୁ ଚାଲିଆସିଛି। ଏହି ଜିଲାରୁ ୪୯୫ଜଣ ଚିହ୍ନଟ ହୋଇଥିବାବେଳେ କଟକ ୩୬୯, ମୟୂରଭଞ୍ଜ ୨୭୨, ଗଞ୍ଜାମ ୧୭୪, ବରଗଡ଼ ୧୫୨, କୋରାପୁଟ ୧୪୦, ସମ୍ବଲପୁର ୧୨୮, ପୁରୀ ୧୧୫, ନୟାଗଡ଼ ୧୦୯, ଯାଜପୁର ୮୮, ବାଲେଶ୍ୱର ୮୭, ମାଲକାନଗିରି ୮୬, ବଲାଙ୍ଗୀର ୬୮, ଢେଙ୍କାନାଳ ୬୧, କେନ୍ଦୁଝର ୫୯, ଅନୁଗୋଳ ୫୬, ଭଦ୍ରକ ୫୧, ଗଜପତି ୪୮, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରୁ ୪୪ଜଣ ଲେଖାଏ, ଝାରସୁଗୁଡ଼ା ୪୩, କଳାହାଣ୍ଡି ୪୧, ନବରଙ୍ଗପୁର ୩୮, କନ୍ଧମାଳ ୩୬, ସୋନପୁର ଓ ସୁନ୍ଦରଗଡ଼ରୁ ୨୭ଜଣ ଲେଖାଏ, ନୂଆପଡ଼ା ୨୩, ବୌଦ୍ଧ ୧୪ ଏବଂ ଦେବଗଡ଼ରୁ ୧୨ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୨,୨୪୧ ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରିଥିବାବେଳେ ୧,୪୪୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ସଂକ୍ରମଣ ଏବେ ୯୪,୬୬୮ରେ ପହଞ୍ଚିଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

ରାଜ୍ୟରେ ଲଗାତର ୩ଦିନ ହେବ କରୋନା ଉପରମୁହାଁ ରହୁଥିବାବେଳେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ଉପରେ ରହୁଛି। ପ୍ରଥମ ଦିନରେ ୩୩୭୧, ଦ୍ୱିତୀୟ ଦିନରେ ୩୩୮୪ ଓ ତୃତୀୟ ଦିନରେ ୩୬୮୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ପୂର୍ବରୁ କରୋନା ହଟ୍‌ସ୍ପଟ୍ ପାଲଟିଥିବା ଗଞ୍ଜାମ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୨୦୦ରୁ କମ୍ ରହିଥିବାବେଳେ ଖୋର୍ଦ୍ଧା ଜିଲାରେ ୫୦୦ ଉପରେ ରହୁଛି। ସଂକ୍ରମଣ ଏଭଳି ଧାରା ଜାରି ରହିଲେ ଆଉ ଦୁଇଦିନରେ ଆକ୍ରାନ୍ତ ସଂଖ୍ୟା ଲକ୍ଷେ ଟପିଯିବ। ବର୍ତ୍ତମାସୁଦ୍ଧା ୧୬,୧୨,୦୯୭ ନମୁନା ପରୀକ୍ଷା ହୋଇଥିବାବେଳେ ଏହାର ମାତ୍ର ୫.୮୭% ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ଅପରପକ୍ଷରେ ରାଜ୍ୟରେ ଆଉ ୮ଜଣଙ୍କ ଜୀବନ ନେଇଛି କରୋନା ମହାମାରୀ। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାରୁ ୨ଜଣ ଲେଖାଏ ଥିବାବେଳେ ବରଗଡ଼, ଭଦ୍ରକ, ବଲାଙ୍ଗୀର ଓ ରାୟଗଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୫୬କୁ ବୃଦ୍ଧି ପାଇଛି।

### କରୋନା ସଂକ୍ରମଣ ସ୍ଥିତି
ଶୁକ୍ରବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୪୭,୪୨,୪୭୨ | ୮,୩୭,୮୨୨ | ୧,୭୧,୮୬,୩୨୦ |
| ଭାରତ | ୩୪,୫୪,୫୧୩ | ୬୨,୬୬୯ | ୨୬,୪୦,୧୨୧ |
| ଓଡ଼ିଶା | ୯୪,୬୬୮ | ୪୫୬(+୫୩) | ୬୫,୩୨୩ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଯାଜପୁର ଜିଲାରେ ୨୯ ଘାଇ



ରସୁଲପୁର ବ୍ଲକ ବନ୍ଧଡ଼ିହ ପଞ୍ଚାୟତର ବ୍ରାହ୍ମଣୀ ନଦୀବନ୍ଧରେ ୧୫୦ ଫୁଟର ଘାଇ ହେବା ପରେ କାଣ୍ଡିଆ ସାହି ଅଞ୍ଚଳ ଜଳମଗ୍ନ।

ଯାଜପୁର ଅଫିସ,୨୮।୮

**ବ୍ରାହ୍ମଣୀ, ବୈତରଣୀରେ ବନ୍ୟା**

- ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ
- କାନ୍ଥ ପଡ଼ି ଜଣେ ଶିଶୁକନ୍ୟା ମୃତ
- ଦୁଇ ମହଲା କୋଠା ଭୁଶୁଡ଼ିଲା

ବ୍ରାହ୍ମଣୀ, ବୈତରଣୀ ଏବଂ ଏହାର ଶାଖା ନଦୀଗୁଡ଼ିକ ଦ୍ୱାରା ଯାଜପୁର ଜିଲାରେ ବନ୍ୟା ସୃଷ୍ଟି ହୋଇଛି। ଶୁକ୍ରବାର ୨୯ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ବ୍ୟାପକ ଅଞ୍ଚଳକୁ ଜଳମଗ୍ନ କରିଛି। ରାସ୍ତା ଧୋଇ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ୨୯ଟି ଘାଇ ମଧ୍ୟରୁ ବରୀ ବ୍ଲକର ୧୦, ରସୁଲପୁର ବ୍ଲକର ୭, ଯାଜପୁର ବ୍ଲକର ୫, ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ୩ ଲେଖାଏ ଏବଂ ସୁକିନ୍ଦା ବ୍ଲକର ଗୋଟିଏ ରହିଛି। ନଦୀବନ୍ଧ ନିର୍ମାଣ ଓ ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବା ଯୋଗୁ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ଧନଜୀବନ ହାନି ଘଟିଛି ବୋଲି ବନ୍ୟା ବିପନ୍ନମାନେ ଅଭିଯୋଗ କରୁଛନ୍ତି। ବନ୍ୟାଯୋଗୁ ଘରକାନ୍ଥ ପଡ଼ି ଯାଜପୁର ବ୍ଲକ ପଣସା ପଞ୍ଚାୟତ ବେହେରାପାଟଣା ଗ୍ରାମର ଅମର ମାଝିଙ୍କ ୩ ମାସର ଶିଶୁକନ୍ୟା ଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଛି। ସେହିପରି ରସୁଲପୁର ବ୍ଲକ ବନ୍ଧଡ଼ିହ ପଞ୍ଚାୟତର କାଣ୍ଡିଆ ସାହି ନିକଟରେ ବ୍ରାହ୍ମଣୀ ନଦୀବନ୍ଧରେ ୧୫୦ ଫୁଟର ଘାଇ ସୃଷ୍ଟି ହେବା ପରେ ୨ମହଲା ବିଶିଷ୍ଟ ଏକ କୋଠା ଭୁଶୁଡ଼ି ପଡ଼ିଛି। ବନ୍ୟାଯୋଗୁ ୧୦ ବ୍ଲକର ୧୨୪ ପଞ୍ଚାୟତର ୫୩୦ ଗ୍ରାମର ୪,୩୭,୦୧୪ ଲୋକ ଏବଂ ୨,୮୬,୩୨୭ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ୨୪,୦୯୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୧୨୭ଟି ରିଲିଫ୍ କେନ୍ଦ୍ରରେ ଥଇଥାନ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୯ ଡଙ୍ଗା, ୧୨ ଅଗ୍ନିଶମ ଦଳ ଓ ୨ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ପ୍ରଭାବିତ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୪୧୨ କୁଇଣ୍ଟାଲ ଚୁଡ଼ା ଓ ୪୦ କୁଇଣ୍ଟାଲ ଗୁଡ ସହ ୫୨୨ ରୋଲ ପଲିଥିନ ବଣ୍ଟନ କରାଯାଇଛି।

### ନଭେମ୍ବରକୁ ଘୁଞ୍ଚିଲା ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା

କଟକ ଅଫିସ୍,୨୮।୮

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଚଳିତ ବର୍ଷର ସିଭିଲ୍ ସର୍ଭିସ୍ ମୁଖ୍ୟ ପରୀକ୍ଷା ଅକ୍ଟୋବର ବଦଳରେ ନଭେମ୍ବରରେ ହେବ। ଶୁକ୍ରବାର ଏନେଇ ନୋଟିସ୍ ଜାରି କରାଯାଇଛି। କରୋନା ଯୋଗୁ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର କଟକଣା ଜାରି କରାଯାଇଛି। ଏଣୁ ମୁଖ୍ୟ ଲିଖିତ ପରୀକ୍ଷାକୁ ଅକ୍ଟୋବର ବଦଳରେ ନଭେମ୍ବରରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ପିଜି ନାମଲେଖା ଆବେଦନ ଅବଧି ବଢ଼ିଲା

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ପିଜି ପାଠ୍ୟକ୍ରମରେ ନାମଲେଖା ପାଇଁ କମନ ଏଣ୍ଟ୍ରାନ୍ସ ଟେଷ୍ଟ ଆବେଦନର ଅବଧିକୁ ବୃଦ୍ଧି କରାଯାଇଛି। ସେପ୍ଟେମ୍ବର ୧୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ପୂର୍ବରୁ ଆବେଦନର ଶେଷ ତାରିଖ ଅଗଷ୍ଟ ୩୧ ଥିଲା। ଛାତ୍ରୀଛାତ୍ରମାନେ www.samsodisha.gov.in ମାଧ୍ୟମରେ ଆବେଦନ କରିପାରିବେ। ସେହିଭଳି ପୂର୍ବରୁ ଇ-ସ୍ପେସ୍‌ରେ ହଲ୍ ଟିକେଟ୍ ଉପଲବ୍ଧ ହେବାର ତାରିଖ ସେପ୍ଟେମ୍ବର ୨୦ ଥିବାବେଳେ ଏବେ ସେପ୍ଟେମ୍ବର ୩୦ ରଖାଯାଇଛି। ଆବେଦନକାରୀମାନେ ସେଠାରୁ ହଲ୍ ଟିକେଟ୍ ଡାଉନ୍ ଲୋଡ୍ କରିପାରିବେ। ପ୍ରବେଶିକା ପରୀକ୍ଷା ଅକ୍ଟୋବର ୧୦ରୁ ୧୯ ପର୍ଯ୍ୟନ୍ତ ହେବ। ନଭେମ୍ବର ୭ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ପିଜି ପାଠ୍ୟକ୍ରମ ଶିକ୍ଷା ଦେଉଥିବା ବିଶ୍ୱବିଦ୍ୟାଳୟ ଓ କଲେଜ ନଭେମ୍ବର ୩୦ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ କରିବେ। ଡିସେମ୍ବର ୩ରୁ ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ।


DSPL-55

## ସର୍ବଭାରତୀୟ ଇଂଜିନିୟରିଙ୍ଗ୍ ପ୍ରବେଶିକା ଜେ.ଇ.ଇ. (ମେନ୍) ଏବଂ ମେଡ଼ିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ପରୀକ୍ଷାର୍ଥୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଶେଷ ବ୍ୟବସ୍ଥା ।

- ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ପାଇଁ ଜିଲ୍ଲା ସଦରମହକୁମାରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଯିବା ଓ ଫେରିବା ପାଇଁ ଦେୟମୁକ୍ତ ପରିବହନ ବ୍ୟବସ୍ଥା ।
- ଇଚ୍ଛୁକ ପରୀକ୍ଷାର୍ଥୀମାନଙ୍କ ପାଇଁ ଇଂଜିନିୟରିଙ୍ଗ୍ କଲେଜ/ପଲିଟେକ୍ନିକ୍ ଏବଂ ଆଇ.ଟି.ଆଇ ହଷ୍ଟେଲ୍‌ମାନଙ୍କରେ ଦେୟମୁକ୍ତ ରହଣି ବ୍ୟବସ୍ଥା ।
- ଉପରୋକ୍ତ ସହାୟତା ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀମାନେ ସମ୍ପୃକ୍ତ ଜିଲ୍ଲା ନୋଡାଲ ଅଧିକାରୀମାନଙ୍କୁ ନିମ୍ନଲିଖିତ ଟେଲିଫୋନ୍ ଯୋଗେ ତା.୩୧.୮.୨୦୨୦ ସୁଦ୍ଧା ଯୋଗାଯୋଗ କରନ୍ତୁ ।

**Nodal Officers for JEE (Main) & NEET-2020 with Contact Numbers**

| Sl. No | District | Institute Name | Name of Principal | Contact Number |
|---|---|---|---|---|
| 1. | Angul | ITI, Talcher | Mr.S.S.Rath | 9437037341 7008903163 |
| 2. | Balasore | ITI, Balasore | Mr. K.C.Rout | 9437752440 7978577030 |
| 3. | Bolangir | ITI, Bolangir | Mr. K.P.Meher | 9937871621 9937649253 |
| 4. | Bargarh | ITI, Bargarh | Mr. Anil Rout | 9861056080 9853868090 |
| 5. | Boudh | ITI, Boudh | Mr. S S Raj | 9438108270 8329815744 |
| 6. | Bhadrak | GP, Bhadrak | Mr S.C.Rout | 9438176656 9348736332 |
| 7. | Cuttack | ITI, Cuttack | Mr.H.K.Mohanty | 8763104973 7978639143 |
| 8. | Dhenkanal | ITI, Dhenkanal | Mr. C.S.Tripathy | 7008245433 9937081354 |
| 9. | Deogarh | GP, Deogarh | Mr. P K Pattnaik | 9937499050 9861581881 |
| 10. | Ganjam | ITI, Berhampur | Mr. RK Panigrahi | 9438293909 7008339856 |
| 11. | Gajapati | GP, Gajapati | Mr.G.D.Moharana | 9438517182 8763687848 |
| 12. | Jagatsinghpur | GP, Jagatsinghpur | Mr M.S.Rao | 9438344687 6371982426 |
| 13. | Jharsuguda | ITI, Jharsuguda | Mr JJ Moharana | 9238687596 9337560544 |
| 14. | Jajpur | GP. Ragadi, Jajpur | Mr R.K.Prusty | 9437155107 7978027036 |
| 15. | Kalahandi | ITI, Bhawanipatna | Mr Snehasis Muduli | 9938150272 7008204646 |
| 16. | Kandhamal | ITI, Phulbani | Mr.P.C.Sethy | 9439752333 9439613330 |
| 17. | Khordha | ITI, Bhubaneswar | Mrs.JM Satapathy | 9437453836 9437141604 |
| 18. | Koraput | GITI, Ambaguda | Mr.S.K.Dalei | 9438287497 9348430440 |
| 19. | Keonjhar | ITI, Anandpur | Mr D.C.Behera | 9437218731 7978957164 |
| 20. | Kendrapara | SIPT, Pattamundai | Mr. N.R.Pattnaik | 9437103406 7008484240 |
| 21. | Mayurbhanj | PCITI, Baripada | Mr. Kandan Majhi | 9439094678/ 8327738029 |
| 22. | Malkangiri | ITI, Malkangiri | Mr.Rajesh Tripathy | 8763127883 7874616263 |
| 23. | Nayagarh | GP, Nayagarh | Mr.U.K.Mallick | 9437207538 7008550322 |
| 24. | Nawarangpur | ITI, Raigarh, | Mr.PK Sahu | 9437192424 7978220255 |
| 25. | Nuapada | ITI, Khariar | Mr.S K Hota | 9437572124 7978269308 |
| 26. | Puri | ITI, Puri | Mr.A.N.Dey | 8872486998 9778391607 |
| 27. | Rayagada | ITI, Rayagada. | Mr. A K Panda | 9437748476 8144844131 |
| 28. | Sundargarh | UGIE, Rourkela | Mr. P C Rath | 9437654798 7008003402 |
| 29. | Sonepur | ITI, Sonepur | Mr. S.S.Sahu | 9437114013 9040428774 9937495291 |
| 30. | Sambalpur | ITI, Hirakud | Mr. D.Khura | 9439209917 7008471459 |

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
ଓଡ଼ିଶା ସରକାର

OIPR-14028/13/0001/2021

**ଆଜିର ମନ୍ତବ୍ୟ**

" ମୁଁ ରାଜନୀତି ବୁଝୁ ନ ଥିବା ଜଣେ ପ୍ରଶାସକ।
-କେରି ଲାମ୍, ହଂକଂ ଚିଫ୍ ଏକ୍ଜିକ୍ୟୁଟିଭ୍




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାନସଭା ସ୍ୱତନ୍ତ୍ର କର୍ମଚାରୀ ମାନଗୋବିନ୍ଦଙ୍କୁ କାର୍ଯ୍ୟରୁ ଅନ୍ତର ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ବିଧାନସଭା କର୍ତ୍ତୃପକ୍ଷଙ୍କ ତଦନ୍ତ ରିପୋର୍ଟ ଆଧାରରେ ସ୍ୱତନ୍ତ୍ର ଅଧିକାରୀ ମାନଗୋବିନ୍ଦ ପଣ୍ଡାଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କାର୍ଯ୍ୟରୁ ଅନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଚସ୍ପତିଙ୍କ ଆଦେଶକ୍ରମେ ପଣ୍ଡାଙ୍କୁ ୨୦୨୦ ଅଗଷ୍ଟ ୨୪ ତାରିଖରୁ ଦାୟିତ୍ୱମୁକ୍ତ କରିବାକୁ ବିଧାନସଭା ସଚିବାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କିଛିଦିନ ହେବ ସରକାରୀ କର୍ମଚାରୀ ଆଚରଣ ନିୟମାବଳୀ ଉଲ୍ଲଂଘନ ଯୋଗୁ ପଣ୍ଡା ବିଧାନସଭା କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତାଧୀନ ଥିଲେ । ଏହା ପୂର୍ବରୁ ସେ ବିଧାନସଭାରେ ଉପସଚିବ(ରିପୋର୍ଟିଂ)ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ତାଙ୍କୁ ସ୍ୱତନ୍ତ୍ର କର୍ମରତ ଅଧିକାରୀ ଭାବେ ୨୦୨୦ ଜୁନ୍ ୨୯ ତାରିଖ ପୂର୍ବାହ୍ନରୁ ୨୦୨୧ ଜୁନ୍ ୨୮ ଅପରାହ୍ନ ପର୍ଯ୍ୟନ୍ତ ଏକ ବର୍ଷ ପାଇଁ ବିଧାନସଭା ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାରୁ...

### ଉଛୁଳୁଛି ନଦନଦୀ...

ମୁଣ୍ଡଳୀଠାରେ ୭ ଲକ୍ଷ ୨୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଛତିଶଗଡ଼ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦକୁ ୮ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରିବା ସମ୍ଭାବନା ରହିଛି। ଏହାକୁ ଆଖି ଆଗରେ ରଖି ହୀରାକୁଦର ୪୦ ଗେଟ୍ ଖୋଲାଯାଇଛି। ସେହିପରି ତେଲ, ଅଙ୍ଗ, ଇରା, ରଜୁ, ସୁରୁବାଲି ଯୋର, ନୟନଯୋର ନଦୀକୁ ମିଶାଇ ମହାନଦୀକୁ ପ୍ରାୟ ୧୦ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ପ୍ରବେଶ କରିବ। ଏଥିଯୋଗୁ ମଧ୍ୟମ ଧରଣର ବନ୍ୟା ହେବ ବୋଲି ଏସ୍ଆର୍ସି କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଏସ୍ଆର୍ସି କହିଛନ୍ତି, ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ମହାନଦୀ ଅବବାହିକାର ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସବୁ ଅଞ୍ଚଳକୁ ଅତିରିକ୍ତ ଏନ୍ଡିଆର୍ଏଫ୍, ଓଡ୍ରାଫ୍ ଟିମ୍ ପଠାଯାଇଛି। ମହାନଦୀର ଶାଖାନଦୀଗୁଡ଼ିକ ଉପରେ ଜଳ ସମ୍ପଦ ବିଭାଗ କର୍ମଚାରୀ ସତର୍କ ଦୃଷ୍ଟି ରଖିଛନ୍ତି । ପୂର୍ବରୁ ମହାନଦୀରେ ୧୬ ଲକ୍ଷ କ୍ୟୁସେକ ଜଳ ପରିଚାଳନା କରାଯାଇଛି। ୧୦ ଲକ୍ଷ କ୍ୟୁସେକ ଜଳ ଯୋଗୁ ମଧ୍ୟମ ଧରଣର ବନ୍ୟା ହେବାର ସମ୍ଭାବନା ରହିଛି ବୋଲି ଏସ୍ଆର୍ସି କହିଛନ୍ତି।

ଝାଡ଼ଖଣ୍ଡର ଗାଲୁଡି ବ୍ୟାରେଜ ପାଣି ଛାଡ଼ିବାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଛି। ରାଜଘାଟଠାରେ ୧୦.୬ ମିଟର ବିପଦ ସଙ୍କେତ ସ୍ତର ଥିବାବେଳେ ୧୧.୫ ମିଟର ପର୍ଯ୍ୟନ୍ତ ଜଳ ପ୍ରବାହିତ ହେବ ବୋଲି ଜଳ ସମ୍ପଦ ବିଭାଗ ଆକଳନ କରିଥିଲା। ତେବେ ଗତ ୪ ଘଣ୍ଟା ଧରି ଜଳସ୍ତର ୧୦.୯୬ ମିଟରରେ ପ୍ରବାହିତ ହେଉଛି। ଗାଲୁଡିରୁ ଜଳ ଛାଡିବା କମିଗଲାଣି। ଫଳରେ ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା କମିଛି। ମୟୂରଭଞ୍ଜ ଜିଲାରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିଲା। ସ୍ରୋତ କମିଯିବା ପରେ ଏଥିରେ ସୁଧାର ଆସିଛି। ବାଲେଶ୍ୱର ଜିଲାରେ ମଧ୍ୟ ବନ୍ୟା ପରିସ୍ଥିତି ଗୁରୁତର ହେବ ନାହିଁ ବୋଲି ଏସ୍ଆର୍ସି କହିଛନ୍ତି।

ସେହିପରି ବୁଢ଼ାବଳଙ୍ଗ ନଦୀ ଏନ୍ଏଚ୍-୫ରେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ସେଠାରେ ଘଣ୍ଟାକୁ ୪ରୁ ୫ ସେଣ୍ଟିମିଟର ହିସାବରେ ଜଳ କମିବାରେ ଲାଗିଛି। ବୈତରଣୀ ନଦୀର ଭଣ୍ଡାରିପୋଖରୀର କେତେକ ଅଞ୍ଚଳ ଜଳମଗ୍ନ ରହିଛି। ଏନ୍ଡିଆର୍ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ବୈତରଣୀର ଜଳସ୍ତର ଆହୁରି କମିବ ଓ ବନ୍ୟା ସ୍ଥିତି ଶ୍ରୀଘ୍ର ସୁଧୁରିବ। ବୈତରଣୀ ନଦୀର ବନ୍ୟା ଯୋଗୁ ଯାଜପୁର ଜିଲାର ଦଶ୍ତପୁରଠାରେ ୮୦ ମିଟରର ଗୋଟିଏ ଘାଇ ହୋଇଛି। ଘାଇ ବନ୍ଦ କରିବାକୁ ପ୍ରାଶସନ ତରଫରୁ ଉଦ୍ୟମ ଜାରି ରହିଛି। ସେହିପରି କାଣୀନଦୀର ବାମପାର୍ଶ୍ୱରେ ଦଶରଥପୁର ବ୍ଲକର ନୂଆ ଶାସନ ଗାଁ ପାଖରେ ୬୦ ମିଟର ଘାଇ ହୋଇଛି। ଗତ ୩ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଫଳରେ ରେଙ୍ଗାଲି ଡ୍ୟାମ୍‌କୁ ୪ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିଲା। ଜଳଭଣ୍ଡାରର ୪ଟି ଗେଟ୍ ଖୋଲା ହୋଇଛି। ଏହାଦ୍ୱାରା ବ୍ରାହ୍ମଣୀ ନଦୀର ପଙ୍କପାଳଠାରେ ୩ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ଯାଜପୁର ଜିଲାର ବରୀ ବ୍ଲକରେ ଛୋଟ ଛୋଟ ଘାଇ ହୋଇଛି। ଜିଲା ପ୍ରଶାସନ ଓ ଜଳ ସମ୍ପଦ ବିଭାଗର ଅଧିକାରୀମାନେ ଏହା ଉପରେ ନଜର ରଖିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସ୍ଥିତିରେ ସୁଧାର ଆସିବ। ଯାଜପୁର ତହସିଲର ପଣସା ପଞ୍ଚାୟତର ବାଲିପୋଖରୀ ଗାଁର ବେହେରାସାହିରେ କାନ୍ଥ ଭୁଶୁଡ଼ି ଏକ ଛୋଟ ଝିଅର ଜୀବନ ଯାଇଛି। ସେହିପରି ନୂଆପଡ଼ା ଜିଲାର କୋମନା ବ୍ଲକର ଜିଶିବାହାଲ ଗ୍ରାମରେ ଜଣେ ବ୍ୟକ୍ତିଙ୍କ କାନ୍ଥ ପଡ଼ି ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ରାଜ୍ୟରେ ବର୍ଷା କମିଛି। ଗତ ୨୪ ଘଣ୍ଟା ମଧ୍ୟରେ ହାରାହାରି ୧୨.୬ ମିଲିମିଟର ବର୍ଷା ହୋଇଛି। ବରଗଡ଼ ଜିଲରେ ସର୍ବାଧିକ ୯୨.୮ ମିଲିମିଟର ବର୍ଷା ହୋଇଥିବା ବେଳେ ନୂଆପଡ଼ା ୫୩.୪, ସମ୍ବଲପୁର ୩୭.୭, ବଲାଙ୍ଗୀର ୩୬.୬ ଏବଂ ଝାରସୁଗୁଡ଼ାରେ ୨୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ବିନା ପରୀକ୍ଷାରେ ...

ପିଲାଙ୍କ ଶେଷବର୍ଷ ପରୀକ୍ଷା କରାଇବାକୁ ହେବ। ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟଗୁଡ଼ିକ ବିପର୍ଯ୍ୟୟ ପରିଚାଳନା ଆଇନରେ ପରୀକ୍ଷାକୁ ସ୍ଥଗିତ ରଖିପାରିବେ। ତେବେ ୟୁଜିସି ନିର୍ଦ୍ଦେଶନାମା ଅନୁଯାୟୀ କୌଣସି ରାଜ୍ୟ ଶେଷବର୍ଷ ପିଲାଙ୍କୁ ବିନା ପରୀକ୍ଷାରେ ପାସ୍ କରାଇପାରିବେ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ମହାମାରୀକୁ ଦୃଷ୍ଟିରେ ରଖି ୟୁଜିସି ଜୁଲାଇ ୬ରେ ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଥିଲେ। ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଓ ନିରାପତ୍ତା ଗୁରୁତ୍ୱପୂର୍ଣ୍ଣ। ସବୁ ଛାତ୍ରୀଛାତ୍ରଙ୍କୁ ସମାନ ସୁଯୋଗ ମିଳିବା ଆବଶ୍ୟକ। ଏଥିସହିତ ୟୁଜିସି କହିଥିଲେ, ପିଲାମାନଙ୍କ ଶୈକ୍ଷିକ ବିଶ୍ୱସନୀୟତା, କ୍ୟାରିୟର ସୁଯୋଗ ଏବଂ ଭବିଷ୍ୟତର ଉନ୍ନତିକୁ ବିଶ୍ୱସ୍ତରୀୟ ଭାବେ ସୁନିଶ୍ଚିତ କରିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ଶିକ୍ଷାବ୍ୟବସ୍ଥାରେ ଛାତ୍ରୀଛାତ୍ରଙ୍କ ଶିକ୍ଷାର ମୂଲ୍ୟାୟନ ଗୁରୁତତ୍ୱପୂର୍ଣ୍ଣ ବୋଲି ୟୁଜିସି କହିବା ସହିତ କୋଭିଡ୍ ଗାଇଡଲାଇନକୁ ପାଳନ କରି ଅଫଲାଇନ, ଅନ୍‌ଲାଇନ କିମ୍ବା ଉଭୟ ମୋଡ୍‌ରେ ସେପ୍ଟେମ୍ବର ଶେଷ ସୁଦ୍ଧା ପରୀକ୍ଷା ସମ୍ପୂର୍ଣ୍ଣ କରିବାକୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜ୍ୟଗୁଡ଼ିକ କରୋନା ସ୍ଥିତିକୁ ଦେଖି ପରୀକ୍ଷା ତାରିଖ ସ୍ଥିର କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ୟୁଜିସିର ନିର୍ଦ୍ଦେଶନାମାର ବୈଧତାକୁ ଚ୍ୟାଲେଞ୍ଜ କରି ମହାରାଷ୍ଟ୍ର ୟୁବସେନା ନେତା ତଥା କ୍ୟାବିନେଟ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପିଟିଶନ ଦାଏର କରାଯାଇଥିଲା।

### ପେଟ୍ରୋଲ ୧୧ ପଇସା ...

ସୂଚନା ଦେଇଛନ୍ତି। ନୂଆଦିଲ୍ଲୀରେ ପେଟ୍ରୋଲ ୧୧ ପଇସା ବଢି ୮୧.୯୪ ଟଙ୍କା ଛୁଇଁଛି। ସେହିଭଳି ଚେନ୍ନାଇରେ ଏହା ୯ ପଇସା ବଢି ୮୪.୯୧ ଟଙ୍କା, କୋଲ୍‌କାତାରେ ୧୦ ପଇସା ବଢି ୮୩.୪୩ ଟଙ୍କା ଏବଂ ମୁମ୍ବାଇରେ ୧୦ ପଇସା ବଢି ୮୮.୫୮ ଟଙ୍କା ରହିଛି। ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଛି। ଜୁନ୍ ୨୯ ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ହେଲେ ଅଗଷ୍ଟ ୧୬ ପରଠାରୁ ଦରରେ ପୁଣି ପରିବର୍ତ୍ତନ ପରିଲକ୍ଷିତ ହେଉଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ଭିନ୍ନ ରହୁଥିବା ନଜରକୁ ଆସିଛି। ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ବିଦେଶୀ ବିନିମୟକୁ ନଜରରେ ରଖି ଦର ନିର୍ଦ୍ଧାରଣ ହେଉଥିବାରୁ ତେଲର ରିଟେଲ ଦରରେ ଭିନ୍ନତା ଆସୁଛି। ଏହା ସହ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଟିକସ ମଧ୍ୟ ତେଲ ଦର ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡିକ ତେଲ ଦରରେ ପରିବର୍ତ୍ତନକୁ ପ୍ରତିଦିନ ସକାଳ ୬ଟାରେ ଲାଗୁ କରୁଛନ୍ତି।

## ହୀରାକୁଦ ଡ୍ୟାମ୍‌ର ୪୦ ଗେଟ୍ ଖୋଲିଲା

ସମ୍ବଲପୁର, ୨୮।୮ (ବ୍ୟୁରୋ): ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୫.୫୮ ଫୁଟ ରହିଛି। ଫଳରେ ଡ୍ୟାମ୍‌ର ମୋଟ୍ ୬୪ଟି ଗେଟ୍ ମଧ୍ୟରୁ ୪୦ଟି ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଡାହାଣ ପାର୍ଶ୍ୱର ୧୫ଟି ଓ ବାମ ପାର୍ଶ୍ୱର ୨୫ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୬ ଲକ୍ଷ ୧୯ ହଜାର ୮୦୨ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୬ ଲକ୍ଷ ୫୭ ହଜାର ୯୨୧ କ୍ୟୁସେକ ଜଳ ପ୍ରବେଶ କରୁଛି। ଅନ୍ୟପକ୍ଷେ ୪୦ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବାରୁ ମହାନଦୀର ପଛୁଆ ଜଳ ସମ୍ବଲପୁର ସହର ଓ ଉପକଣ୍ଠର ବିଭିନ୍ନ ତଳିଆ ଅଞ୍ଚଳକୁ ପ୍ରବେଶ କରିଛି। ବଡବଜାର, ଦୁର୍ଗାପାଲି, ମନ୍ଦଲିଆ, କମଲୀବଜାର, ଚାରଭାଟି, ଖଣ୍ଟୁଆଲ, ବିନାଖଣ୍ଡୀ, ଷ୍ଟେଟ ବ୍ୟାଙ୍କ ସମ୍ମୁଖ ପଟ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ଜିଲାପାଳ ଶୁଭମ୍ ସକ୍‌ସେନା ମହାନଗର ନିଗମ ଅଧିକାରୀ ଓ ଜିଲାର ବିଡିଓ, ତହସିଲଦାରଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ମଧ୍ୟ କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ତଳିଆ ଅଞ୍ଚଳରେ ପଶିଥିବା ପାଣିକୁ ପ୍ରଶାସନ ପକ୍ଷରୁ ପାଣି ପମ୍ପ ଲଗାଇ ନିଷ୍କାସନ କରାଯାଉଛି। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାରରେ ସର୍ବନିମ୍ନ ୫୯୦ ଓ ସର୍ବାଧିକ ୬୩୦ ଫୁଟ ଜଳସ୍ତର ରହିବା କ୍ଷମତା ରହିଛି ।

### ଜାପାନ ପ୍ରଧାନମନ୍ତ୍ରୀ ...

କରିବାରେ ସେ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଉଥିବା କହିଛନ୍ତି। ୨୦୨୧ ସେପ୍ଟେମ୍ବରରେ ଆବେଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। ଜାପାନ ଇତିହାସରେ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ରହିଥିବା ଆବେ ନିଜର ଇସ୍ତଫା ସମ୍ପର୍କରେ ଘୋଷଣା କରିବା ପରେ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥନୀତିର ସୂଚକାଙ୍କ ନିମ୍ନଗାମୀ ହୋଇପଡ଼ିଛି।

ସିଞ୍ଜୋ ଆବେଙ୍କ ପରେ ଲିବରାଲ ଡେମୋକ୍ରାଟିକ୍ ପାର୍ଟିର କିଏ ନେତୃତ୍ୱ ନେବେ, ତାକୁ ନେଇ ଅବଗଣନା ଆରମ୍ଭ ହୋଇଯାଇଛି। ଆଗାମୀ ୨ କିମ୍ବା ୩ ସପ୍ତାହ ମଧ୍ୟରେ ଦଳର ନେତା ନିର୍ବାଚନ କରାଯିବ ବୋଲି ଜଣାପଡ଼ିଛି। ଜାପାନରେ ଏବେ ମହାମାରୀ କରୋନାର ବିକଳ ଚିତ୍ର ଦେଖିବାକୁ ମିଳିଥିବାବେଳେ ଏଭଳି ସ୍ଥିତିରେ ଆବେଙ୍କ ଇସ୍ତଫା ଦଳ ତଥା ଦେଶ ଲାଗି ସମସ୍ୟା ସୃଷ୍ଟି କରିଛି। ଦୀର୍ଘ ୮ ବର୍ଷ ମଧ୍ୟରେ ଆବେ ଦେଶରେ ରାଜନୈତିକ ସ୍ଥିରତା ସହ ଅର୍ଥନୀତିର ସୁଧାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିଲେ। ଏଥିସହ ପ୍ରତିରକ୍ଷା, କୂଟନୈତିକ ସମ୍ପର୍କ ରକ୍ଷା କ୍ଷେତ୍ରରେ ମଧ୍ୟ ସେ ନିପୁଣ ଥିଲେ। ୨୦୧୨ରେ ସେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଦେଶର ଅର୍ଥନୀତିରେ ସୁଧାରକୁ ସର୍ବାଧିକ ଗୁରୁତ୍ୱ ଦେଇଆସୁଥିଲେ। ଆବେଙ୍କ ଏଭଳି ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମର୍ମାହତ ହୋଇ ଟୁଇଟର ମାଧ୍ୟମରେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆବେଙ୍କ ନେତୃତ୍ୱରେ ଭାରତ-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଥିବା ସେ ଦର୍ଶାଇଛନ୍ତି।

### ଜେଇଇ ପରୀକ୍ଷାର୍ଥୀଙ୍କ...

କଟକଣା ରହିବ ନାହିଁ। ଆଡମିଟ୍ କାର୍ଡ ଦେଖାଇ ସେମାନେ ଯାଇପାରିବେ। କୌଣସି ଅସୁବିଧା ହେଲେ ନୋଡାଲ ଆଇଟିଆଇ ସେଣ୍ଟରର ଅଧ୍ୟକ୍ଷଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ୭ଟି ନୋଡାଲ ସେଣ୍ଟରରେ ସେଲ୍ କରାଯିବ। କେଉଁ ପରୀକ୍ଷାର୍ଥୀ କେଉଁଠି ରହିବେ ତାହା ସେହି ନୋଡାଲ ସେଣ୍ଟର ନିଷ୍ପତ୍ତି ନେବେ ବୋଲି ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ ସଞ୍ଜୟ ସିଂ ସୂଚନା ଦେଇଛନ୍ତି। କରୋନା ମହାମାରୀ ସମୟରେ କୌଣସି ପରୀକ୍ଷାର୍ଥୀ ଯେପରି ପରୀକ୍ଷା ଦେବାରୁ ବଞ୍ଚିତ ନ ହେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏସବୁ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ପିଲାମାନେ ଯେତେ ଶୀଘ୍ର ସେମାନଙ୍କ ସମସ୍ତ ସୂଚନା ଯୋଗାଇ ଦେବେ ଯିବା ଆସିବା ଓ ରହିବା ପାଇଁ ସରକାର ସମସ୍ତ ବ୍ୟବସ୍ଥା କରିପାରିବେ। ଟେଲିଫୋନ ମାଧ୍ୟମରେ ତୁରନ୍ତ ସମସ୍ତ ସୂଚନା ଦେବା ଲାଗି ମୁଖ୍ୟ ଶାସନ ସଚିବ ପରୀକ୍ଷାର୍ଥୀଙ୍କୁ ଅନୁରୋଧ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏନ୍ଇଇଟି ଏବଂ ଜେଇଇ(ମେନ୍) ପ୍ରବେଶିକା ପରୀକ୍ଷା ସ୍ଥଗିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଗଷ୍ଟ ୨୪ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରିଆଲ ନିଶଙ୍କଙ୍କୁ ଚିଠି ଲେଖିଥିଲେ। ମହାମାରୀ ସମୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ଯିବା କୌଣସି ପକ୍ଷେ ସୁରକ୍ଷିତ ନୁହେଁ। ଉକ୍ତ ପରୀକ୍ଷା ସେପ୍ଟେମ୍ବର ପ୍ରଥମ ୧୫ ଦିନ ମଧ୍ୟରେ ନ କରି ଏହାକୁ ସ୍ଥଗିତ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ରାଜ୍ୟର ସମସ୍ତ ୩୦ଟି ଜିଲାରେ ପରୀକ୍ଷା କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ପରୀକ୍ଷା ସ୍ଥଗିତ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଟେଲିଫୋନ ଯୋଗେ ଅନୁରୋଧ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତ ବେଳକୁ ଚଣା ନାହିଁ**
**ଚଣା ବେଳକୁ ଦାନ୍ତ ନାହିଁ**

ସମୟ ଓ ମଣିଷ ମଧ୍ୟରେ ଜୀବିକାର ଖେଳ। ସମସ୍ତଙ୍କର ସବୁ ଜିନିଷ ପରିପୂର୍ଣ୍ଣ ହୋଇ ନ ଥାଏ। କାହାର ବହୁ କୁଟୁମ୍ବ ପରିବାର କିନ୍ତୁ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ କାହାର ଅଚଳାଚଳ ସମ୍ପତ୍ତି ବାଡ଼ି ଥାଇ ନିଃସନ୍ତାନ, ଅର୍ଥାତ୍ ଭୋଗ କରିବାକୁ କେହି ନାହିଁ। ପୁଣି କାହାର ଲୋକ ଥିଲେ ବି ରହିବାକୁ ଘର ଖଣ୍ଡେ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ରହିଥିବା ଏ ପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାମ ଦୋପଟ**
**ଏଥିରୁ ବଳିଲେ ମୁଣ୍ଡରେ ପିଟା।**

ଋଣ କରିଥିଲେ ଯଥାଶୀଘ୍ର ଶୁଝିବାକୁ ପଡେ ଅନ୍ୟଥା ସୁଧ ବଢିଯିବାର ଆଶଙ୍କା ରହିଥାଏ। ମୂଳଧନ ସୁଧ ମିଶି ଦୁଇଗୁଣରୁ ବେଶି ହୋଇଗଲେ ଖାତକ ବା ଧାରୁଆ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — କର୍ମସ୍ଥ ଶନି ହେତୁ କୌଣସି ନୂଆଁ କାମଟିଏ ଆରମ୍ଭ କରିବା ସକାଶେ ବ୍ୟୟ ଅଟକଳ କରିବେ । ଯାନ ବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସୁଫଳ ମିଳିବ । ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବ ଓ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ । ଅଫିସ୍ କାମରେ ବୁଝାମଣା ନେଇ ସହମତି ଦେଖାଦେଇପାରେ ।

**ବୃଷ** — କେନ୍ଦ୍ରସ୍ଥ ରବି ଓ ବୁଧ ଯୋଗୁ ଆଜିର ଆକସ୍ମିକ ଦୂରଯାତ୍ରା ସଙ୍ଗକୁ ବ୍ୟୟବହୁଳତା ମାନସିକ ଯନ୍ତ୍ରଣାର କାରଣ ହେବ । ପ୍ରତିବନ୍ଧକ କାରଣରୁ କାମଗୁଡିକ ସୁବିଧାରେ ନ ହେଉଥିବାରୁ ମନ ଭଲ ରହିବ ନାହିଁ । ତଥାପି ସଭା ସମିତି, କଚେରି ମାମଲା, ଚୁକ୍ତିପତ୍ର ଓ କଳା ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ ।

**ମିଥୁନ** — ଆଜିର ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ । ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି । ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ । ଯାନବାହନରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି ।

**କର୍କଟ** — ଆଜି କର୍ମସ୍ଥ ମଙ୍ଗଳ ପାପଗ୍ରହ ଦୃଷ୍ଟିରୁ ଘରୋଇ କାମ ସଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଢିଯିବ, ଫଳରେ ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ । ବନ୍ଧୁଙ୍କ ସହାୟତାରେ ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବେ । କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ।

**ସିଂହ** — ରାଶ୍ୟାଧିପତିଙ୍କ ଶୁଭତ୍ୱରୁ ଟିକିଏ ଦୂର ସ୍ଥାନକୁ ଯିବା ପାଇଁ ମନସ୍ଥ କରିଥିବାରୁ ଅତ୍ୟାବଶ୍ୟକ କାର୍ଯ୍ୟ ସମାପନ କରିବାକୁ ବାଧ୍ୟ ହେବେ । ଦିନ ଭିତରେ ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଖୁସୀ ରହିବେ ।

**କନ୍ୟା** — ସ୍ୱାସ୍ଥ୍ୟ ଭଲ ରହିବା ସହ କୌଣସି ନୂତନ କର୍ମାରମ୍ଭ କରି ଖୁସୀ ହୋଇପାରନ୍ତି । ସାଂସ୍କୃତିକ, ସାମାଜିକ ଅନୁଷ୍ଠାନରେ ଅନ୍ୟମାନଙ୍କର ପ୍ରିୟଭାଜନ ହେବେ । ବାଣିଜ୍ୟ, ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ । ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଅବଶ୍ୟମ୍ଭାବୀ ।

**ତୁଳା** — ବହୁତ ଦିନ ହେଲା ଯେମିତି ଭାବୁଥିଲେ ଆଜି ଠିକ୍ ସେମିତି ସମ୍ପନ୍ନ କରିବାରେ କିଛି ଅସୁବିଧା ହେବନାହିଁ । ଘରୋଇ ସମସ୍ୟା ସମାଧାନ ହୋଇଯିବ, କିନ୍ତୁ ମନ ଅସ୍ଥିର ରହିବ । କର୍ମକ୍ଷେତ୍ରରେ କିଛି ନୂତନ କାମ ସୃଷ୍ଟି କରିବା ସକାଶେ ଚିନ୍ତା କରିପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ ଏବଂ କଳା, ସାହିତ୍ୟ, ସଭାସମିତିରେ ଯୋଗଦେଇପାରନ୍ତି ।

**ବିଛା** — ଆପଣଙ୍କ ଚେଷ୍ଟା ଅବ୍ୟାହତ ରଖନ୍ତୁ ଅବଶ୍ୟ ବିଳମ୍ବିତ ସମୟରେ ଲକ୍ଷ୍ୟପ୍ରାପ୍ତି ଅବଶ୍ୟ ଘଟିବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି । ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ । କାମରେ ଅବହେଳା କରିବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ ।

**ଧନୁ** — ଆଜି ଦିନଟିରେ ସବୁ ପ୍ରକାର ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି କାମକୁ ସରସ ସୁନ୍ଦର କରିବ । କିନ୍ତୁ ଅଳସୁଆମି ପଣ ଓ କାଳକ୍ଷେପଣ ନୀତିରୁ ଦୂରେଇ ନ ରହିଲେ ସୁଯୋଗ ହରାଇବେ । ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ।

**ମକର** — ସକାଳୁ ସକାଳୁ କୌଣସି କାମ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି । ପ୍ରତିଯୋଗିତାରେ କିମ୍ବା ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ । ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବାର ସୂଚନା ରହିଛି ।

**କୁମ୍ଭ** — ଆଜି ହସ,ଖୁସୀ,ମଜା ମଉଜ ମଧ୍ୟରେ ଆପଣ ସମୟ ଅତିବାହିତ କରିବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ମନ୍ଦ ନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ । ନିର୍ମାଣ କାମ ଧିମେଇ ଯିବ ଓ ଆବଶ୍ୟକତା ପୂରଣ ପାଇଁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ।

**ମୀନ** — ବନ୍ଧୁ ମେଳରେ ଅଧିକାଂଶ ସମୟ ଅତିବାହିତକୁ ନେଇ ପରିବାରରେ ଯୁକ୍ତିତର୍କର ସମ୍ମୁଖୀନ ହେବାକୁ ପଡିପାରେ । ରାଜନୀତି କ୍ଷେତ୍ରରେ, ପ୍ରଶାସନିକ ସ୍ତରରେ, ସାହିତ୍ୟ, ସାମ୍ବାଦିକତାରେ ଲକ୍ଷ୍ୟ ହାସଲ କରିବେ । କିନ୍ତୁ ସନ୍ତାନଙ୍କ ଦାବିକୁ ଅଗ୍ରାହ୍ୟ କରି ପରିବାରରେ ଛୋଟ ଛୋଟ କଥାରେ କଳହ ଲାଗିବ ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ସର୍ବସମ୍ମତ ପାର୍ଶ୍ୱପରିବର୍ତ୍ତନ ବଡ ଏକାଦଶୀ ଶନିବାର, ସକାଳ ଘ.୦୮.୧୭ମି.ଗତେ ବାମନଦ୍ୱାଦଶୀ, ବାମନ ଜନ୍ମ, ଅଗଷ୍ଟ ୨୯ ତାରିଖ, ରାଷ୍ଟ୍ରୀୟ କ୍ରୀଡା ଦିବସ, ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ, ଶରଣ, ରାଶିନକ୍ଷତ୍ର-ଦିବା ଘ.୦୧.୦୩ମି. ପର୍ଯ୍ୟନ୍ତ, ପୂର୍ବଷାଢା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୪୩ମି. ଗତେ ଘ.୦୧.୦୨ମି. ମଧ୍ୟେ, ରାତ୍ରି ଘ.୦୮.୧୯ମି. ଗତେ ଘ.୧୦.୩୮ମି. ମଧ୍ୟେ, ଘ.୧୨.୧୦ମି.ଗତେ ଘ.୦୧.୪୩ମି. ମଧ୍ୟେ, ଘ.୦୨.୨୯ମି.ଗତେ ଘ.୦୪.୦୧ମି.ମଧ୍ୟେ ଅମୃତବେଳା। ଦିବା ଘ.୦୮.୪୧ମି.ଗତେ ଘ.୧୦.୧୪ମି.ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

**Available 18000-23000sqft land for sale on 100 feet Road at Gangapatna Mouza near by ROTI if any buyer please Contact 8480548039.** D-18060

**2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746.** D-69152

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

Contact for Construction of Simplex/ Duplex/ Triplex/ Apartment and Interior Design of Ceiling, TV unit, Wardrobe and Modular Kitchen from the experts. MPlanets: 7008550473. D-18054

**ଜଟଣୀ ଅରଗୁଳ ଷ୍ଟେଶନ ପାଖରେ scheduledcaste conversion boundary plot pitchuroad side 5000sqft. 12,50,000/-, 9439006524.** D-69149

**ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952.** D-69141

**ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564.** D-69146

**Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027.** D-69150


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045


Semifurnished A/C Room near Lingraj Temple, Bhubaneswar.Rs. 5000/-, 9437388990. D-69432



Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

Thailand Unisex Massage Refreshments Rejuvenation. 9853999966, 9123319079, 7750073898, 9853999966, Homeservices 9853999966@gmail.com. D-18047



ଏବର୍ଷର ଲାଭଉଠାନ୍ତୁ ଏବଂ ଘରେ ରହି Medical Courses ପାଇଁ registration କରନ୍ତୁ। BAMS, BHMS, BUMS, D.Pharma, GNM (Only for Practioners) Whatsapp/ Call: 9893869473 (Agent Excuse). D-69730

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଦୁର୍ଘଟଣାରେ ମହିଳା ମୃତ

ଡାବୁଗାଁ, (ଡି.ଏନ୍.ଏ.)– ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ର୍ଗିଲା ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ କୋଷାଗୁମୁଡା ବ୍ଲକ ବଡଗୁମୁଡା ଗାଁର ପ୍ରହଲ୍ଲାଦ ମାଝିଙ୍କ ସ୍ତ୍ରୀ ରାଧା। ପ୍ରକାଶ ଯେ, ପ୍ରହଲ୍ଲାଦ ଓ ରାଧା ଡାବୁଗାଁରୁ ବାଇକ୍(ଓଡି–୨୪ଇ–୦୨୧୬)ରେ ଘରକୁ ଫେରୁଥିଲେ। ଏହି ସମୟରେ ର୍ଗିଲା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ହେଡ୍‌ଲାଇଟ୍ ପ୍ରହଲ୍ଲାଦଙ୍କ ଆଖିରେ ପଡିଥିଲା। ଏହାପରେ ପ୍ରହଲ୍ଲାଦଙ୍କ ଗାଡି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଏଥିରେ ଉଭୟ ସ୍ୱାମୀ–ସ୍ତ୍ରୀ ଆହତ ହୋଇଥିଲେ। ଖବରପାଇ ଡାବୁଗାଁ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ରାଧାଙ୍କର ମୃତ୍ୟୁ ହୋଇଥିଲା।

# ଅମାନିଆଙ୍କ ପାଇଁ ବଢୁଛି କରୋନା ସଂକ୍ରମଣ

ମାଲକାନଗିରି,୨୮।୮(ଡି.ଏନ୍.ଏ.)



ପନିପରିବା ହୋଲସେଲ୍ ମାର୍କେଟରେ ଖୁଚୁରା ବ୍ୟବସାୟୀଙ୍କ ଭିଡ ।

ମାଲକାନଗିରି ଜିଲାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ନେଇ ପ୍ରଶାସନ ଚିନ୍ତା ପ୍ରକଟ କରିଛି। କିଛି ଲୋକ ନିୟମ ମାନୁ ନ ଥିବାରୁ ଏହା ଜଟିଳ ରୂପ ନେଉଛି। ଏ ଦିଗରେ ପନିପରିବା ବ୍ୟବସାୟୀଙ୍କ ମଧ୍ୟ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଜିଲା ଏବଂ ଜିଲା ବାହାରୁ କେତେକ ବ୍ୟବସାୟୀ ଗାଡିରେ ପନିପରିବା ଆଣି ମାଲକାନଗିରି ସଦର ମହକୁମା ସୁବାଷ ଛକଠାରେ ସକାଳେ ଭିଡ ଜମାଉଛନ୍ତି। ସେମାନଙ୍କଠାରୁ ପନିପରିବା ଖରିଦ ପାଇଁ ଖୁଚୁରା ବ୍ୟବସାୟୀମାନେ ଭିଡ କରୁଛନ୍ତି। ତେବେ ଏହି ସମୟରେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଏପରି ପରିବା ଖରିଦ ସମୟରେ ଯଦି କେହି ବ୍ୟବସାୟୀ କରୋନା ସଂକ୍ରମିତ ହୋଇଥିବେ ସେ ଅନ୍ୟମାନଙ୍କୁ ସଂକ୍ରମିତ କରିବେ। ସେମାନଙ୍କ ସହାୟତାରେ ଗ୍ରାମାଞ୍ଚଳକୁ କରୋନା ବ୍ୟାପୁଥିବା ଆଶଙ୍କା କରାଯାଉଛି। ଜିଲା ପ୍ରଶାସନ ରାସ୍ତା କଡରେ ପନିପରିବା ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ ନଜର ରଖୁଥିବା ବେଳେ ସକାଳ ୭ଟାରୁ ୧୧ଟା ମଧ୍ୟରେ ହେଉଥିବା ଏପରି ହୋଲସେଲ ପନିପରିବା ବ୍ୟବସାୟ ପ୍ରତି ଆଖି ବୁଜି ଦେଇଛି। ଏହି ସମୟରେ ମଧ୍ୟ ଗୃହ ସଙ୍ଗରୋଧରେ ଥିବା ଅନେକ ବ୍ୟକ୍ତି ନିୟମ ନ ମାନି ଆସି ପନିପରିବା ଖରିଦ କରୁଥିବା ଦେଖିବାକୁ ମିଳୁଛି। ତୁରନ୍ତ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ଡ. ଗୁଣନିଧି ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ସମ୍ପୃକ୍ତ ସ୍ଥାନରେ ବ୍ୟବସାୟୀମାନଙ୍କୁ ବାରମ୍ବାର ସତର୍କ କରାଯାଇଛି। ଯଦି ଏବେ ପୁଣି ସେମାନେ କୋଭିଡ୍ କଟକଣା ଉଲ୍ଲଂଘନ କରୁଛନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତମାନେ।

ଜୟପୁର,୨୮।୮(ନି.ପ୍ର.)

ଟ୍ରକ୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରିଛି। ଏହି ଗଞ୍ଜେଇର ବଜାର ମୂଲ୍ୟ ୩୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋରାପୁଟର କିଶନ କୁମାର ଖେମୁଣ୍ଡୁ (୨୮), ଏମପିର ରବି ଶର୍ମା (୨୪) ଆଲୋକ ଶ୍ରୀବସ୍ତବ (୫୨) ଓ କାଶୀରାମ ବଘେଲ (୨୦)। ଖବର ଜଣାପଡିଛି କୋରାପୁଟ ପଟୁ ଏକ ଟ୍ରକ୍ ଯୋଗେ ଛତିଶଗଡକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଗୁରୁବାର ସନ୍ଧ୍ୟାରେ ସଦର ପୋଲିସ ଉମୁରି ନିକଟସ୍ଥ ଏଫ୍‌ସିଆଇ ଗୋଦାମଠାରେ ଚଢାଉ କରିଥିଲା। ଏହି ସମୟରେ ସେଠାରେ ଥିବା ଟ୍ରକ୍(ଏମ୍‌ପି୦୭ଏଚବି–୨୧୩୫)କୁ ଯାଞ୍ଚ କରିବାରୁ ୮୦ ପ୍ୟାକେଟରେ ୪ କୁଇଣ୍ଟାଲ ୭ କେଜି ୨୫୦ ଗ୍ରାମ ଗଞ୍ଜେଇ ମିଳିଥିଲା। ପୋଲିସ ଏହାକୁ ଜବତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ସେମାନଙ୍କଠାରୁ ୧୮ ଶହ ଟଙ୍କା, ୪ଟି ମୋବାଇଲ, ନମ୍ବରବିହୀନ ଏକ ପଲ୍‌ସର ବାଇକକୁ ମଧ୍ୟ ପୋଲିସ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

(1) Wanted Lady Office Assistant at Cuttack, Nakhara free boarding & accommodation with 5000 to 10,000/-. (2) ବଗିଚା କାମ ପାଇଁ ମାଳୀ ଆବଶ୍ୟକ।
Contact: 7809525452
8249851363

WANTED
Enthusiastic Supervisors
CNC Jalli Operator (Jalli Cutter)
for a reputed Interior Designing Company based in Bhubaneswar with at least 2 years experience in the same field. Please send resume to
rajdeep321@yahoo.com
or WhatsApp 9438297787

## ସଂକ୍ଷେପରେ

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଡାବୁଗାଁ, ୨୮।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଝରିଗୁଡା ଗ୍ରାମର ଲକ୍ଷ୍ମୀ ଭତରା(୫୦) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଗାଁ ନିକଟ ଜଙ୍ଗଲରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଛି। ପ୍ରକାଶ ଯେ, ଲକ୍ଷ୍ମୀ ଶୌଚ ହେବାକୁ କହି ଶୁକ୍ରବାର ସକାଳୁ ଘର ବାହାରକୁ ଯାଇଥିଲେ। ଏହାପରେ ସେ କିନ୍ତୁ ଘରକୁ ଫେରି ନ ଥିଲେ। ଗାଁ ପାଖରେ ଥିବା ବିଜାପୁର ସଂରକ୍ଷିତ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା କିଛି ଲୋକ ଶାଳ ଗଛରେ ଲକ୍ଷ୍ମୀଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଏହାପରେ ସେମାନେ ଗ୍ରାମବାସୀଙ୍କୁ ଏ ନେଇ ଖବର ଦେଇଥିଲେ। ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ପରେ ଲକ୍ଷ୍ମୀଙ୍କ ପୁତୁରା ଦୁର୍ଗା ଡାବୁଗାଁ ଥାନାରେ ଏ ନେଇ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ସବ୍‌ଇନ୍ସପେକ୍ଟର ଚନ୍ଦ୍ରଭାନୁ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପଞ୍ଚନାମା କରିବା ସହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ୧୯/୨୦ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଝରିଗାଁରେ ପହଞ୍ଚିଲେ ସତ୍ୟବ୍ରତ

ଝରିଗାଁ ୨୮।୮(ସ୍ୱ.ପ୍ର)- ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦାବି ନେଇ ପଦଯାତ୍ରା କରୁଥିବା ସତ୍ୟବ୍ରତ ଦାସ ଝରିଗାଁରେ ପହଞ୍ଚିଛନ୍ତି। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆଙ୍କୁ ପ୍ରଦାନ କରିଛନ୍ତି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ତହସିଲଦାର ହୃଷିକେଶ ଗଣ୍ଡ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଉଦୟନାଥ ନାୟକ ପ୍ରମୁଖ ସତ୍ୟବ୍ରତଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶନିବାର ଚନ୍ଦାହାଣ୍ଡି ଯିବେ ବୋଲି ସତ୍ୟବ୍ରତ ସୂଚନା ଦେଇଛନ୍ତି।

### ମଜଦୁର ସଂଘ ପକ୍ଷରୁ ୨୨ଶହ ଚାରାରୋପଣ

ରାୟଗଡ଼ା ଅଫିସ,୨୮।୮: ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ଦତ୍ତପନ୍ତ ଥେଙ୍ଗେଡ଼ିଜୀଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୮କୁ ସଂଘ ପକ୍ଷରୁ ସମଗ୍ର ଦେଶରେ ପର୍ଯ୍ୟାବରଣ ଦିବସ ରୂପେ ପାଳନ କରାଯାଇଛି। ଏହିକ୍ରମରେ ରାୟଗଡ଼ା ଜିଲା ଭାରତୀୟ ମଜଦୁର ସଙ୍ଘର ଜିଲା ସଭାପତି ତଥା ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ଜିଲାର ୧୧ ବ୍ଲକ୍‌ରେ ପର୍ଯ୍ୟାବରଣ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାୟଗଡ଼ା ସହରସ୍ଥିତ ସିରିଗୁଡ଼ା ସ୍ୱର୍ଗଧାମ ସମେତ ବିଭିନ୍ନ ସ୍ଥାନରେମୋଟ ୨୨ଶହ ଚାରାରୋପଣ କରାଯାଇଛି। ଏଥିରେ ଅତିଥି ଭାବେ ସମାଜସେବୀ ତଥା ପ୍ରଧାପକ ଦୁଷ୍ମନ୍ତ କୁମାର ମହାନ୍ତି, ସାମାଜିକକର୍ମୀ ସତ୍ୟବାଦୀ ପତି, ରାୟଗଡ଼ା ଜିଲା ଆୟୁଷ୍ମ୍ୟାନ ବିଦ୍ୟୁଲତା ହୁଇକା, ସିରିଗୁଡ଼ା ସ୍ୱର୍ଗଧାମ ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ଶିକ୍ଷକ ଟି. ଈଶ୍ୱର ରାଓ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଖଗେଶ୍ୱର ସିଂ, ସଂଘ ସହ ଜଡ଼ିତ ବିଭିନ୍ନ ସଙ୍ଗଠନର ପ୍ରତିନିଧି ଏବଂ ସଂଘର କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

### ଭର୍ଚ୍ଚୁଆଲ ମାଧ୍ୟମରେ ହେବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ

କୋରାପୁଟ,୨୮।୮(ସ୍ୱ.ପ୍ର.) -ଶନିବାର କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶାର ୧୨ତମ ପ୍ରତିଷ୍ଠା ଉତ୍ସବ ଭର୍ଚ୍ଚୁଆଲ ମାଧ୍ୟମରେ ହେବ। ଏଥିପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶନିବାର ବିଶ୍ୱବିଦ୍ୟାଳୟର ସୁନାବେଡାସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅତିଥି ଭାବେ ସାମିଲ ହୋଇ ବକ୍ତବ୍ୟ ରଖିବେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଡ. ରମେଶ ପୋଖରିଆଲ ନିଶଙ୍କ, କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ମଧ ସାମିଲ ହୋଇ ସେମାନଙ୍କ ବକ୍ତବ୍ୟ ରଖିବେ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ଆଇ. ରାମବ୍ରହ୍ମମ ସୂଚନା ଦେଇଛନ୍ତି। ସେହିପରି ଏହି ଉତ୍ସବ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ ସାହୁ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ୟୁଜିସି ଅଧ୍ୟକ୍ଷ ପ୍ରଫେସର ଡ଼ି.ପି ସିଂହ ପ୍ରମୁଖ ସେମାନଙ୍କ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୦୯ରେ ଓଡିଶା ସମେତ ଅନ୍ୟ ୯ଟି ସ୍ଥାନରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଖୋଲାଯାଇଥିଲା। ସେବେଠାରୁ ଏହି ବିଶ୍ୱବିଦ୍ୟାଳୟ କୋରାପୁଟ ଭଳି ପଛୁଆ ଜିଲାର ଉଚ୍ଚଶିକ୍ଷା କ୍ଷେତ୍ରରେ ବିକାଶ ନେଇ କାର୍ଯ୍ୟ କରୁଛି।

## ବିପଜ୍ଜନକ ପାପଡ଼ାହାଣ୍ଡି–ଉମରକୋଟ ରାଜପଥ

ପାପଡ଼ାହାଣ୍ଡି,୨୮।୮(ଡି.ଏନ୍.ଏ.):



ମୁଖ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରୁ ଉମରକୋଟକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ବିପଜ୍ଜନକ ଅବସ୍ଥାରେ ରହିଛି। ମୁଖ୍ୟରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ପ୍ରତିଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି। ମୁଖ୍ୟତଃ ପାପଡ଼ାହାଣ୍ଡି–ଡାବୁଗାଁ ରାସ୍ତାର ବିଭିନ ସ୍ଥାନରେ ଏଭଳି ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷାଦିନ ପୂର୍ବରୁ ଏହି ରାସ୍ତାର କେତେକ ସ୍ଥାନରେ ଗର୍ତ୍ତଗୁଡ଼ିକୁ ମରାମତି କରାଯାଇଥିଲା। ହେଲେ ଏବେ ପୁଣି ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ବିଶେଷକରି ରାତି ସମୟରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ରାୟ ୪ ବର୍ଷ ତଳେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଚଳିତ ବର୍ଷ ଲଗାଣ ବର୍ଷାରେ ରାସ୍ତା ମଝିରେ ଗର୍ତ୍ତ ସୃଷ୍ଟିହୋଇ ପାଣି ଜମିରହୁଛି। ପାପଡ଼ାହାଣ୍ଡିଠାରେ ମଧ୍ୟ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ଦୁର୍ଘଟଣାରୁ ରକ୍ଷା ପାଇଁ ସ୍ଥାନୀୟ ଲୋକେ ଏହା ନିକଟରେ ଇଟା, ପଥର ପକାଇଛନ୍ତି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶତାଧିକ ଯାନବାହନ ଯାତାୟାତ କରିଥାଏ। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।

## ଉତ୍କଳ ମହିଳା ସମିତି ପକ୍ଷରୁ ବିକ୍ଷୋଭ

ଜୟପୁର,୨୮।୮ (ନି.ପ୍ର.)

ଜୟପୁର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ମୁଖ୍ୟ ଟ୍ରାଫିକ ଛକ ସମ୍ମୁଖରେ ଉତ୍କଳ ମହିଳା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜୀବନ ଜୀବିକା ଓ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ପାଇଁ ସର୍ବଭାରତୀୟ ମହିଳା ସଙ୍ଗଠନ ଆହ୍ୱାନରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହିଳା ଓ ପୁରୁଷମାନେ ହାତରେ ପ୍ଲାକାର୍ଡ ଧରି ଏଥିରେ ସାମିଲ ହୋଇଥିଲେ। କରୋନା ହେତୁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାସକୁ ୧୫ କେଜି ଚାଉଳ, ଗହମ ଦେବା, କର୍ମସଂସ୍ଥାନ ହରାଇ ଘରକୁ ଫେରିବା ବାଟରେ ମୃତ୍ୟୁବରଣ କରିଥିବା ଶ୍ରମିକ ପରିବାରଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ, ଆୟକର ବାହାରେ ଥିବା ପ୍ରତ୍ୟେକ ନାଗରିକଙ୍କୁ ମାସିକ ୭୫୦୦ ଓ ନାବାଳକଙ୍କୁ ୫୦୦୦ ଟଙ୍କା ସହାୟତା ଦେବା ପାଇଁ ଦାବି କରାଯାଇଥିଲା। ବିକ୍ଷୋଭରେ ଭଗବତୀ ଭୂମିଆ, ଚନ୍ଦ୍ରମା ନାୟକ, ବତୀ କଟିଆ, ଆବାହକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମିଲ୍ କାନ୍ଥ ଭୁଶୁଡ଼ି ଜଣେ ମୃତ, ୧୪ ଆହତ

ମାଲକାନଗିରି,୨୮।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଲାଠିଆଗୁଡାଠାରେ ଜଣେ ବ୍ୟବସାୟୀଙ୍କ ମିଲର କାନ୍ଥ ଭୁଶୁଡି ଜଣଙ୍କର ମୃତ୍ୟୁ ହୋଇଛି। ୧୪ ଜଣ ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ଶୁକ୍ରବାର ଏହି ମିଲରେ କାମ ଚାଲିଥିବା ବେଳେ ହଠାତ୍ ମିଲ୍‌ର ଗୋଟିଏ ପଟ କାନ୍ଥ ଭୁଶଡ଼ି ପଡିଥିଲା। ଫଳରେ କାନ୍ଥ ତଳେ ୧୫ ଜଣ ଚାପିହୋଇ ରହିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଜଣକର ମୃତ୍ୟୁ ହୋଇଥିଲା। ଅନ୍ୟମାନଙ୍କ ଚିକିତ୍ସା ଜାରି ରହିଛି। ତେବେ ଏହି ଶ୍ରମିକମାନଙ୍କ ନାମ, ଗ୍ରାମ ଓ ଠିକଣା ଖବର ଲେଖା ହେବା ପର୍ଯ୍ୟନ୍ତ ଜଣାପଡିନାହିଁ।


## ଘରୋଇ ବସ୍ କର୍ମଚାରୀଙ୍କ ପକ୍ଷରୁ ପ୍ରଶାସନକୁ ଦାବିପତ୍ର

ଜୟପୁର, ୨୮।୮(ଡି.ଏନ.ଏ )–

କୋରାପୁଟ ଜିଲା ଘରୋଇ କର୍ମଚାରୀ ସଂଘର ସଦସ୍ୟମାନେ ୭ ଦଫା ଦାବି ନେଇ ଜିଲାପାଳ, ଏସପି, ଉପଜିଲାପାଳ, ଏସଡିପିଓ, ତହସିଲଦାର, ବିଧାୟକ ଏବଂ ସଂଘର ସଭାପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତବନୀ ଦେଇଛନ୍ତି ।

## କରୋନା ମୁକାବିଲାରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଶୀର୍ଷକ ୱେବିନାର୍

ଗୁଣପୁର,୨୮।୮(ଡି.ଏନ୍.ଏ.):



ୱେବିନାର୍‌ରେ ଅଂଶଗ୍ରହଣ କରିଥିବା ଅତିଥି, ସ୍ୱେଚ୍ଛାସେବୀ ଓ ଅନ୍ୟମାନେ।

ରାୟଗଡ଼ା ଜିଲା ଗୁଣପୁର କଲେଜ ଠାରେ ଶୁକ୍ରବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଏବଂ ଆଇକ୍ୟୁଏସିର ମିଳିତ ସହଯୋଗରେ 'କରୋନା ମୁକାବିଲାରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା' ବିଷୟରେ ଏକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି। ଏହି ଅନ୍‌ଲାଇନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନୂଆଦିଲ୍ଲୀସ୍ଥିତ ଏନ୍‌ଏସ୍‌ଏସ୍ ସହକାରୀ କାର୍ଯ୍ୟକ୍ରମ ପରାମର୍ଶଦାତା କମଳ କୁମାର କର ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଆଠ ସୂତ୍ରୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟବକ୍ତାଭାବେ ଏନ୍‌ଏସ୍‌ଏସ୍–ଇଟିଆଇ(ଓୟୁଏଟି)ର ନିରୋଧ ବରୁଣ ଖୁଣ୍ଟିଆ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତ୍ୱ ପାଳନର ଆବଶ୍ୟକତା ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଗୁଣପୁର କଲେଜର ଅଧ୍ୟକ୍ଷ ବାମଦେବ ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ସଦାନନ୍ଦ ନାୟକ ଉପସ୍ଥିତ ରହି ଏହି ୱେବିନାର୍‌ର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ୧୬ କାର୍ଯ୍ୟକ୍ରମ ଅଧିକାରୀ, ୧୧୧ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦେବିଶ୍ରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୂର୍ଯ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଶଶୀଭୂଷଣ ମହାନ୍ତି ଓ ଅମୀୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୱେବିନାଲ୍‌ରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ସମେତ ଗୁଡାରି କଲେଜ,ମୁନିଗୁଡ଼ା କଲେଜ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କାଶୀନଗର କଲେଜ୍‌ର କାର୍ଯ୍ୟକ୍ରମ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

## ଜେଇଇ, ଏନ୍‌ଇଇଟି ପରୀକ୍ଷା ଘୁଞ୍ଚାଇବାକୁ ଦାବି

ଜୟପୁର,୨୮।୮(ନି.ପ୍ର./ଡି.ଏନ.ଏ.)




ପରୀକ୍ଷା ବନ୍ଦ ପାଇଁ ଦାବି ଜଣାଉଥିବା ଯୁବକଂଗ୍ରେସ କର୍ମୀମାନେ।

ଅଖିଳ ଭାରତୀୟ ଯୁବ କଂଗ୍ରେସ ଆହ୍ୱାନକ୍ରମେ କୋରାପୁଟ ଜିଲା ଯୁବକଂଗ୍ରେସ ଓ ଜିଲା କଂଗ୍ରେସ କମିଟି ପକ୍ଷରୁ ଜେଇଇ ଓ ଏନ୍‌ଇଇଟି ପରୀକ୍ଷା ଘୁଞ୍ଚାଇବା ପାଇଁ ଦାବି କରାଯାଇଛି। ଜୟପୁର ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ ଦୂରତା ରକ୍ଷାକରି ହୋଇଥିବା ଏହି କାର୍ଯ୍ୟକ୍ରମରେ ପରୀକ୍ଷା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରାଯାଇଛି। ଦେଶରେ ମହାମାରୀ କରୋନା କାୟା ବିସ୍ତାର କରିଥିବା ବେଳେ ଏହି ପରିସ୍ଥିତିରେ ସରକାରଙ୍କ ପାଇଁ ପରୀକ୍ଷା ଆଗ ନା ଛାତ୍ରୀଛାତ୍ରଙ୍କ ଜୀବନ ଆଗ ବୋଲି ପ୍ରଶ୍ନ କରାଯାଇଛି। ଯଦି ପରୀକ୍ଷା ହୁଏ ତେବେ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର କରୋନାରେ ସଂକ୍ରମଣ ହେବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏବେ ଗମନାଗମନ ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ବିଭିନ୍ନ ସହରରେ ରହିବା ପାଇଁ ସୁବିଧା ନାହିଁ। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରମାନେ କିପରି ପରୀକ୍ଷା ଦେବାକୁ ଆସିବେ ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। କରୋନାଜନିତ ପରିସ୍ଥିତିରେ ସ୍ୱାଭାବିକ ନ ଆସିବା ପର୍ଯ୍ୟନ୍ତ ପରୀକ୍ଷା ଘୁଞ୍ଚାଇବା ପାଇଁ ଯୁବକଂଗ୍ରେସ ଦାବି କରିଛି । କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ନଳିନୀ ରଥ,ମୈତ୍ରୀ ଘାଣ୍ଟା, ସଞ୍ଜୁ ନାୟକ, ସୋହ୍ନ ପଟ୍ଟନାୟକ, ବସନ୍ତ ନାୟକ, ସୁରଜ ପଟ୍ଟନାୟକ ଏବଂ ପରୀକ୍ଷା ଦେବାକୁ ଥିବା କେତେଜଣ ଜେଇଇ ଏବଂ ଏନ୍‌ଇଟି ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

PARADIP PORT TRUST
(An autonomous body under Ministry of Shipping, Govt. of India)
WALK-IN-INTERVIEW
Applications are invited from Indian Nationals for filling up **three General Duty Medical Officers** on **Contractual** basis in Paradip Port Trust. For further details, refer to our website **www.paradipport.gov.in** . Last date is **04.09.2020.**
PPT/PR/179/20-21
Dated: 25.08.2020
Sr. Asst. Secretary,
Paradip Port Trust

ODISHA PUBLIC SERVICE COMMISSION
CUTTACK
NOTICE
No.4305/P.S.C., Dt.28.8.20
No.D-47:- Keeping in view of the restrictions imposed by the State Govt. due to unprecendented epidemiological crisis as a result of Covid-19, the OCS-19 Main written examination scheduled to be conducted in the month of September, 2020 has been deferred and shall be conducted tentatively in the month of Novermber, 2020 subject to the then instructions and guidelines of the Government. The exact date and time of examination shall be notified later.
The candidates are advised to visit the website of the Commission at www.opsc.gov.in regarding important notices and also keep track of publication of various notices to this effect in the leading local daily newspapers.
OIPR-12002/11/0025/2021
Sd./- Secretay

Government of Odisha
Higher Education Department
Extension of Dateline for Common PG Entrance Test - 2020 (CPET-2020) for Admission into State Public Universities and Colleges with P.G. Courses
No. N-25: Extension of Dateline for Common PG Entrance Test-2020 (CPET-2020) under project Student Academic Management System (SAMS) is given below. Any change in the dateline will be published in the newspapers as well as in the website **www.dheodisha.gov.in / www.samsodisha.gov.in/**. Common Prospectus (CP) for CPET-2020 is available in the said websites. Kindly refer the CP before filling up the CAF.

| Sl # | Items | Timeline |
|---|---|---|
| 1) | Availability of online Common Application Form (CAF) in the website **www.samsodisha.gov.in**. | 12 Aug 2020 (2.00 P.M.) |
| 2) | Last date of applying online CAF through **www.samsodisha.gov.in** | 10 Sept. 2020 (11.45 P.M.) |
| 3) | Available of Hall Ticket in applicant e-Space for downloading | 30 Sept. 2020 (2.00 P.M.) |
| 4) | Commencement of Entrance Examination (CPET-2020) | 10th Oct to 19th Oct-2020 |
| 5) | Updation of Graduation/Equivalent mark by applicant till | 22 Oct 2020 (11.45 P.M.) |
| 6) | Handing over the entrance marks to OCAC by the Entrance Exam Conducting Universities | 02 Nov. 2020 |
| 7) | Publication of State wide merit list | 07 Nov. 2020 |
| 8) | Completion of Admission Process by the respective Universities and Colleges, offering PG teaching facilities | 30 Nov. 2020 |
| 9) | Commencement of PG 1st Year Classes | 03 Dec. 2020 |

For more details please contact
e-Admission "SANJOG" Helpline (Toll Fress) Number 155335 / 1800-345-6770
N.B.: Candidates, whose final U.G. results are awaited (not published) can also apply on-line in the Common Application Form to appear CPET-2020. But, they must upload their marks prior to preparation of Final State Merit List within the dateline, failing which, their applications will not be considered.
Sd./- Officer-In-Charge, PTC
OIPR-11001/11/0011/2021

ତୁମେ ଯେତେବେଳେ ଲୋକମାନଙ୍କୁ ତୁଷ୍ଟ କରିବାକୁ ଚାହଁ– ସେତେବେଳେ ତୁମେ ସବୁ କିଛିକୁ ତା'ବାଟରେ ଯିବା ପାଇଁ ଛାଡିଦିଅ । ଏବଂ ଅପେକ୍ଷା କରି ବସ– କେତେବେଳେ ପ୍ରକୃତି ମନୁଷ୍ୟ ଉପରେ ପ୍ରଗତିକୁ ଜବରଦସ୍ତି ଲଦି ଦେବ । କିନ୍ତୁ ଏହା ସୃଷ୍ଟିର ସତ୍ୟ ନୁହେଁ । ମଣିଷର ଯଥାର୍ଥ କର୍ତ୍ତବ୍ୟ ହେଲା– ତା'ର ପ୍ରଗତି ଲାଗି ପ୍ରକୃତିକୁ ବାଧ୍ୟ କରିବା । –ଶ୍ରୀମା

# ଲକ୍ଷ୍ୟ ସିଇସି ପଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ଅର୍ଥ ସଚିବ ରାଜୀବ କୁମାରଙ୍କୁ ନୂଆ ନିର୍ବାଚନ କମିଶନର ଭାବେ ଅବସ୍ଥାପିତ କରାଯାଇଛି । ଅଶୋକ ଲାଭାସା ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ରାଜୀବଙ୍କୁ ଏହି ନିଯୁକ୍ତି ମିଳିଛି । ଲାଭାସା ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି)ର ଭାଇସ୍ ପ୍ରେସିଡେଣ୍ଟ ଭାବେ ଯୋଗଦେବାକୁ ଥିବାରୁ ସେ ଏହି ପଦ ଛାଡ଼ିଛନ୍ତି । ସୁନୀଲ ଆରୋରା ଏବେ ମୁଖ୍ୟ ନିର୍ବାଚନ କମିଶନର( ସିଇସି) ଥିବାବେଳେ ଆଉ ଜଣେ ନିର୍ବାଚନ କମିଶନର ଭାବେ ସୁଶିଲ ଚନ୍ଦ୍ର ଦାୟିତ୍ୱ ତୁଲାଉଛନ୍ତି । ରାଜୀବଙ୍କ ଏହି ନିଯୁକ୍ତି ଘୋଷଣାର ଗୁରୁତ୍ୱ ରହିଛି । କାରଣ ୨୦୨୪ ସାଧାରଣ ନିର୍ବାଚନ ବେଳକୁ ସେ ସିଇସି ଭାବେ ଦାୟିତ୍ୱ ନିର୍ବାହ କରିପାରନ୍ତି । ଆସନ୍ତା ବର୍ଷ ଏପ୍ରିଲରେ ଏବକାର ସିଇସି ସୁନୀଲ ଆରୋରାଙ୍କ କାର୍ଯ୍ୟକାଳ ଶେଷହେବ । ତାଙ୍କ ପରେ ସୁଶିଲ ଚନ୍ଦ୍ର ଏହି ପଦରେ ରହିବେ ଓ ଚନ୍ଦ୍ରଙ୍କ କାର୍ଯ୍ୟକାଳ ମେ' ୨୦୨୨ରେ ପୂରିଯିବ । ଏହାପରେ ରାଜୀବ କୁମାରଙ୍କ ପାଇଁ ଏହି ପଦ ଲାଗି ବାଟ ଖୋଲିଯିବ । ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ନୀତି ନିର୍ଦ୍ଧାରଣ ତଥା ବିଭିନ୍ନ ସେକ୍ଟରରେ କାର୍ଯ୍ୟ କରିବାରେ ରାଜୀବଙ୍କର ୩୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି । ସେ ଗତ ବର୍ଷ ଜୁଲାଇରେ ଅର୍ଥ ସଚିବ ପଦରେ ନିଯୁକ୍ତି ପାଇଥିଲେ ଏବଂ ଚଳିତ ବର୍ଷ ଫେବୃୟାରୀରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଗୁ କରିଥିବା ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଏବଂ ମୁଦ୍ରା ଲୋନ୍ ସ୍କିମ୍ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଯୋଜନାରେ ସେ ସଫଳତାର ସହ କାର୍ଯ୍ୟ କରିଛନ୍ତି ।

### ସମ୍ପୂର୍ଣ୍ଣ ମନମୁଖି

ଜଣେ ହ୍ୱିସିଲ୍‌ବ୍ଲୋୟର ଏବଂ ବହୁ ପ୍ରଶଂସିତ ବାବୁଙ୍କୁ ଦବାଇ ଦେବା ଭାରି କଠିନ । ଅମଲାତନ୍ତ୍ରୀରେ ଲାଟେରାଲ ଏଣ୍ଟ୍ରି ( ପ୍ରାଇଭେଟ ସେକ୍ଟରରୁ ୟୁପିଏସ୍‌ସିରେ ସିଧା ଭର୍ତ୍ତି ହେବା) ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଓ ପକ୍ଷପାତିତା ବୋଲି ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ( ସିଏଟି) ଅଭିଯୋଗ ବାଢ଼ିବା ସହ ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ୍( ୟୁପିଏସ୍‌ସି) ଏବଂ ଉତ୍ତରାଖଣ୍ଡ ସରକାରଙ୍କୁ ନୋଟିସ୍ ଜାରି କରିଛି । ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ ଅଫିସର ସଞ୍ଜୀବ ଚତୁର୍ବେଦୀ ଅମଲାତନ୍ତ୍ରୀରେ ଅନ୍ୟମାନଙ୍କ ଦ୍ୱାରା ଜଣେ କର୍ମଚାରୀଙ୍କ ସଫଳତାର ସମୀକ୍ଷା ଓ ଯୁଗ୍ମ ସଚିବ ସ୍ତରର ପଦଗୁଡ଼ିକୁ 'କଣ୍ଟ୍ରାକ୍ଟ ସିଷ୍ଟମ'ରେ ପୂରଣ କରିବାର ବ୍ୟବସ୍ଥା ଉପରେ ରୋକ ଲଗାଇବା ଲାଗି ଦରଖାସ୍ତ କରିବା ପରେ ଏଭଳି ନୋଟିସ ଜାରି କରାଯାଇଛି । ୨୦୧୭ରେ ମୋଦି ସରକାର କଣ୍ଟ୍ରାକ୍ଟ ବା ଚୁକ୍ତି ଆଧାରରେ ଅମଲାତନ୍ତ୍ରୀରେ ଲାଟେରାଲ ଏଣ୍ଟ୍ରି ପ୍ରକ୍ରିୟା ଲାଗୁ କରିଥିଲେ । ଏହି ଘଟଣା ସେହି ସମୟର ବୋଲି ଜଣାପଡିଛି । ଏହାପରେ ବଲିଉଡ କଳାକାର ମନୋଜ ବାଜପାୟୀଙ୍କ ଭାଇ ସୁଜିତ କୁମାର ବାଜପାୟୀଙ୍କ ସମେତ ୯ ଜଣ ପ୍ରାଇଭେଟ ସେକ୍ଟର ପ୍ରଫେଶନାଲଙ୍କୁ ୨୦୧୯ରେ କେନ୍ଦ୍ର ସରକାର ଯୁଗ୍ମ ସଚିବ ପଦରେ ନିଯୁକ୍ତି ଦେଇଥିଲେ । କଣ୍ଟ୍ରାକ୍ଟ ସିଷ୍ଟମ ମାଧ୍ୟମରେ ଯୁଗ୍ମ ସଚିବ ପଦରେ ନିଯୁକ୍ତି ଦେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ମନମୁଖି ଓ ଯୁକ୍ତିହୀନ ବୋଲି ଦର୍ଶାଇଛନ୍ତି ଚତୁର୍ବେଦୀ । ସେ କହିଛନ୍ତି, ଆରଟିଆଇ ଆକ୍ଟରେ ମିଳିଥିବା ତଥ୍ୟଗୁଡ଼ିକରୁ ଏଥିରେ କିଛି ସାଂଘାତିକ ଅନିୟମିତତା ହୋଇଥିବା ଜଣାପଡିଛି । ଏକ ଉପଯୁକ୍ତ ସଂସ୍ଥା ଦ୍ୱାରା ଏହି ଘଟଣାର ତଦନ୍ତ କରାଯିବା ଦରକାର ।

### ଲବି ଚାଲିଛି

ବରିଷ୍ଠ ବାବୁମାନେ ଅବସର ପରେ କ୍ୱଚିତ ଫିକା ପଡନ୍ତି ଅର୍ଥାତ ପ୍ରଶାସନିକ କାର୍ଯ୍ୟକଳାପରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚାହାନ୍ତିନି । ସେମାନେ ସରକାରଙ୍କ ଭଲ ଚାକିରି ପାଇଁ ଧାଡି ଲଗାନ୍ତି । ଏମିତି ପରିସ୍ଥିତି ଦେଖିବାକୁ ମିଳିଛି ହିମାଚଳପ୍ରଦେଶରେ । ସେଠାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରୁ ଅନେକ ହିମାଚଳପ୍ରଦେଶ ପ୍ରାଇଭେଟ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନସ୍ ରେଗୁଲେଟୋରି ଅଥରିଟିର ଚେୟାରମ୍ୟାନ ଓ ସଦସ୍ୟ ପଦ ପାଇଁ ଦରଖାସ୍ତ କରିଛନ୍ତି । ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ଅଫିସରମାନେ ଏହି ରେସ୍‌ରେ ଅଛନ୍ତି । ଚେୟାରମ୍ୟାନ କେ.କେ.କଟୋଚ ଏବଂ ସଦସ୍ୟ ଏସ.ପି.କତ୍ୟାଲଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଦୁଇଟି ପଦ ଏବେ ଖାଲିପଡିଛି । ପୁନଶ୍ଚ ରାଜ୍ୟ ସରକାର ଷ୍ଟେଟ୍ ଫୁଡ୍ କମିଶନ ଆରମ୍ଭ କରିବାକୁ ଯାଉଛନ୍ତି । ଏଥିପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ । ଏଥିରେ ନିଯୁକ୍ତି ପାଇବା ପାଇଁ ଅନେକ ଅବସରପ୍ରାପ୍ତ ବାବୁ ଲାଇନ ଲଗାଇ ସାରିଲେଣି ବୋଲି ଜଣାପଡିଛି । ସେହିପରି ସମାନ ଅବସ୍ଥା ଦେଖିବାକୁ ମିଳିଛି ଇନଫର୍ମେଶନ କମିଶନରେ । ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ବହୁ ଆଇଏଏସ ଏବଂ ଆଇପିଏସ୍ ଅଫିସର ଏହାର ସଦସ୍ୟ ପଦରେ ରହିବାକୁ ଆବେଦନ କରିଛନ୍ତି । ଏଥିପାଇଁ ଜୋର୍‌ସୋର୍ ଲବି ବି ଚାଲିଛି । କେନ୍ଦ୍ର ହେଉ କି ରାଜ୍ୟରେ ବାବୁ ଓ ନେତାଙ୍କ ମଧ୍ୟରେ କେମିତି ସଲାସୁତୁରା ଚାଲେ ତାହାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଛି ।

Email: dilipcherian@gmail.com

# ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଦାଲତ ଅବମାନନା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ଅଦାଲତ ଅବମାନନା ଅଭିଯୋଗରେ ଦେଶର ସର୍ବୋଚ୍ଚ ଅଦାଲତ ଦ୍ୱାରା ବିଚାରଣା ଏବଂ ଦୋଷୀ ସାବ୍ୟସ୍ତକୁ ନେଇ ଦେଶବ୍ୟାପୀ ବିତର୍କ ଆରମ୍ଭ ହୋଇଛି । କେନ୍ଦ୍ରର କ୍ଷମତାସୀନ ଦଳ ସହିତ ସମ୍ପୃକ୍ତ ନେତା ଓ ବୁଦ୍ଧିଜୀବୀମାନେ ଅଦାଲତର ରାୟକୁ ସ୍ୱାଗତ କରିଥିବା ବେଳେ ଦେଶର ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଓକିଲ ଏପରି କି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟର ଅନେକ ପୂର୍ବତନ ବିଚାରପତି ପ୍ରଶାନ୍ତ ଭୂଷଣଙ୍କ ସପକ୍ଷରେ ଖୋଲାଖୋଲି ଭାବେ ଠିଆହେବା ଦେଖାଯାଇଛି । ସାରା ଦେଶରେ ଗତ କିଛିଦିନ ଧରି ଓକିଲ ଏବଂ ସାମାଜିକ ଓ ରାଜନୈତିକ କର୍ମୀମାନେ ମତ ପ୍ରକାଶର ଅଧିକାରକୁ ସମର୍ଥନ କରି ହଜାର ହଜାର ସଂଖ୍ୟାରେ ରାସ୍ତା ଉପରକୁ ଆସିବାର ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି । ତେବେ ପ୍ରଶାନ୍ତ ଭୂଷଣଙ୍କ ମାମଲା ବାହାନାରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଦାଲତ ଅବମାନନାର ପ୍ରାସଙ୍ଗିକତାକୁ ନେଇ ପୁଣିଥରେ ଏକ ବିତର୍କର ସୂତ୍ରପାତ ହୋଇଛି ।

ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଅଦାଲତ ଅବମାନନାର ମାମଲାଟି ଗତ ଜୁନ ୨୭ ଓ ୨୯ରେ ସେ କରିଥିବା ଦୁଇଟି ଟୁଇଟ୍‌କୁ ଆଧର କରି ହୋଇଛି । ପ୍ରଥମଟିରେ ସେ କହିଥିଲେ ଯେ, ଆନୁଷ୍ଠାନିକ ଭାବେ ଜରୁରୀ ପରିସ୍ଥିତି ନ ଥାଇ ବି ଗତ ଛଅବର୍ଷ ମଧ୍ୟରେ କିପରି ଗଣତନ୍ତ୍ରକୁ ଧ୍ୱଂସ କରାଯାଇଛି ତା'ରି ସମ୍ପର୍କରେ ଭବିଷ୍ୟତରେ ଐତିହାସିକମାନେ ଯଦି ଦେଖିବେ ତା'ହେଲେ ସେଥିରେ ସୁପ୍ରିମ୍‌କୋର୍ଟ ଏବଂ ବିଶେଷ କରି ଶେଷ ଚାରି ଜଣ ମୁଖ୍ୟ ବିଚାରପତିଙ୍କ ଭୂମିକାକୁ ଚିହ୍ନିତ କରିବେ । ସେହିପରି ଦ୍ୱିତୀୟ ଟୁଇଟ୍‌ରେ ସେ ଲେଖିଛନ୍ତି, ''ସୁପ୍ରିମ୍‌କୋର୍ଟକୁ ଲକ୍‌ଡାଉନ୍ ମୋଡ଼ରେ ରଖିବା ଯୋଗୁ ଜନଗଣଙ୍କୁ ନ୍ୟାୟ ପାଇବାର ମୌଳିକ ଅଧିକାରରୁ ବଞ୍ଚିତ କରିଥିବା ମୁଖ୍ୟ ବିଚାରପତି, ନାଗପୁରର ରାଜଭବନଠାରେ ଜନୈକ ଭାଜପା ନେତାଙ୍କ ୫୦ ଲକ୍ଷ ଟଙ୍କାର ହାର୍ଲେ ଡିଭିଡ଼ସନ୍ ମୋଟରସାଇକେଲକୁ ବିନା ମାସ୍କ ଏବଂ ହେଲମେଟ୍‌ରେ ଚଢୁଛନ୍ତି ।''

ଉପରୋକ୍ତ ଦୁଇଟି ଟୁଇଟ୍‌କୁ ବିଚାରପତି ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ, ଅଦାଲତର ଅବମାନନା ବୋଲି ମନେକରି ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ଅଙ୍ଗ ରୂପେ ପରିଚିତ ନ୍ୟାୟପାଳିକାର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠେ ଯେ ଜଣେ ବ୍ୟକ୍ତିର ଦୁଇଟି ମାତ୍ର ଟୁଇଟ୍‌କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଏତେ ବ୍ୟସ୍ତ କାହିଁକି ? ଦେଶରେ ଅନେକ ବଡ଼ ବଡ଼ ତଥା ଜରୁରୀ ପ୍ରସଙ୍ଗ ବିଚାର ପାଇଁ ସ୍ଥଗିତ ରହିଥିବା ବେଳେ ସୁପ୍ରିମକୋର୍ଟ ଯେଉଁଭଳି ତରବରିଆ ଭାବେ ଏହି ମାମଲାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଛନ୍ତି ତାକୁ ନେଇ ସବୁଆଡ଼େ ସନ୍ଦେହ ପ୍ରକାଶ ପାଇଛି । ଯଦି କୋର୍ଟ ନିଜର ରାୟ ଅନୁଯାୟୀ ସତରେ ଏହି ଟୁଇଟ୍ ପଛରେ କୌଣସି ଗଭୀର ଷଡ଼ଯନ୍ତ୍ର ରହିଥିବା କଥା ଭାବୁଛନ୍ତି, ତା'ହେଲେ ଏ ନେଇ ତଥ୍ୟ ଏବଂ ପ୍ରମାଣ ରଖିବା କଥା । କିନ୍ତୁ ସେପରି କରିନାହାନ୍ତି । ବରଂ ନିଜର ୧୩୦ ପୃଷ୍ଠାର ଜବାବରେ ପ୍ରଶାନ୍ତ ଭୂଷଣ ଗତ ଛଅ ବର୍ଷ ମଧ୍ୟରେ କିପରି ଗତ ଚାରି ଜଣ ମୁଖ୍ୟ ବିଚାରପତିଙ୍କ କାର୍ଯ୍ୟକାଳରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଉଦ୍ୟମ ହୋଇଛି ତଥ୍ୟ ଓ ପ୍ରମାଣ ସହିତ ତା'ର ଏକ ତାଲିକା ପ୍ରଦାନ କରିଛନ୍ତି ।

ତେବେ ଅଦାଲତ ଅବମାନନାର ଅଭିଯୋଗଟି କେବଳ ପ୍ରଶାନ୍ତ ଭୂଷଣଙ୍କଠାରେ ହିଁ ସୀମିତ ରହିନି । ଦୁଇ ବର୍ଷ ତଳେ ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ନେଇ ତତ୍କାଳୀନ ଭାଜପା ସଭାପତି ଖୋଲାଖୋଲି ସମାଲୋଚନା କରିଥିଲେ ମଧ୍ୟ ଅଦାଲତ ତାକୁ ଅବମାନନା ରୂପେ ନେବା ଦେଖାଯାଇନି । ଏପରି କି ଆଜିକୁ ୨୮ ବର୍ଷ ତଳେ ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ ବାବ୍ରୀ ମସଜିଦ୍‌ର ସୁରକ୍ଷା ପାଇଁ ଖୋଦ୍ ସର୍ବୋଚ୍ଚ ନ୍ୟାୟାଳୟରେ ସତ୍ୟପାଠ କରି ପରେ ତା'ର ଅବମାନନା କରିଥିଲେ ମଧ୍ୟ ଏଯାଏ ସେଥିପାଇଁ ତାଙ୍କର ବିଚାରଣା ହୋଇପାରିଲାନି ।

ଆମ ଦେଶରେ ଅଦାଲତ ଅବମାନନାଟି ସିଭିଲ ଓ ଫୌଜଦାରି ପରି ଦୁଇ ପ୍ରକାରର । କୋର୍ଟର ନିର୍ଦ୍ଦେଶ ବା ରାୟକୁ ନ ମାନିବା ସିଭିଲ ଅବମାନନା ପର୍ଯ୍ୟାୟଭୁକ୍ତ ହୋଇଥାଏ । ଏହି କ୍ଷେତ୍ରରେ ଖୋଦ୍ ସରକାର ହିଁ ସବୁଠାରୁ ବଡ଼ ଅଭିଯୁକ୍ତ । ଖୋଦ୍ ସୁପ୍ରିମକୋର୍ଟର ତଥ୍ୟ ଅନୁଯାୟୀ ୨୦୧୬–୧୭ରେ ଦେଶରେ ଏଭଳି ୯୬,୩୧୦ଟି ଅବମାନନାର ଅଭିଯୋଗ ରହିଥିଲା । ସେହିଭଳି ଫୌଜଦାରି ଅବମାନନାର ବି ଦେଶରେ ୭୦୦ରୁ ଅଧିକ ମାମଲା ପଡ଼ି ରହିଛି । କିନ୍ତୁ କୋର୍ଟ ସେସବୁ ମାମଲାରେ ଯେଉଁଭଳିତତ୍ପରତା ଦେଖାଇବା କଥା ଦେଖାଯାଉନି ।

ଅସଲ କଥା ହେଉଛି, ନ୍ୟାୟପାଳିକାର ସମ୍ମାନଟି ଜଣେ ବ୍ୟକ୍ତିର ଟୁଇଟ୍ ଉପରେ ନିର୍ଭର କରେନାହିଁ । ବରଂ ନ୍ୟାୟପାଳିକାର କାର୍ଯ୍ୟକଳାପର ଆଧାରରେ ହିଁ ତା'ର ସମ୍ମାନରେ ବୃଦ୍ଧି କିମ୍ବା ହ୍ରାସ ହୋଇଥାଏ । ଭଲ ଭଲ ରାୟ ନ୍ୟାୟପାଳିକାର ସମ୍ମାନକୁ ବୃଦ୍ଧି କରୁଥିବା ବେଳେ ପକ୍ଷପାତପୂର୍ଣ୍ଣ ରାୟ ଅଥବା କାର୍ଯ୍ୟାନୁଷ୍ଠାନ ଶୂନ୍ୟତା ତା'ର ସମ୍ମାନକୁ କ୍ଷୁଣ୍ଣ କରିଥାଏ । ଗତ କିଛି ବର୍ଷ ମଧ୍ୟରେ ଏପରି ଅନେକଗୁଡ଼ିଏ ଘଟଣା ହୋଇଛି, ଯାହା କି ସର୍ବୋଚ୍ଚ ଅଦାଲତର ସମ୍ମାନକୁ କ୍ଷୁଣ୍ଣ କରିଛି । ଏହା କେବଳ ପ୍ରଶାନ୍ତ ଭୂଷଣ ହିଁ କହି ନାହାନ୍ତି, ଖୋଦ୍ ସୁପ୍ରିମକୋର୍ଟର ଚାରିଜଣ ବରିଷ୍ଠ ବିଚାରପତି ବିଧିବଦ୍ଧ ତଥା ଅଭୂତପୂର୍ବ ସାମ୍ବାଦିକ ସମ୍ମିଳନୀ ଜରିଆରେ କହିଛନ୍ତି । ସେମାନେ ଖୋଲାଖୋଲି ଭାବେ ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ଉପରେ ଅଭିଯୋଗ ଆଣି କିଛି ସ୍ୱଷ୍ଟକାତର ନିର୍ଦ୍ଦିଷ୍ଟ ମାମଲାର ଏକ ନିର୍ଦ୍ଦିଷ୍ଟ ପରିଣାମ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ଖଣ୍ଡପୀଠକୁ ଦିଆଯାଉଥିବା କଥା କହିଥିଲେ । ବର୍ଷ ବର୍ଷ ଧରି ସୁପ୍ରିମକୋର୍ଟର କାର୍ଯ୍ୟକାରିତା ନେଇ ଅନେକଙ୍କ ମନରେ ଯେଉଁସବୁ ପ୍ରଶ୍ନ ଆସୁଥିଲା ତାକୁ ହିଁ ସେମାନେ ଏକରକମ ସ୍ୱୀକାର କରିଥିଲେ ।

ସେ ନିର୍ବାଚନ ବଣ୍ଡ ମାମଲା ହେଉ କିମ୍ବା ବିଚାରପତିଙ୍କ ସମ୍ପତ୍ତି ତାଲିକା ହେଉ ଅଥବା ହିବଅସ୍ କର୍ପସ୍ ପରି ଜରୁରୀ ମାମଲାରେ ବର୍ଷ ବର୍ଷ ଧରି ଶୁଣାଣି ନ କରି ପକେଇ ରଖିବା ଜରିଆରେ ହେଉ, ଏସବୁ ଦ୍ୱାରା ଖୋଦ୍ ନ୍ୟାୟପାଳିକା ନିଜ ପ୍ରତି ଲୋକଙ୍କର ସନ୍ଦେହକୁ ବଢ଼ାଇବା ଦେଖାଯାଇଛି । ଏପରି କି ବାରମ୍ବାର ସରକାର ସପକ୍ଷରେ ଅନେକ ଅସ୍ୱାଭାବିକ ରାୟ ଦେବା ପରେ ସମ୍ପୃକ୍ତ ମୁଖ୍ୟ ବିଚାରପତି ଅବସର ନେବାର ତିନି ମାସ ନ ପୂରୁଣୁ ସେହି ସରକାର ଦ୍ୱାରା ରାଜ୍ୟ ସଭାର ସଦସ୍ୟ ରୂପେ ମନୋନୀତ ହେବା ନ୍ୟାୟାଳୟର ବିଶ୍ୱସନୀୟତାକୁ କଦାପି ବୃଦ୍ଧି କରୁନି । ଅତଏବ ନ୍ୟାୟାଳୟ କାହାରିକୁ ମାତ୍ର କିଛି ପଦ ସମାଲୋଚନା ପାଇଁ ଦଣ୍ଡ ଦେଇ ବା ନିଜର କ୍ଷମତାକୁ ପ୍ରଦର୍ଶନ ଜରିଆରେ ନୁହେଁ ବରଂ ନିଜର କାର୍ଯ୍ୟ ବିଶେଷ କରି ସକ୍ରିୟତା, ପାରଦର୍ଶିତା ଏବଂ ନିରପେକ୍ଷତା ଜରିଆରେ ହିଁ ସମ୍ମାନକୁ ବଢ଼ାଇ ପାରିବ ।

ପ୍ରଶାନ୍ତ ଭୂଷଣଙ୍କ ବାହାନାରେ ଅଦାଲତ ଅବମାନନା ପ୍ରସଙ୍ଗ ନେଇ ବିତର୍କ ସୃଷ୍ଟି ହେବା ଭଲ କଥା । କାରଣ ବିଶ୍ୱର ଉନ୍ନତ ଗଣତନ୍ତ୍ର କୁହାଯାଉଥିବା ଦେଶମାନଙ୍କରେ ଏହାକୁ ଗଣତନ୍ତ୍ର ପାଇଁ ଏକ ଅନାବଶ୍ୟକ କଥା ବୋଲି ବିଚାର କରିଥାନ୍ତି । ଯେଉଁ ବ୍ରିଟିଶ ଆଇନ ଦ୍ୱାରା ଅନୁପ୍ରାଣୀତ ହୋଇ ଆମେ ଆମର ସମ୍ବିଧାନରେ ଏହି ବ୍ୟବସ୍ଥାକୁ ରଖିଛୁ ତାକୁ ସେମାନେ ହିଁ ୨୦୧୩ ମସିହାରୁ ନିଜ ସମ୍ବିଧାନରୁ ଉଚ୍ଛେଦ କରି ସାରିଛନ୍ତି । ଏପରି କି ଏହି ଆଇନ ଥିବାବେଳେ ବି ନିଜର ସମାଲୋଚନା ନେଇ ସେଠାକାର ବିଚାର ବ୍ୟବସ୍ଥାର ଉଦାରତାର ଅନେକ ଉଦାହରଣ ରହିଛି ।

ପ୍ରଶାନ୍ତ ଭୂଷଣ ନିଜର ଗତ ୩୦ ବର୍ଷର ଓକିଲାତିରେ ଅଗଣିତ ଥର ସାଧାରଣ ଲୋକଙ୍କ ପକ୍ଷ ରଖିଛନ୍ତି । ପୂର୍ବର ଉପା ସରକାରଠାରୁ ଆରମ୍ଭ କରି ବର୍ତ୍ତମାନର ସରକାର ସମୟରେ ହୋଇଥିବା ଅନେକ ଭ୍ରଷ୍ଟାଚାରକୁ ଉଜାଗର କରିବାରେ ତାଙ୍କର ଏକ ପ୍ରମୁଖ ଭୂମିକା ରହି ଆସିଛି । ତାଙ୍କ ଦ୍ୱାରା ଦାଏର ଜନସ୍ୱାର୍ଥ ମାମଲାରେ ଲକ୍ଷ ଲକ୍ଷ ସାଧାରଣ ଲୋକ ଲାଭାନ୍ୱିତ ହୋଇଛନ୍ତି । ଅତଏବ ତାଙ୍କ ଦ୍ୱାରା କରାଯାଇଥିବା ନ୍ୟାୟପାଳିକାର ସମାଲୋଚନା ଏକ ସୁସ୍ଥ ସମାଲୋଚନା ମାତ୍ର । ଗଣତନ୍ତ୍ରରେ ଏଭଳି ସମାଲୋଚନା ବିଚାର ବ୍ୟବସ୍ଥାକୁ ଦୁର୍ବଳ କରି ନ ଥାଏ ବରଂ ସେଥିରେ ରହିଥିବା ତ୍ରୁଟିକୁ ସୁଧାରିବା ପାଇଁ ଏକଦମ୍ ଜରୁରୀ । ବରଂ ଅଦାଲତ ଅବମାନନା ନାଁରେ ମତ ପ୍ରକାଶର ଅଧିକାରକୁ ସଙ୍କୁଚିତ କରିବାର ଉଦ୍ୟମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ହିଁ ଦୁର୍ବଳ କରିଦେବ ।

ମୋ: ୯୪୩୭୧୬୬୩୧୧

# ଆମ ବୈଷୟିକ ଶିକ୍ଷା



ହରିହର ତ୍ରିପାଠୀ

ବୈଷୟିକ ଶିକ୍ଷା ଏବେ ସଙ୍କଟରେ । ଧୀରେ ଧୀରେ ଇଞ୍ଜିନିୟରିଂ ସମେତ ଅନ୍ୟାନ୍ୟ ବୈଷୟିକ ପାଠ୍ୟକ୍ରମ ପ୍ରତି ପିଲାଙ୍କ ଆଗ୍ରହ କମୁଛି । ସେଥିନିମନ୍ତେ ଗତ କିଛିବର୍ଷ ହେଲା ରାଜ୍ୟର ଇଞ୍ଜିନିୟରିଂ କଲେଜଗୁଡ଼ିକରେ ହଜାର ହଜାର ସିଟ୍ ଫାଙ୍କା ପଡୁଛି । ଏହା ଭିତରେ ଏକ ନୂଆ ଖବର ଆସିଛି ଯେ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଅଫ୍ ଟେକ୍‌ନିକାଲ ଏଜୁକେଶନ (ଏଆଇସିଟିଇ) ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି । ୨୦୨୦–୨୧ ଶିକ୍ଷାବର୍ଷରେ ସାରା ଦେଶରେ ୧୩୦୧ଟି ବୈଷୟିକ କଲେଜକୁ ବନ୍ଦ କରାଯାଇଛି । ଇଞ୍ଜିନିୟରିଂ ସମେତ ଏମ୍‌ବିଏ, ଏମ୍‌ସିଏ ଆଦି ପାଠ୍ୟକ୍ରମରେ ଶିକ୍ଷା ଦିଆଯାଉଥିବା ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଥର ନାମଲେଖା ହେବ ନାହିଁ । ଏଥିସହ ୨୨୨୯ଟି ପାଠ୍ୟକ୍ରମ ବନ୍ଦ ହୋଇଛି, ଯେଉଁଥିରେ ଓଡ଼ିଶାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ୩୮ଟି ପାଠ୍ୟକ୍ରମ ରହିଛି । ଖୋର୍ଦ୍ଧା ଜିଲାର ବିଭିନ୍ନ କଲେଜରେ ୩୨ଟି ପାଠ୍ୟକ୍ରମ ବନ୍ଦ ହୋଇଥିବା ବେଳେ ରାୟଗଡ଼ାରେ ଥିବା ଏକ ଶିକ୍ଷାନୁଷ୍ଠାନର ୫ଟି ଓ ଢେଙ୍କାନାଳରେ ଥିବା ଏକ କଲେଜର ଗୋଟିଏ ପାଠ୍ୟକ୍ରମକୁ ବନ୍ଦ କରି ଦିଆଯାଇଛି । ସେହିପରି ବିଭିନ୍ନ ପାଠ୍ୟକ୍ରମରେ ୧ ଲକ୍ଷ ୨୧ ହଜାର ୧୯୧ ସିଟ୍ ହ୍ରାସ କରାଯାଇଛି । ଏଆଇସିଟିଇ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯–୨୦ ଶିକ୍ଷାବର୍ଷରେ ୧୦ ହଜାର ୯୯୨ ବୈଷୟିକ ଶିକ୍ଷାନୁଷ୍ଠାନର ୩୨ ଲକ୍ଷ ୯ ହଜାର ୭୦୩ ସିଟ୍‌ରେ ନାମଲେଖା ଲାଗି ଅନୁମତି ମିଳିଥିଲା । ୨୦୨୦–୨୧ ଶିକ୍ଷାବର୍ଷରେ ୯ ହଜାର ୬୯୧ ଶିକ୍ଷାନୁଷ୍ଠାନର ୩୦ ଲକ୍ଷ ୮୮ ହଜାର ୫୧୨ ସିଟ୍‌ରେ ନାମଲେଖା ପାଇଁ ଅନୁମତି ଦିଆଯାଇଛି । ଉଲ୍ଲେଖଯୋଗ୍ୟ ,୧୭୯ ଶିକ୍ଷାନୁଷ୍ଠାନ ନିଜ ଆଡୁ ବନ୍ଦ କରିବାକୁ ଆବେଦନ କରିଥିଲେ । ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ୩୪ ହଜାର ୫୫୩ ସିଟ୍ ଥିଲା । ପିଲା ହେଉ ନ ଥିବାରୁ ୭୬୨ଟି ଶିକ୍ଷାନୁଷ୍ଠାନର ୬୯ ହଜାର ୯୬୫ସିଟ୍ ହ୍ରାସ କରାଯାଇଛି । ବିଗତ କିଛି ବର୍ଷ ହେଲା ଇଞ୍ଜିନିୟରିଂ ଓ ଅନ୍ୟ ବୈଷୟିକ ଶିକ୍ଷାରେ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଆସୁଛି । ପିଲାମାନେ ବୈଷୟିକ ଶିକ୍ଷା ସମାପ୍ତି ପରେ ଉପଯୁକ୍ତ ନିଯୁକ୍ତି ପାଉ ନ ଥିବା ଏହାର ପ୍ରମୁଖ କାରଣ ପାଇବେ ବୋଲି କୁହାଯାଉଛି । ଯେଉଁମାନେ ବି ନିଯୁକ୍ତି ପାଉଛନ୍ତି ସେମାନେ ପାଉଥିବା ଦରମା ସାଧାରଣ ଶିକ୍ଷା ସମାପ୍ତ କରି କାର୍ଯ୍ୟକରୁଥିବା ପିଲାମାନଙ୍କ ଦରମା ତୁଳନାରେ କମ୍ ହେଉଥିବା ଦେଖିବାକୁ ମିଳିଛି । ଏହାକୁ ଲକ୍ଷ୍ୟକରି ଅଭିଭାବକମାନେ ଆଉ ବୈଷୟିକ ଶିକ୍ଷାରେ ଟଙ୍କା ଖର୍ଚ୍ଚ କରିବାକୁ ଉଚିତ ମଣୁ ନାହାନ୍ତି । ଏହା ବ୍ୟତୀତ ପିଲାମାନେ ମଧ୍ୟ ଟେକ୍‌ନିକାଲ ଶିକ୍ଷା ବଦଳରେ ଜେନେରାଲ ଶିକ୍ଷା ଆଡ଼କୁ ଆଗ୍ରହ ପ୍ରକାଶ କରୁଥିବା ଦେଖାଯାଉଛି । ଏସବୁକୁ ଆଖିଆଗରେ ରଖି ଇଞ୍ଜିନିୟରିଂ କଲେଜଗୁଡ଼ିକ ମଧ୍ୟ ସେମାନଙ୍କର ସିଟ୍‌ସଂଖ୍ୟା ହ୍ରାସ କରିବାକୁ ଆବେଦନ କରିଆସୁଛନ୍ତି । ଏଆଇସିଟିଇ ସୂତ୍ରରୁ ଜଣାପଡ଼ିଛି, ୧୩୪ଟି ଶିକ୍ଷାନୁଷ୍ଠାନ ଅନୁମୋଦନ ଲାଗି ପୁନଃ ଆବେଦନ କରିନାହାନ୍ତି ; ଯେଉଁଥିପାଇଁ ଏହି ଶିକ୍ଷାନୁଷ୍ଠାନରେ ଥିବା ୪୦ ହଜାର ୫୭୮ ସିଟ୍‌କୁ କମାଇ ଦିଆଯାଇଛି । ଏହାବ୍ୟତୀତ ଲଗାତର ଭାବେ ୫ ବର୍ଷ ଧରି ଅନୁମୋଦିତ ସିଟ୍‌ର ୩୦ ପ୍ରତିଶତରୁ କମ୍ ଛାତ୍ରୀଛାତ୍ର ନାମ ଲେଖାଇବା ହେତୁ ଏଆଇସିଟିଇ ପକ୍ଷରୁ ୪୪ ଶିକ୍ଷାନୁଷ୍ଠାନରେ ୮୮୩୧ ସିଟ୍ ହ୍ରାସ କରାଯାଇଛି ।

ପିଲା ହେଉ ନ ଥିବାରୁ ଗୋଟିଏ ପଟେ କଲେଜ ବନ୍ଦ ହେଉଥିବା ବେଳେ ଅନ୍ୟପଟେ ୨୦୨୦–୨୧ ଶିକ୍ଷାବର୍ଷ ଲାଗି ୧୬୪ଟି ଶିକ୍ଷାନୁଷ୍ଠାନରେ ୩୯ ହଜାର ୬୫୬ ସିଟ୍ ଖୋଲିବାକୁ ଅନୁମତି ମିଳିଛି । ଦେଶର ୧୩୧୧ଟି ଶିକ୍ଷାନୁଷ୍ଠାନ ନୂଆ ପାଠ୍ୟକ୍ରମ ଖୋଲିବା ଲାଗି ଆବେଦନ କରିଥିଲେ । ଏଆଇସିଟିଇ ପକ୍ଷରୁ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ୧ ଲକ୍ଷ ୨ ହଜାର ୩୯୭ଟି ସିଟ୍‌କୁ ଅନୁମତି ଦିଆଯାଇଛି । ଏଆଇସିଟିଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁଯାୟୀ ଆର୍କିଟେକ୍‌ଚର ଓ ଫାର୍ମାସୀ ପାଠ୍ୟକ୍ରମ ଲାଗି ଏଆଇସିଟିଇର ଅନୁମତି ଦରକାର ନାହିଁ । ଆର୍କିଟେକ୍ ପାଠ୍ୟକ୍ରମ ଖୋଲିବାକୁ ଚାହୁଁଥିବା କଲେଜଗୁଡ଼ିକ 'କାଉନ୍‌ସିଲ୍ ଅଫ୍ ଆର୍କିଟେକଚର' ଓ ଫାର୍ମାସୀ କଲେଜ ଲାଗି 'ଫାର୍ମାସୀ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ'ର ଅନୁମୋଦନ ନିହାତି ଆବଶ୍ୟକ । ସମ୍ପୃକ୍ତ ପାଠ୍ୟକ୍ରମ ଲାଗି ଏଣିକି ଉକ୍ତ ଦୁଇଟି କାଉନ୍‌ସିଲ୍‌ର ଅନୁମତି ଦରକାର । କୋଭିଡ୍–୧୯କୁ ଦୃଷ୍ଟିରେ ରଖି ଏଥର ଆବେଦନ ପ୍ରକ୍ରିୟା ବିଳମ୍ବିତ ହୋଇଥିଲା । ତଥାପି ମେ' ମାସରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍ ଶେଷ ସୁଦ୍ଧା ଶେଷ ହୋଇଥିଲା ।

ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାପ୍ରଦାନ ନିମନ୍ତେ କେବଳ ଅନୁଷ୍ଠାନ ଖୋଲିଦେଲେ ଶିକ୍ଷିତ ମାନବସମ୍ବଳ ସୃଷ୍ଟି ହୋଇଯିବେ ସିନା, ମାତ୍ର ସେମାନଙ୍କୁ ଯଦି ନିଯୁକ୍ତି ଦିଆଯାଇ ନ ପାରିଲା ତେବେ ସେମାନେ ସରକାରଙ୍କ ଲାଗି ବୋଝ ପାଲଟିଯିବେ । ଓଡ଼ିଶା ବର୍ତ୍ତମାନ ସେମିତି ସ୍ଥିତିକୁ ସାମ୍ନା କରିବାକୁ ଯାଉଛି । ରାଜ୍ୟରେ ବର୍ତ୍ତମାନ ଲକ୍ଷାଧିକ ଇଞ୍ଜିନିୟର ବେକାର । ଏମାନଙ୍କ ନିକଟରେ କାମ ନାହିଁ । ବିଭିନ୍ନ ବିଭାଗରେ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂ ପାସ୍ କରି ଘରେ ବସି ରହିଛନ୍ତି ହଜାର ହଜାର ଛାତ୍ରୀଛାତ୍ର । ବୈଷୟିକ ଶିକ୍ଷାରେ ଡିଗ୍ରୀ ହାସଲ କରିବା ପରେ ମଧ୍ୟ ଏମାନଙ୍କ ଭିତରୁ ଅନେକ କିରାଣି ଚାକିରି ନିମନ୍ତେ ଆବେଦନ କରୁଛନ୍ତି, ଛୋଟମୋଟ ସଂସ୍ଥାରେ ସୁପରଭାଇଜର ରହୁଛନ୍ତି, ଏମିତି କି ଅନେକ ଶିକ୍ଷିତ ବେକାର ଯୁବକ ଚତୁର୍ଥଶ୍ରେଣୀ ପଦବୀ ଲାଗି ମଧ୍ୟ ଆବେଦନ କରୁଛନ୍ତି । ଆଗରୁ ଅଶିକ୍ଷିତ ଲୋକେ ଦାଦନ ଖଟିବାକୁ ରାଜ୍ୟ ଛାଡୁଥିଲେ ଏବେ ବହୁସଂଖ୍ୟାରେ ଶିକ୍ଷିତ ଯୁବତୀଯୁବକ ରାଜ୍ୟ ଛାଡୁଛନ୍ତି । ଅଭିଯୋଗ ଆସୁଛି ଯେ, ଆମର ପିଲାମାନେ ଶିକ୍ଷା ସମାପ୍ତି ପରେ ନିଯୁକ୍ତିଯୋଗ୍ୟ ହୋଇପାରୁନାହାନ୍ତି । ଗୋଟିଏ ପଟେ ସରକାର ଆତ୍ମନିର୍ଭର ଭାରତ କଥା କହୁଥିଲା ବେଳେ ବୈଷୟିକ ଶିକ୍ଷାରେ ଦେଖାଦେଇଥିବା ଏ ସଙ୍କଟ ଭିନ୍ନ ଚିତ୍ର ଉପସ୍ଥାପନ କରୁଛି । ଏହା ସ୍ପଷ୍ଟ କରୁଛି ଆମର ଯୋଜନା ଓ କାର୍ଯ୍ୟାନ୍ୱୟନ ଭିତରେ ନିଶ୍ଚିତ କେଉଁଠି ଫାଙ୍କ ରହିଛି ।

ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା
ମୋ:୯୪୩୯୯୦୩୨୨୦

### ଏଇ ଭାରତରେ

ସତ୍ୟଜିତ କୁମାର ସିଂ ମଖାନ( ପଦ୍ମଫୁଲରୁ ବାହାରୁଥିବା ପୁଷ୍ଟିକର ମଞ୍ଜି)ଚାଷରେ ବିହାରର ୯ଟି ଜିଲାର ୩୮ ବ୍ଲକରେ ୧୨,୦୦୦ ଚାଷୀଙ୍କୁ ସଶକ୍ତ କରିପାରିଛନ୍ତି । ତାଙ୍କୁ କୁହାଯାଉଛି ମଖାନ ମ୍ୟାନ । ୧୯ ବର୍ଷ ତଳେ ପ୍ରତିଷ୍ଠା କରିଥିବା ଶକ୍ତି ସୁଧା ଇଣ୍ଡଷ୍ଟ୍ରିର ପ୍ରୟାସରେ ଚାଷୀମାନେ ଭାରତରେ ଉତ୍ପାଦିତ ମଖାନର ୫୦% ଉତ୍ପାଦନ କରୁଛନ୍ତି । ଆଉ ୨/୩ ବର୍ଷ ପରେ ଏମାନେ ବିଶ୍ୱରେ ୭୦ରୁ ୭୫% ମଖାନ ଉତ୍ପାଦନ କରିବାକୁ ସକ୍ଷମ ହେବେ ବୋଲି କହନ୍ତି ସତ୍ୟଜିତ । କଲେଜ ଶିକ୍ଷା ଶେଷ କରିବା ପରେ ସେ ସିଭିଲ ସର୍ଭିସ ପାଇଥିଲେ । କିନ୍ତୁ ପରେ ଚାକିରି ଛାଡି ମଖାନ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ସେ ୪୦୦ ଚାଷୀଙ୍କୁ ନେଇ ଆରମ୍ଭ କରିଥିବା ମଖାନ ଚାଷରେ ଏବେ ୧୨,୦୦୦ ଚାଷୀ ସାମିଲ ହୋଇଛନ୍ତି । ୧୫୦୦ ହେକ୍ଟରରୁ ଚାଷ ଏବେ ୧୮,୦୦୦ ହେକ୍ଟରକୁ ଛୁଇଁଛି । ସତ୍ୟଜିତ ଏହାକୁ ଆଗାମୀ ବର୍ଷ ସୁଦ୍ଧା ୨୫,୦୦୦ ହେକ୍ଟରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି । ସ୍ଥାନୀୟ ମାର୍କେଟରେ ୧କେଜି ମଖାନକୁ ୪୦୦ ଟଙ୍କାରେ ବିକ୍ରି କରାଯାଉଛି । ଅଫ୍‌ଲାଇନ ଓ ଅନ୍‌ଲାଇନରେ ବିକ୍ରି ହେଉଛି ମଖାନରୁ ପ୍ରସ୍ତୁତ ୨୮ ପ୍ରକାର ଉତ୍ପାଦ । ଏହା କାନାଡା ଓ ଆମେରିକାକୁ ରପ୍ତାନି ହେଉଛି । ଦେଶର ୧୫ରାଜ୍ୟର ୫୦ଟି ସହରରେ ଏହାକୁ ବିକ୍ରି କରିବାର ଯୋଜନା କରାଯାଇଛି । ୨୦୨୪ ସୁଦ୍ଧା ୫୦ରୁ ୧୦୦ କୋଟି କାରବାର କରିବାର ଲକ୍ଷ୍ୟ ରଖିଛନ୍ତି ସତ୍ୟଜିତ ।

### ୨୫ ବର୍ଷ ତଳର ଧରିତ୍ରୀ

୨୯ ଅଗଷ୍ଟ ୧୯୯୫

- ୧୩ ବର୍ଷୀୟ ତାମିଲନାଡୁ ସନ୍ତରଣକାରୀ ଭି.କୁତ୍ରାଲିଶ୍ୱରନ ୮୧ କିଲୋମିଟର ବିଶିଷ୍ଟ ତଥା ବିଶ୍ୱର ସବୁଠାରୁ ଦୀର୍ଘତମ ନଦୀକୁ ୧୧ ଘଣ୍ଟା ୩୩ ମିନିଟ୍ ୧୦ ସେକେଣ୍ଡରେ ଅତିକ୍ରମ କରି ଏକ ଅପୂର୍ବ ସଫଳତା ହାସଲ କରିଛନ୍ତି ।
- ଗୋପାଳପୁରଠାରେ ୨୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଟାଟା ସହ ଓଡ଼ିଶା ସରକାରଙ୍କ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | | C | 2 | 1 | | B | 6 | | | 5 | |
| | B | D | | 1 | | | | | | | | 2 | | |
| | | A | | | | E | | | 0 | | | | | 9 |
| 9 | 4 | | B | | A | | | 8 | D | | | | | |
| C | | | | D | | A | | | 3 | 9 | | 7 | | |
| | D | | | C | | | 0 | | | | 3 | | | |
| | 0 | | 9 | | 6 | | | | | 8 | 4 | 1 | B | 3 |
| | C | 6 | | | | | 2 | | | | | | | |
| | E | B | 3 | | 2 | | | | 7 | | D | 8 | | |
| | | | 1 | 8 | | C | | | | | | 5 | | 2 |
| | | 4 | | E | | | | 9 | | | | 0 | | A |
| | | 0 | 7 | | | 5 | 8 | 2 | 4 | | | 9 | | E |
| 2 | | | | 0 | | 7 | | | | | | | D | |
| | | | | | | | | 6 | 9 | 5 | A | 4 | | |
| | 9 | | C | 5 | 1 | | | | 8 | | B | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 5 | 3 | C | 2 | 9 | 7 | 8 | 4 | 0 | D | B | 1 | 6 |
| 7 | 2 | D | B | 6 | A | 3 | 5 | 4 | E | C | 1 | 9 | 0 | 8 |
| 3 | C | 9 | 5 | 1 | 4 | 0 | D | A | 8 | 6 | B | 7 | 2 | E |
| B | 6 | 4 | 8 | 0 | D | 1 | C | E | 7 | 2 | 9 | A | 5 | 3 |
| 1 | 8 | 0 | E | 9 | 7 | 6 | B | 2 | 3 | A | 5 | C | 4 | D |
| 4 | D | 3 | C | 5 | E | A | 2 | 6 | 0 | 9 | 8 | 1 | 7 | B |
| 9 | A | E | 0 | 2 | 3 | 7 | 4 | D | 1 | B | 6 | 5 | 8 | C |
| 0 | 7 | 6 | 1 | D | B | 8 | 3 | C | 2 | 5 | 4 | E | A | 9 |
| 8 | 1 | B | 6 | A | 9 | 5 | E | 0 | C | 7 | 3 | 4 | D | 2 |
| C | 5 | 2 | 4 | 7 | 8 | B | 1 | 9 | A | D | E | 3 | 6 | 0 |
| 2 | 9 | A | D | 4 | 0 | E | 8 | B | 5 | 1 | C | 6 | 3 | 7 |
| D | 3 | 7 | 9 | B | 1 | C | A | 5 | 6 | 8 | 0 | 2 | E | 4 |
| 6 | 4 | C | 2 | E | 5 | D | 0 | 1 | 9 | 3 | 7 | 8 | B | A |
| E | B | 1 | 7 | 8 | 6 | 2 | 9 | 3 | D | 4 | A | 0 | C | 5 |
| 5 | 0 | 8 | A | 3 | C | 4 | 6 | 7 | B | E | 2 | D | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାହାର ପୁଷମାସ, କାହାର ସର୍ବନାଶ

ମହାଶୟ,

ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମିକ୍‌ସ ତାଜା ରିପୋର୍ଟ ଅନୁସାରେ ଆମ ଦେଶରେ ଲକ୍‌ଡାଉନ୍ କାର୍ଯ୍ୟକାରୀ ହେବାର ୪ ମାସ ମଧ୍ୟରେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ଆୟ ୩୦ ପ୍ରତିଶତ ହ୍ରାସ ପାଇଛି । ଗରିବଙ୍କ ଆୟର ବୃଦ୍ଧି ବା ହ୍ରାସ ସମ୍ପର୍କରେ ବିଶେଷ ତଥ୍ୟ ନ ମିଳିଥିଲେ ମଧ୍ୟ ସେମାନଙ୍କ ଆୟ ନିଶ୍ଚିତ ଭାବେ ହ୍ରାସ ପାଇଛି । ମାତ୍ର ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସମାଜ କଲ୍ୟାଣ ଯୋଜନା ଅଧୀନରେ ପର୍ଯ୍ୟାପ୍ତ ସହାୟତା ପାଇଛନ୍ତି । ସେହିପରି ଧନୀ ଲୋକଙ୍କ ଆୟର ବୃଦ୍ଧି ଓ ହ୍ରାସ ସମ୍ପର୍କରେ ବିଶଦ୍ ତଥ୍ୟ ନ ମିଳିଥିଲେ ମଧ୍ୟ ଦେଶର ଏକନମ୍ବର ଧନୀଙ୍କ ଆୟ ଏହି ସମୟ ମଧ୍ୟରେ ୪୨ ପ୍ରତିଶତ ବୃଦ୍ଧି ପାଇଛି । ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ, ଲକ୍‌ଡାଉନ ସମୟରେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଧନୀ ଓ ସୁପର ଧନୀମାନେ ସର୍ବାଧିକ ଲାଭବାନ ହୋଇଛନ୍ତି । ସୁତରାଂ ଲକ୍‌ଡାଉନ୍ କାହା ପାଇଁ ପୁଷମାସ ଓ କାହା ପାଇଁ ସର୍ବନାଶର କାରଣ ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାର ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନଦେବା ଜରୁରୀ ହୋଇପଡ଼ିଛି ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଯୁଗେ ଯୁଗେ କେତେ କଥା
ଆସିଛି ସେ କହି
କେତେ ମୁଖେ ନବ ନବ
ରୂପ ରସ ବହି ।

(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

#### ୬ ଅଭିଯୁକ୍ତ ଅଟକ

**ଗୁଣପୁର,୨୮।୮(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୬ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ମୁତାବକ, ୬ ମାସ ତଳେ ପୀଡିତା ଜଣଙ୍କ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ୬ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ଗୁରୁବାର ପୀଡିତାଙ୍କ ବାପା ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ପୋଲିସ ସମ୍ପୃକ୍ତ ୬ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏଥିସହ ପୀଡିତାଙ୍କ ଡାକ୍ତରୀମାଇନା କରାଯାଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଭସାଣ ଉତ୍ସବ ମନା, କେବଳ ବିସର୍ଜନ

**କଟକ ଅଫିସ,୨୮।୮**

### କଟକଣାରେ ଫସିଛି କଟକ ଦଶହରା

- ପ୍ରଥମଥର ରୌପ୍ୟନଗରୀରେ ଝଲସିବନି ଚାନ୍ଦିମେଢ଼
- ଆବଦ୍ଧ ମଣ୍ଡପରେ ପୂଜା, ଘରେ ବଣ୍ଟାଯିବ ଅଷ୍ଟମୀ ଭୋଗ




କରୋନା କଟକଣା ଭିତରେ ଛନ୍ଦି ହୋଇପଡ଼ିଛି ପାର୍ବଣର ସହର କଟକ ଦଶହରା। ପ୍ରଥମଥର ପାଇଁ ରୌପ୍ୟନଗରୀର ପୂଜା ମଣ୍ଡପରେ ଚାନ୍ଦିମେଢ଼ ଦେଖିବାକୁ ମିଳିବ ନାହିଁ କି ମା'ଙ୍କ ମଥାରେ ସୁନା ମୁକୁଟ ଝଲସିବ ନାହିଁ। ବିନା ଆଡ଼ମ୍ବରରେ ମା'ଙ୍କ ପୂଜା ହେବ। ଭସାଣ ଯାତ୍ରା ହେବନାହିଁ। କେବଳ ବିସର୍ଜନରେ ସରିବ ଦଶହରା। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଡିସିପିଙ୍କ କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକ ବସିଥିଲା। ଦଶହରା, କାଳିପୂଜା ଓ କାର୍ତ୍ତିକେଶ୍ୱର ପୂଜା ପାଇଁ ଏଥିରେ ଆଲୋଚନା ବେଳେ ଏଭଳି ନିଷ୍ପତ୍ତି ନିଆଯାଇଛି।

ଅନେକ ଦ୍ୱନ୍ଦ୍ୱ ଓ ଆଶଙ୍କା ଭିତରେ ଯଦିଓ କଟକ ଦଶହରା ଆୟୋଜନ ହେବ ବୋଲି ସ୍ପଷ୍ଟ ହୋଇଛି। କିନ୍ତୁ ପୂର୍ବର ସେ ପାର୍ବଣ ଚମକ ଏଥର ରହିବ ନାହିଁ। କୋଭିଡ୍ ଗାଇଡ୍‌ଲାଇନ ପାଳନ କରି ଚଳିତବର୍ଷ ଦଶହରା ସମ୍ପନ୍ନ ହେବ। ଶୁକ୍ରବାର ବୈଠକରେ କଟକ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟିର କର୍ମକର୍ତ୍ତା ଉପସ୍ଥିତ ରହି କେତେକ ପ୍ରସ୍ତାବ ଆଗତ କରିଥିଲେ। ପୂଜା ମଣ୍ଡପଗୁଡ଼ିକୁ କପଡ଼ା ବାନ୍ଧି ଆବଦ୍ଧ କରାଯିବ। ମୂର୍ତ୍ତି ନିର୍ମାଣ ହେବ। ମୂର୍ତ୍ତିର ଉଚ୍ଚତା କେତେ ରହିବ, ସେ ନେଇ ପରବର୍ତ୍ତୀ ବୈଠକରେ ଆଲୋଚନା କରାଯିବ। ମାଟିଉଠା ସରିଥିବାରୁ କେବଳ ମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ଏବେ ଅପେକ୍ଷା ରହିଛି। ସ୍ଥିତି ଏପରି ହୋଇଛି ଯେ ଏପରିକି ଘଟ କିମ୍ବା ଫଟୋ ରଖି ଦଶହରା ପୂଜା ଶେଷ କରିବାକୁ କଟକର ବିଭିନ୍ନ ପୂଜା କମିଟି ପ୍ରସ୍ତୁତ ହୋଇଛନ୍ତି। ପୂଜା ମଣ୍ଡପଗୁଡ଼ିକରେ ୫/୭ ଜଣ ଲୋକ ରହିବେ। ଅଷ୍ଟମୀ ପୂଜା ଦିନ ମଣ୍ଡପରେ ମହିଳାଙ୍କ ବିଶେଷ ଭିଡ଼ ଜମେ। କିନ୍ତୁ ଚଳିତବର୍ଷ ଅଷ୍ଟମୀ ଦିନ କୌଣସି ମହିଳା କିମ୍ବା ବ୍ୟକ୍ତିବିଶେଷଙ୍କୁ ମଣ୍ଡପକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ପୂଜା ସାମଗ୍ରୀ ମଧ୍ୟ ଗ୍ରହଣ କରାଯିବ ନାହିଁ। ପୂଜା କମିଟି ଅଧୀନରେ ରହୁଥିବା ବାସିନ୍ଦାଙ୍କ ପାଖରେ କିପରି ଅଷ୍ଟମୀ ଭୋଗ ପହଞ୍ଚିବ, ତାହା କମିଟି କର୍ମକର୍ତ୍ତା ବୁଝିବାକୁ ବୈଠକରେ କୁହାଯାଇଛି। ଏହି ବୈଠକରେ ଡିସିପି ପ୍ରତୀକ ସିଂ, କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, କଟକ ମହାନଗର ପୂଜା କମିଟି ସଭାପତି ପ୍ରଭାତ ତ୍ରିପାଠୀ ଓ ଅନ୍ୟ କିଛି ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୋମବାର କଟକର ରାଜନୈତିକ ନେତୃବୃନ୍ଦ ଓ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ପୁର୍ନବାର ଏକ ବୈଠକ ବସିବ। ସେଥିରେ କଟକ ଦଶହରା ସମ୍ପର୍କିତ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ।

# ରାୟଗଡ଼ା ଜିଲାର ୨ ଜେଲରୁ ୨୧୮ କରୋନା ପଜିଟିଭ

**ରାୟଗଡ଼ା ଅଫିସ/ ଗୁଣପୁର,୨୮।୮(ଡି.ଏନ୍.ଏ.)**

### ୨୪ ଘଣ୍ଟାରେ ରେକର୍ଡ ୪୯୫ ସଂକ୍ରମିତ



ରାୟଗଡ଼ା ସମଗ୍ର ରାଜ୍ୟରେ ଶେଷ ଜିଲାଭାବେ ଜୁନ୍ ୩ରେ କରୋନା ତାଲିକାରେ ସାମିଲ ହୋଇଥିଲା। ପ୍ରଥମେ ଜଣେ ଦିଲ୍ଲୀ ଫେରନ୍ତା ଯୁବତୀ ସଂକ୍ରମିତ ହୋଇଥିଲେ। ତେବେ ତିନି ମାସ ମଧ୍ୟରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୪୨୧୫ରେ ପହଞ୍ଚିଛି। ସମସ୍ତ ରେକର୍ଡ ଅତିକ୍ରମ କରି ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ୪୯୫ ପଜିଟିଭ ଚିହ୍ନଟ ହୋଇଥିବା ଶୁକ୍ରବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ଜିଲାରୁ ଆଉ ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ସଂକ୍ରମିତଙ୍କ ମଧ୍ୟରେ ଜିଲାର ୨ ସବ୍‌ଜେଲରୁ ୨୧୮ ଜଣ ରହିଥିବା ଜଣାପଡ଼ିଛି। ରାୟଗଡ଼ା ସବ୍‌ଜେଲରୁ ୫ କର୍ମଚାରୀଙ୍କ ସମେତ ୧୫୭ ଏବଂ ଗୁଣପୁର ସବ୍‌ଜେଲରୁ ୬୧ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଚିହ୍ନଟ କର୍ମଚାରୀ ଏବଂ ଅନ୍ତେବାସୀଙ୍କୁ ଜେଲସ୍ଥିତ କୋଭିଡ୍ କେୟାର୍ ହୋମ୍(ସିସିଏଚ୍)ରେ ଆଇସୋଲେଶନରେ ରଖି ଚିକିତ୍ସା କରାଯାଉଛି। ରାୟଗଡ଼ା ଜେଲ୍ ସିସିଏଚ୍ ପାଇଁ ଡା. ଅବନୀ ମହାପାତ୍ର(ଏମ୍‌ଏସ୍, ଆର୍‌ଆର୍‌ଟି) ଏବଂ ଗୁଣପୁର ସବ୍‌ଜେଲ ସିସିଏଚ୍ ପାଇଁ ଡା. ରମେଶ ଚନ୍ଦ୍ର ସାହୁ(ଏସ୍‌ଡିଏମ୍‌ଓ, ଗୁଣପୁର)ଙ୍କୁ ଅଥରାଇଜ୍‌ଡ୍ ମେଡିକାଲ ଅଫିସରଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଅଥରାଇଜ୍‌ଡ୍ ପର୍ସନ୍ ଭାବେ ୨ ସବ୍‌ଜେଲ୍‌ର ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ଏପର୍ଯ୍ୟନ୍ତ ଜିଲାରୁ ମୋଟ ୪୨୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୨୨୭୮ଜଣ ସୁସ୍ଥହୋଇ ଫେରିଥିବାବେଳେ ୨୨ଜଣଙ୍କ ମୃତ୍ୟୁ ଘଟିଛି। ଜିଲାରେ ଆଉ ୧୯୧୫ ସଂକ୍ରମିତ ଚିକିତ୍ସିତ ଥିବା ଜଣାପଡ଼ିଛି। ତେବେ ଚଳିତ ମାସରେ ପରୀକ୍ଷା ସଂଖ୍ୟା ବୃଦ୍ଧି ଯୋଗୁ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ଏହାକୁ ନିୟନ୍ତ୍ରଣ କରିବାକୁ ପ୍ରଚେଷ୍ଟା ଜାରି ରହିଛି ବୋଲି ଜିଲାପାଳ କହିଛନ୍ତି। ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। ତେବେ ଲକ୍ଷଣକୁ ନ ଲୁଚାଇ ପ୍ରଶାସନକୁ ଜଣାଇବା ପାଇଁ ସେ ଅନୁରୋଧ କରିଛନ୍ତି।

# ୧୦ ଜିଲାର ୯୯୭ ଗ୍ରାମ କ୍ଷତିଗ୍ରସ୍ତ

**ଭୁବନେଶ୍ୱର,୨୮।୮(ବ୍ୟୁରୋ)**

### ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଲଗାଣ ବର୍ଷା ଫଳରେ ରାଜ୍ୟରେ ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିରେ ସୁଧାର ଆସିବାରେ ଲାଗିଛି। ସୁବର୍ଣ୍ଣରେଖା ନଦୀରେ ରାଜଘାଟଠାରେ ବିପଦ ସଙ୍କେତ ୧୦.୩୫ମିଟର ଥିବାବେଳେ ଶୁକ୍ରବାର ଜଳସ୍ତର ୧୦.୯୫ ମିଟରକୁ ଉଠିଥିଲା। ଦ୍ୱିପ୍ରହର ୨ଟା ସୁଦ୍ଧା ଏହା କମି ୧୦.୮୮ ମିଟରରେ ପ୍ରବାହିତ ହେଉଛି। ଗାଲୁଡିହି ବ୍ୟାରେଜରୁ ଗୁରୁବାର ୭୫୦୦ କ୍ୟୁସେକ୍ ଜଳ ନିଷ୍କାସିତ ହୋଇଥିବା ବେଳେ ବର୍ତ୍ତମାନ ଏହା ୫୭୫୭ କ୍ୟୁସେକକୁ ହ୍ରାସ ପାଇଛି। ଆଉ ବର୍ଷା ହେଉ ନ ଥିବାରୁ ଜଳସ୍ତର ଆହୁରି କମିବା ସହିତ ବନ୍ୟା ସ୍ଥିତିରେ ଅନେକ ସୁଧାର ଆସିବ ବୋଲି ଆଶା କରାଯାଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଶୁକ୍ରବାର ଡିଜିଟାଲ ବ୍ୟବସ୍ଥାରେ ସମୀକ୍ଷା କରିବାପରେ ଏହି ସୂଚନା ଦେଇଛନ୍ତି।

ବୁଢାବଳଙ୍ଗ ନଦୀରେ ଏନ୍‌ଏଚ୍-୫ ଗୋବିନ୍ଦପୁରଠାରେ ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ଦିନ ୨ଟା ବେଳକୁ ଜଳସ୍ତର ୭.୭୫ ମିଟରରେ ପ୍ରବାହିତ ହେଉଥିଲା। ଗୁରୁବାର ଏହାର ଜଳସ୍ତର ବିପଦ ସଙ୍କେତ ଟପି ୮.୪୦ମିଟରରେ ପ୍ରବାହିତ ହେଉଥିଲା। ଜଳସ୍ତର ଅନେକ କମିଛି ଏବଂ ବର୍ତ୍ତମାନ ସ୍ଥିର ଅଛି। ବୈତରଣୀ ନଦୀରେ ଆନନ୍ଦପୁରଠାରେ ବିପଦ ସଙ୍କେତ ୩୮.୩୫ ମିଟରରେ ଥିଲାବେଳେ ବର୍ତ୍ତମାନ ଜଳସ୍ତର ୩୭.୪୫ ମିଟରରେ ପ୍ରବାହିତ ହେଉଥିଲା। ଆଖୁଆପଦାଠାରେ ମଧ୍ୟ ଜଳସ୍ତର ହ୍ରାସ ପାଇ ୧୯.୨୯ ରହିଛି। ଜଳସ୍ତର କମିବା ସାଙ୍ଗକୁ ଏହି ସବୁ ସ୍ଥାନରେ ବନ୍ୟା ପରିସ୍ଥିତି ମଧ୍ୟ ଆଉ ନାହିଁ। କେନ୍ଦୁଝର, ଯାଜପୁର, ମୟୂରଭଞ୍ଜରେ ଆଉ ବର୍ଷା ହୋଇ ନ ଥିବାରୁ ବୈତରଣୀର ଜଳସ୍ତର ଆହୁରି କମିବ ବୋଲି ଆଶା କରାଯାଉଛି। ବ୍ରାହ୍ମଣୀ ନଦୀ ଅବବାହିକାରେ ପଙ୍କପାଳଠାରେ ଜଳସ୍ତର ବିପଦ ସଙ୍କେତ ଠାରୁ ଅଧିକ ରହିଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ କହିବାମୁତାବକ ପଙ୍କପାଳଠାରେ ୧୦,୩୩୮.୪୧ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ମହାନଦୀରେ ଜଳଭଣ୍ଡାରର ଜଳସ୍ତର ଖଲାସ କରିବାକୁ ୩୫ଟି ଗେଟ୍ ଖୋଲାଯାଇଛି। ଜଳଭଣ୍ଡାର ମଧ୍ୟକୁ ୮ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାପରେ ସର୍ବାଧିକ ୪୨ଟି ଗେଟ୍ ଖୋଲିଦିଆଯିବ ବୋଲି ଜଣାପଡିଛି। ମୁଣ୍ଡଳିଠାରେ ସର୍ବାଧିକ ୧୦,୦୦,୦୦୦ କ୍ୟୁସେକରୁ ୧୦,୫୦,୦୦୦ କ୍ୟୁସେକ ଜଳ ନିଷ୍କାସିତ ହେବାର ଆକଳନ କରାଯାଉଛି।

ବନ୍ୟା ଯୋଗୁ ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଯାଜପୁର, ଢେଙ୍କାନାଳ, ନୂଆପଡା, ଦେବଗଡ, ସୁବର୍ଣ୍ଣପୁର ସମେତ ୧୦ ଜିଲାର ୩୯ବ୍ଲକ ଅନ୍ତର୍ଗତ ୯୯୭ଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ସେହିପରି କ୍ଷତିଗ୍ରସ୍ତ ହୋଇଥିବା ଲୋକସଂଖ୍ୟା ଏ ପର୍ଯ୍ୟନ୍ତ ୪,୧୩,୫୧୨ ରହିଛି। ୫୫ଟି ଗ୍ରାମର ୩,୮୨,୨୧୬ ଜଣ ଲୋକ ପାଣି ଘେରରେ ରହିଛନ୍ତି। ସମୁଦାୟ ୧୩୬୪ ଘର ମଧ୍ୟରୁ ୨୮ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ୧୩୩୬ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୭୪,୨୭୧ ହେକ୍ଟର ଜମିର ଚାଷ କ୍ଷତିଗ୍ରସ୍ତ ହୋଇଛି। ବହୁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ୧୦୦ଟି ବାତ୍ୟା ଆଶ୍ରୟ ସ୍ଥଳିରେ ରଖାଯାଇଛି। ସମୁଦାୟ ୧,୦୫,୮୮୧ ପ୍ରାଣୀସମ୍ପଦ କ୍ଷତିଗ୍ରସ୍ତ ହୋଇଛି। ଏହି ବନ୍ୟା ପରିସ୍ଥିତିରେ ୫ଟି ସହରାଞ୍ଚଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବରଗଡ, ଯାଜପୁର, ବାଲେଶ୍ୱର, ନୂଆପଡା, ତଥା ଭଦ୍ରକ ଜିଲାରେ ଜଣେ ଲେଖାଏ ସମୁଦାୟ ୫ଜଣ ପ୍ରାଣ ହରାଇଛନ୍ତି। ବନ୍ୟାଜନିତ ବିପଦରୁ ଉଦ୍ଧାର ତଥା ଥଇଥାନ ଲାଗି ୭ ଓଡିଆରଏଫ ଏବଂ ୭ ଏନଡିଆରଏଫ ଟିମ ବିଭିନ୍ନ ଜିଲାରେ ନିୟୋଜିତ କରାଯାଇଛି। ମୟୁରଭଞ୍ଜ ଜିଲାରେ ଗୋଟିଏ, ବାଲେଶ୍ୱରରେ ଗୋଟିଏ ଓଡିଆରଏଫ ଏବଂ ୨ ଏନଡିଆରଏଫ, ଭଦ୍ରକରେ ଗୋଟିଏ ଲେଖାଏ ଓଡିଆରଏଫ ଏବଂ ଏନଡିଆରଏଫ ମୁତୟନ ଅଛନ୍ତି। ସେହିଭଳି ଯାଜପୁରରେ ୨ ଓଡିଆରଏଫ ଏବଂ ୩ଟି ଏନଡିଆରଏଫ ତଥା କେନ୍ଦ୍ରାପଡାରେ ୨ ଓଡିଆରଏଫ ଓ ୧ଟି ଏନଡିଆରଏଫ ଟିମ୍ ନିୟୋଜିତ କରାଯାଇଛି। ସେହିପରି ଜଗତସିଂହପୁର, ପୁରୀ, ଝାରସୁଗୁଡା, ସୁନ୍ଦରଗଡ, ବଲାଙ୍ଗୀର, ବୌଦ୍ଧ ଓ ଦେବଗଡ ଜିଲାକୁ ଗୋଟିଏ ଲେଖା ଓଡିଆରଏଫ ଟିମ୍ ମୁତୟନ ଅଛନ୍ତି। ସେହିପରି ଜଗତସିଂହପୁରକୁ ଗୋଟିଏ ଏବଂ ପୁରୀକୁ ଦୁଇଟି ଏନଡିଆରଏଫ ଟିମ୍ ପଠାଯାଇଛି। ଅଗ୍ନିଶମ ସେବାର ଟିମ୍‌କୁ ମଧ୍ୟ ଅଧିକ ଆବଶ୍ୟକତା ଥିବା ଜିଲାକୁ ପଠାଯାଉଛି। ଏହା ମଧ୍ୟରେ ଜଗତସିଂହପୁରକୁ ୫ଟି, କେନ୍ଦ୍ରାପଡାକୁ ୨ଟି, ପୁରୀକୁ ୫ଟି ଏବଂ ଯାଜପୁରକୁ ୨ଟି ଦଳ ପଠାଯାଇଛି।

# କମାରଶାଳରେ ତିଆରି ହେଉଥିଲା ବନ୍ଧୁକ

### ୨ ଗିରଫ, ବନ୍ଧୁକ ତିଆରି ସାମଗ୍ରୀ ଜବତ

**ମୁନିଗୁଡ଼ା,୨୮।୮(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ବୁର୍ଜୁଗୁଡ଼ାସ୍ଥିତ ଏକ କମାରଶାଳରୁ ଦେଶୀବନ୍ଧୁକ ତିଆରି ସାମଗ୍ରୀ ଜବତ କରାଯାଇଛି। ଏଥିସହ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୁର୍ଜୁଗୁଡ଼ା ଅଞ୍ଚଳର ଗୌରାଙ୍ଗ କରକରିଆ(୬୦) ଏବଂ ହାଡିରାମ କୁଲେସିକା (୬୧)। ସୂଚନା ଅନୁଯାୟୀ, ଏକ କମାରଶାଳରେ ବେଆଇନଭାବେ ଦେଶୀବନ୍ଧୁକ ତିଆରି କରାଯାଉଥିବା ଗୁରୁବାର ଅପରାହ୍ନରେ ମୁନିଗୁଡ଼ା ପୋଲିସ ସୂଚନା ପାଇଥିଲା। ଆଇଆଇସି ରାଜେନ୍ଦ୍ର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଶୋକ କୁମାର ବିଷୋୟୀ, ହାବିଲଦାର ଶ୍ରୀନିବାସ ଦଳାଇ, କନ୍‌ଷ୍ଟେବଳ ନିରଞ୍ଜନ ଦାସ ଓ ରବୀନ୍ଦ୍ର ବିଡିକା ବୁର୍ଜୁଗୁଡ଼ାସ୍ଥିତ ଉକ୍ତ କମାରଶାଳରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ସେଠାରୁ ଦେଶୀ ବନ୍ଧୁକର ଲୁହା ରଡ୍, ଲୁହା ପାଇପ୍, ହାତୁଡ଼ି, ଚୁଲି ସହ ବନ୍ଧୁକ ତିଆରିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଏ ନେଇ ଥାନାରେ ୧୨୦/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଛି।


Government of Odisha
Office of the Executive Engineer
Rural Works Division, Jharsuguda
Bid Identification No. Online - EEJSG - 05 of 2020-21
NOTICE INVITING TENDER FOR ROAD WORK IN ODISHA
NATIONAL COMPETITIVE BIDDING THROUGH e-Procurement
No.O-283:-

| | | |
|---|---|---|
| 1. | Name of the work | Road work as per DTCN available in the www.tendersorissa.gov.in |
| 2. | Total No. of Work | 01 (One) No. |
| 3. | Estimated Cost | Rs. 67.89 lakh |
| 4. | Period of completion | 03 (Three) Calender Months |
| 5. | Period and Time of availability of bid document in the portal for bidding | Dt. 05.09.2020 at 11.00 A.M. to 16.09.2020 upto 5.00P.M. |
| 6. | Date and Time of bid opening | Dt. 21.09.2020 at 11.00 A.M. |
| 7. | Name and address of the officer inviting Bid | E.E., R.W.Division, Jharsuguda |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.
Sd./- Executive Engineer
R.W. Division, Jharsuguda
OIPR-25104/11/0005/2021


# ବଗଲା ଧର୍ମଶାଳା ଜମି ବିବାଦରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ସମ୍ବିତ

**ଭୁବନେଶ୍ୱର,୨୮।୮(ବ୍ୟୁରୋ):** ବହୁଚର୍ଚ୍ଚିତ ପୁରୀ ବଗଲା ଧର୍ମଶାଳା ଘଟଣାରେ ରୁଜୁ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ମାତ୍ର ରାଜ୍ୟ ସରକାର ଚଞ୍ଚକତା କରି ଏହି ଜମିକୁ ପ୍ଲଟିଂ କରି ବିକ୍ରି କରିଥିବା ଭାଜପା ଅଭିଯୋଗ ଆଣିଛି। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନା ଅନ୍ତର୍ଗତ ପୁରୀ ତୀର୍ଥସ୍ଥାନର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହ ତୀର୍ଥଯାତ୍ରୀମାନେ ରହିବାକୁ ଆଇଟିଡିସି ତରଫରୁ ବଗଲା ଧର୍ମଶାଳାକୁ ୨୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ସେହି ସ୍ଥାନରେ ଜଗନ୍ନାଥ ତୀର୍ଥନିବାସ ପାଇଁ ବର୍ତ୍ତମାନ ସୁଦ୍ଧା ୩ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ମାତ୍ର ରାଜ୍ୟ ସରକାର ରାତାରାତି ଏହି ନିର୍ମାଣ କାମକୁ ସ୍ଥଗିତ କରି ଉକ୍ତ ଜମିକୁ ପ୍ଲଟିଂ କରି ବିକ୍ରି କରିଦେବାର ଷଡ଼ଯନ୍ତ୍ର କରିଛନ୍ତି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ଦିଲ୍ଲୀଠାରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ଭେଟି ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅଛି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଉପଶାସ୍ତ୍ରୀ, ଶାସ୍ତ୍ରୀ ପରୀକ୍ଷା ଫଳ ପ୍ରକାଶ




**ପୁରୀ ଅଫିସ,୨୮।୮**

### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୦ ମସିହାର ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ତୃତୀୟ ବର୍ଷ ପରୀକ୍ଷା ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। କୁଳପତି ପ୍ରଫେସର ହରିହର ହୋତା ପରୀକ୍ଷା ଫଳ ଘୋଷଣା କରିଛନ୍ତି। ଶାସ୍ତ୍ରୀ ରେଗୁଲାରରେ ୧୦୫ ପରୀକ୍ଷା କେନ୍ଦ୍ରରେ ୧୩୫ ମହାବିଦ୍ୟାଳୟର ୪,୪୧୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩,୩୮୯ ଜଣ ପାସ୍ କରିଛନ୍ତି। ୭ଜଣ କପି କରି ଧରା ପଡିଥିବାବେଳେ ୧,୦୨୦ ଜଣ ଫେଲ୍ ହୋଇଛନ୍ତି। ପାସ୍ ହାର ୭୬.୭୪ ପ୍ରତିଶତ ରହିଛି। ୨୦୧୯ରେ ୪,୭୧୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪,୦୦୮ଜଣ ପାସ୍ କରିଥିଲେ। ସେମାନଙ୍କ ମଧ୍ୟରୁ ୭୦୦ ଜଣ ଫେଲ୍ ହୋଇଥିଲେ। ପାସ୍ ହାର ୮୪.୯୬ ପ୍ରତିଶତ ରହିଥିଲା। ଚଳିତବର୍ଷ ଫେଲ୍ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଫଳାଫଳ ଗତବର୍ଷ ତୁଳନାରେ ୮ ପ୍ରତିଶତ କମ୍ ହୋଇଛି।

ସେହିପରି ଉପଶାସ୍ତ୍ରୀରେ ୧୨୧ଟି ପରୀକ୍ଷା କେନ୍ଦ୍ରରେ ୧୬୭ ମହାବିଦ୍ୟାଳୟର ମୋଟ ୮,୦୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୩ଜଣ କପି କରି ଧରାପଡ଼ିଥିଲେ। ୧,୫୮୩ଜଣ ପ୍ରଥମ ଶ୍ରେଣୀ, ୪,୨୮୭ ଜଣ ଦ୍ୱିତୀୟ ଏବଂ ୭୫୦ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୩୨ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ମୋଟ ୬,୬୫୨ ପରୀକ୍ଷାର୍ଥୀ ପାସ୍ କରିଥିବାବେଳେ ୧,୩୭୪ଜଣ ଫେଲ୍ ହୋଇଛନ୍ତି। ଚଳିତବର୍ଷ ପାସ୍‌ହାର ୮୨.୮୮ ପ୍ରତିଶତ ରହିଛି। ଅପରପକ୍ଷେ ୨୦୧୯ରେ ୮,୫୦୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭,୩୬୮ଜଣ ପାସ୍ କରିଥିଲେ। ପାସ୍ ହାର ୮୬.୬୬ ପ୍ରତିଶତ ରହିଥିଲା। ଗତବର୍ଷ ତୁଳନାରେ ଏଥର ପାସ୍ ହାର ୪ ପ୍ରତିଶତ କମ୍ ରହିଛି। କୁଳପତି ପ୍ରଫେସର ହୋତା କହିଛନ୍ତି ଯେ, ଉପରୋକ୍ତ ଦୁଇଟିଯାକ ପରୀକ୍ଷା ସିସିଟିଭି ସର୍ଭେଲାନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ସରିବା ପରେ ଶାସ୍ତ୍ରୀ ତୃତୀୟ ବର୍ଷ ପାଇଁ ୧୨ଟି ଓ ଉପଶାସ୍ତ୍ରୀ ପାଇଁ ୧୩ଟି କଲେକ୍ସନ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ଜୋନ ମାଧ୍ୟମରେ କୋଭିଡ୍-୧୯ କଟକଣା ପାଳନ ପୂର୍ବକ ପରୀକ୍ଷା ଖାତାର ମୂଲ୍ୟାୟନ କରାଯାଇଥିଲା। ଚଳିତ ଶାସ୍ତ୍ରୀ ପରୀକ୍ଷାରେ ଅଦ୍ୱୈତ ବେଦାନ୍ତ ବିଭାଗରେ ୬୪.୧୫ ପ୍ରତିଶତ, ଧର୍ମଶାସ୍ତ୍ରରେ ୮୧.୮୧, ସର୍ବଦର୍ଶନରେ ୮୧.୯୩, ଜ୍ୟୋତିଷରେ ୭୫, କର୍ମକାଣ୍ଡରେ ୯୨.୮୫, ନ୍ୟାୟରେ ୮୨, ସାହିତ୍ୟରେ ୭୫.୭୭, ବ୍ୟାକରଣରେ ୭୭.୨୦, ପୁରାଣରେ ୧୦୦ ଏବଂ ବେଦରେ ୮୧.୨୫ ପ୍ରତିଶତ ଫଳାଫଳ ରହିଛି ବୋଲି କୁଳପତି ସୁଚନା ଦେଇଛନ୍ତି। ପରୀକ୍ଷାଫଳ ଘୋଷଣା ସମୟରେ କୁଳପତି ହୋତାଙ୍କ ସହ ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଏନ୍.ଆର୍.ଏସ୍ ଟାଟାଚାର୍ଯ୍ୟ, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଏବଂ ଶ୍ୟାମ ହେମ୍ବ୍ରମ୍ ଉପସ୍ଥିତ ଥିଲେ।


Government of Odisha
Office of the Executive Engineer
Rural Works Division, Jharsuguda
Email : eerw_jharsuguda@yahoo.co.in
Tel. : 06645-271643
Bid Identification No. Online - EEJSG - 04 of 2020-21
NOTICE INVITING TENDER FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement
No.O-282:-

| | | |
|---|---|---|
| 1. | Name of the work | Road works as per DTCN available in the www.tendersorissa.gov.in |
| 2. | Total No. of Work | 01 (One) No. |
| 3. | Estimated Cost | Rs. 11.13 lakhs |
| 4. | Period of completion | 02 (Two) Calender Months |
| 5. | Period and Time of availability of bid document in the portal for bidding | Dt. 05.09.2020 at 11.00 A.M. to 16.09.2020 upto 5.00P.M. |
| 6. | Date and Time of bid opening | Dt. 21.09.2020 at 11.00 A.M. |
| 7. | Name and address of the officer inviting Bid | E.E., R.W.Division, Jharsuguda |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.
Sd./- Executive Engineer
R.W. Division, Jharsuguda
OIPR-25104/11/0004/2021

OFFICE OF THE
NOTIFIED AREA COUNCIL, KHARIAR
AT/P.O.- KHARIAR, DIST.- NUAPADA, PIN - 766107
OFFICE PH. NO.: 06671-224294
E-mail: khariarn.hud@ori.nic.in
Letter No. 2627/NAC KHR Dated: 21.08.2020

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇର ଶୁଭ ଅବସରରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ନୂଆଖାଇ ଉପଲକ୍ଷେ ବାର୍ତ୍ତା:
୧. ମୁହଁରେ ମାସ୍କ ବ୍ୟବହାର କରନ୍ତୁ।
୨. ଜନଗହଳି ସ୍ଥାନରେ ୧.୫ ମିଟରର ଦୂରତ୍ୱ ରଖନ୍ତୁ।
୩. ବାହାରୁ କେହି ଆସିଲେ ତାଙ୍କୁ ରେଜିଷ୍ଟ୍ରେସନ କରିବା ପାଇଁ ପରାମର୍ଶ ଦିଅନ୍ତୁ।
୪. ନିଜ ଚାରିପଟେ ସଫାସୁତୁରା ରଖନ୍ତୁ।
୫. ଗୃହପାଳିତ ପଶୁମାନଙ୍କୁ ରାସ୍ତାକଡ଼କୁ ନ ଛାଡ଼ି ନିଜ ଦାୟିତ୍ୱରେ ରଖନ୍ତୁ। ନଚେତ୍ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୬. ରାସ୍ତା ଉପରେ ପଥର, ଇଟା ତଥା ଅନ୍ୟାନ୍ୟ ଗୃହ ତିଆରି ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ।
୭. ଅଳିଆ ଆବର୍ଜନା ନାଳନର୍ଦ୍ଦମାରେ ନ ପକାଇ ଡଷ୍ଟବିନରେ ପକାନ୍ତୁ।
୮. ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୯. ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ରୂପେ ବନ୍ଦ କରନ୍ତୁ, ନଚେତ୍ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା/- (ପ୍ରଫୁଲ୍ଲ କୁମାର ସାହୁ)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡ଼ିଆଳ

ଧରିତ୍ରୀ
DHARITRI
ଶନିବାର, ଅଗଷ୍ଟ ୨୯, ୨୦୨୦



## ସଂକ୍ଷେପରେ

### ମାଲକାନଗିରିରେ ୮୬ ପଜିଟିଭ

ମାଲକାନଗିରି,୨୮।୮(ଡି.ଏନ୍.ଏ.)- ଶୁକ୍ରବାର ମାଲକାନଗିରି ଜିଲାରେ ୮୬ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨୨୩ରେ ପହଞ୍ଚିଛି। ଚିହ୍ନଟ ୮୬ଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୨୬ ଜଣ, ବାଲିମେଳା ଏନ୍ଏସିରୁ ୬, କୋରୁକୋଣ୍ଡା ବ୍ଲକରୁ ୧୦, ଖଇରପୁଟ ବ୍ଲକରୁ ୫, ମାଲକାନଗିରି ବ୍ଲକରୁ ୩, ମାଥିଲି ବ୍ଲକରୁ ୭, ଚିତ୍ରକୋଣ୍ଡା ବ୍ଲକରୁ ୧୬, କାଲିମେଳା ବ୍ଲକରୁ ୧୨ ଏବଂ ପଡିଆ ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ତେବେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଏଯାବତ୍ ୧୪୭୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୭୪୭ ଜଣ ଚିକିତ୍ସାଧୀନ ଅଛନ୍ତି।

### ଧରିତ୍ରୀ ପ୍ରଭାବ
### ଖବର ପ୍ରକାଶ ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ତତ୍ପରତା

ବୈପାରିଗୁଡ଼ା,୨୮।୮(ଡି.ଏନ.ଏ.)- କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ସଦର ମହକୁମାରେ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଏବଂ ଜଳାଭାବ ନେଇ ଗତ ୬ତାରିଖରେ 'ଶୋଷ ମେଣ୍ଟାଉନି ପାନୀୟ ଜଳ ପ୍ରକଳ୍ପ' ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏବେ ତତ୍ପରତା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ପାନୀୟ ଜଳ ଚାହିଦା ମେଣ୍ଟାଇବା ଲାଗି ହନୁମାନ ବାଟିକାଠାରେ ଥିବା ଅନ୍ୟ ଏକ ପାଣିଟାଙ୍କିର ପାଇପ ସଂଯୋଗ କାମ ଆରମ୍ଭ ହୋଇଛି।

### ବ୍ଲକ୍‌କୁ ସରପଞ୍ଚ ଗୋଟିଏ ଦିନ ଶଟ୍‌ଡାଉନ କଲେ

ଦଶମନ୍ତପୁର,୨୮।୮(ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଜିଲାପାଳଙ୍କ କ୍ଷମତା ପ୍ରୟୋଗକରି ସରପଞ୍ଚ ଶୁକ୍ରବାର ଗୋଟିଏ ଦିନ ଶଟ୍‌ଡାଉନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାକୁ କଡାକଡି କରାଯାଇଛି। କୋରାପୁଟ ଜିଲାରୁ ଶୁକ୍ରବାର ୧୪୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ଦଶମନ୍ତପୁର ବ୍ଲକରେ ଜଣେ ରହିଛନ୍ତି। ତେବେ ଶୁକ୍ରବାର ବସୁଥିବା ସାପ୍ତାହିକ ହାଟ ଯୋଗୁ ଜନଗହଳି ହେଉଛି। କାଳେ ହାଟରୁ କରୋନା ସଂକ୍ରମଣ ବ୍ୟାପିପାରେ ତାହା ଆଶଙ୍କାକରି ହାଟକୁ ବନ୍ଦ କରିବା ସହ ସରପଞ୍ଚ ବଳରାମ ମୁଦୁଲି ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଫଳରେ ଶୁକ୍ରବାର ଦଶମନ୍ତପୁର ସଦର ମହକୁମାରେ ସବୁ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଛି। ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ଏବଂ କର୍ମଚାରୀମାନେ ହାଟକୁ ଆସୁଥିବା ଲୋକଙ୍କୁ ଫେରାଇ ଦେଉଛନ୍ତି। ଏହି ଶଟଡାଉନ

### ଜରିମାନା ଆଦାୟ

ଦଶମନ୍ତପୁର, ୨୮।୮( ଡି.ଏନ.ଏ.) -କରୋନା କଟକଣା ମାନୁ ନ ଥିବା ଅମାନିଆଙ୍କୁ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ନିୟମ ଅବମାନନା କରି ମାସ୍କ ପିନ୍ଧୁ ନ ଥିବା, ସମଦୂରତା ରକ୍ଷା କରୁ ନ ଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରୁଛନ୍ତି। ଜରିମାନା ବାବଦରେ ଏଯାବତ୍ ୧୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିବା ତହସିଲଦାର ତିର୍କୀ କହିଛନ୍ତି।

### ଭାଜପାର ଚାରାରୋପଣ

ଚନ୍ଦାହାଣ୍ଡି,୨୮।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକସ୍ଥିତ ତିଳିମାଳ ଶିଳ୍ପ ତାଲିମ କେନ୍ଦ୍ରରେ ଭାଜପା ପକ୍ଷରୁ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଭାଜପା ଉପସଭାପତି ଇଂ ବଳଭଦ୍ର ମାଝି ଯୋଗ ଦେଇଥିଲେ। ଜଣେ ଗୋଟିଏ ଲେଖାଏ ଚାରା ରୋପଣ କରିବାକୁ ସମସ୍ତେ ଶପଥ ନେଇଥିଲେ। ଏହି ଅବସରରେ ୧ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଫରେଷ୍ଟର ପ୍ରଦୀପ ଦାଶ, ବନ କର୍ମଚାରୀ, ଜିଲା ପରିଷଦ ଜୋନ-୧ ସଭ୍ୟ ଶ୍ୟାମସୁନ୍ଦର ମାଝି, ବରିଷ୍ଠ ନେତା ଅକାଲୁ ଜାଲି, ମହେନ୍ଦ୍ର ନାୟକ ଦିଲୀପ କୁମାର ଦାଶ, ଯାଦବ ବଗର୍ତ୍ତୀ, ଯୁବନେତା ଟେକରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ନବରଙ୍ଗପୁରରୁ ୩୮ ପଜିଟିଭ

ନବରଙ୍ଗପୁର,୨୮।୮(ବି.ପ୍ର.)-ନବରଙ୍ଗପୁର ଜିଲାରେ ଶୁକ୍ରବାର ୩୮ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ନବରଙ୍ଗପୁର ପୌରାଞ୍ଚଳରୁ ୨୦, ଉମରକୋଟ ପୌରାଞ୍ଚାରୁ ୧୧, ତେନ୍ତୁଲିଖୁଣ୍ଟି ବ୍ଲକରୁ ୩, ନନ୍ଦାହାଣ୍ଡି ବ୍ଲକରୁ ୩ ଜଣ ଓ କୋଷାଗୁମୁଡା ବ୍ଲକରୁ ୧ଜଣ ଆକ୍ରାନ୍ତ ରହିଛନ୍ତି। ଜିଲାର ୧୦୩୯ ପଜିଟିଭଙ୍କ ମଧ୍ୟରୁ ୬୩୨ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି।

# ବଣ୍ଡା ଜନଜାତିଙ୍କୁ ମିଳୁନି ବନ୍ୟା ସହାୟତା



ବନ୍ୟା ସହାୟତା ପାଇଁ ଖଇରପୁଟ ତହସିଲ ଅଫିସକୁ ଆସିଥିବା ଆଦିବାସୀ ମହିଳା ଓ ପୁରୁଷମାନେ ।

ମାଲକାନଗିରି,୨୮।୮(ଡି.ଏନ୍.ଏ.)

- ସେମାନଙ୍କ ପାଖରେ ଆବାସ ଯୋଜନା ଅପହଞ୍ଚ
- ୨୦ କିମି ଚାଲିଚାଲି ତହସିଲକୁ ଆସି ମିଳୁନି ସୁଫଳ
- ନିର୍ଦ୍ଦିଷ୍ଟ ଭାବେ କିଛି ସ୍ପଷ୍ଟ କଲେନି ତହସିଲଦାର

କ୍ରମାଗତ ଭାବେ ୧୦ ଦିନ ଧରି ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲା ବଣ୍ଡାଘାଟିର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ବଣ୍ଡାଘାଟିରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ଘରଗୁଡିକ ଭାଙ୍ଗି ଯାଇଛି। ଫଳରେ ଏମାନଙ୍କ ସ୍ଥିତି ଜଟିଳ ହୋଇପଡିଛି। ଘରଗୁଡିକ ଉପରୁ ଛପର ଉଡିଯିବା ଓ ନଷ୍ଟ ହୋଇଯାଇଥିବାରୁ ପଲିଥିନ ଖଣ୍ଡେ ପାଇଁ ତହସିଲ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହେଲେଣି ଏହି ଆଦିମ ଅଧିବାସୀ। ମାଲକାନଗିରି ଜିଲା ଖଇରପୁଟ ବ୍ଲକର ମୁଦୁଲିପଡା ଓ ଅଣ୍ଡ୍ରାହାଲକୁ ନେଇ ରହିଛି ବଣ୍ଡାଘାଟି। ଏଠାରେ ଆଦିମ ଜନଜାତିର ଲୋକେ ବସବାସ କରନ୍ତି। ସରକାରଙ୍କ ନଜରରେ ରହିଥିବା ଏହି ସ୍ଥାନ ଏବେ ବି ଅବହେଳିତ। ଏହି ୨ ଅଞ୍ଚଳରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କ ପାଖରେ ଆବାସ ଯୋଜନା ପହଞ୍ଚି ପାରିନି। ମାଟି କାଦୁଅରେ ତିଆରି କରିଥିବା ଘରେ ଏମାନେ ରହନ୍ତି। ଲଗାଣ ବର୍ଷା ଯୋଗୁ କେତେକ ଘରର କାନ୍ଥ ପଡିଛି। କେତେକ ଲୋକଙ୍କ ଘର ଛପର ଉଡିଯାଇଛି। ଗାଡିମୋଟର ଚଳାଚଳ କରୁ ନ ଥିବାରୁ ପ୍ରାୟ ୧୫/୨୦ କିମି ବାଟ ଚାଲିଚାଲି ଆସି ଖଇରପୁଟ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପଲିଥିନ ଓ ସରକାରୀ ସହାୟତା ପାଇଁ ନିବେଦନ କରିଥିଲେ ମଧ୍ୟ ବିଶେଷ ସୁଫଳ ମିଳିନି ସେମାନଙ୍କୁ। ଅଳ୍ପ କେତେକ ଲୋକଙ୍କୁ ପଲିଥିନ ଓ ସରକାରୀ ସହାୟତା ମିଳିଥିବା ବେଳେ ଅଧିକାଂଶ କିଛି ସହାୟତା ପାଇନାହାନ୍ତି। ଏ ସମ୍ପର୍କରେ ଖଇରପୁଟ ବିଡିଓ ହୃଦାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କିଛି ଗାଁରେ ତହସିଲଦାର ଲୋକଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି। ଆଉ କିଛି ସ୍ଥାନରେ ବାକି ରହିଛି। ଖୁବ୍ ଶୀଘ୍ର ସମସ୍ତ ଅଞ୍ଚଳକୁ ଯାଇ ପଲିଥିନ ପ୍ରଦାନ କରାଯିବ ବୋଲି ସେ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବରେ ବଣ୍ଡାଘାଟିର ଏହି ଜନଜାତିର ଲୋକଙ୍କୁ ସହାୟତା ମିଳିଛି କି ନାହିଁ ସ୍ପଷ୍ଟ କରି ନ ଥିଲେ।

# ପିଲାଙ୍କ ପାଖରେ ପହଞ୍ଚି ଶିକ୍ଷାଦାନ କରୁଛନ୍ତି ଆସେନ

ମାଥିଲି,୨୮।୮ (ଡି.ଏନ.ଏ. )



କରୋନା ମହାମାରୀ ଯୋଗୁ ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ଠପ୍ ହୋଇଯାଇଛି। ପିଲାମାନେ ଦୀର୍ଘଦିନ ହେଲା ବିଦ୍ୟାଳୟ ଯାଇନାହାନ୍ତି। ଏବେ କିଛି ଦିନ ହେଲା ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା କରାଯାଇଛି। ମାତ୍ର ଏହା ସବୁ ସ୍ଥାନରେ ସମ୍ଭବ ହୋଇପାରିନି। ମାଲକାନଗିରି ଜିଲା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସବୁ ସ୍ଥାନରେ ଅନ୍‌ଲାଇନ ଶିକ୍ଷା ପହଞ୍ଚିବା କଷ୍ଟକର। ଏପରି କ୍ଷେତ୍ରରେ ଆଦିବାସୀ ପିଲାମାନେ ଯେପରି ଶିକ୍ଷାଠାରୁ ଦୂରେଇ ନ ଯାଆନ୍ତି ସେଥିପାଇଁ ଜଣେ ଶିକ୍ଷକ ଅଭିନବ ଉପାୟରେ ସେମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ସେ ହେଉଛନ୍ତି ମାଲକାନଗିରି ଜିଲାର ମାଥିଲି ପୂର୍ବତନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଆସେନ ଖାନ। କୋଭିଡ ନିୟମ ପାଳନ କରି ସେ ସାଙ୍ଗରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁମତି ରଞ୍ଜନ ପାଢୀଙ୍କୁ ନେଇ ଗ୍ରାମକୁ ଗ୍ରାମ ବୁଲି ପିଲାଙ୍କୁ ପାଠ ପଢାଉଛନ୍ତି। ଏଥିସହ ଗ୍ରାମବାସୀଙ୍କୁ ମଧ୍ୟ କୋଭିଡ୍ ନିୟମ ମାନିବାକୁ ସଚେତନ କରୁଛନ୍ତି। ପିଲାଙ୍କୁ ଶିକ୍ଷାଦାନରେ ତାଙ୍କର ଏହି ଉଦ୍ୟମ ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ତାମିଲନାଡୁ ଚାଲାଣବେଳେ ୨୨ ଶ୍ରମିକ ଉଦ୍ଧାର

ନବରଙ୍ଗପୁର,୨୮।୮(ବି.ପ୍ର.)

ନବରଙ୍ଗପୁର ଜଗନ୍ନାଥ ମନ୍ଦିର ନିକଟ ତଥା ୨୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ରାତିରେ ଜିଲା ଶ୍ରମ ବିଭାଗ ତାମିଲନାଡୁକୁ ଯାଉଥିବା ୨୨ଜଣ(୧୦ ପୁରୁଷ, ୧୨ ମହିଳା) ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକଙ୍କ କାଉନ୍‌ସେଲିଂ କରାଯାଇଛି। ପଞ୍ଚାୟତ କିମ୍ବା ଶ୍ରମ ବିଭାଗ କାର୍ଯ୍ୟାଳୟରେ ସେମାନଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ପ୍ରଶାସନର ଅଜାଣତରେ ନବରଙ୍ଗପୁରରୁ ୧୮ ଓ ଗଞ୍ଜାମ ଜିଲାରୁ ୪ଜଣ ଶ୍ରମିକ ଏକ ବସ୍ (ଟିଏନ୍-୦୧ବି-୧୨୬୯) ଯୋଗେ ତାମିଲନାଡୁର ଏକ ସିଲେଇ କମ୍ପାନୀରେ କାମ କରିବାକୁ ଯାଉଥିଲେ। ଖବରପାଇ ନବରଙ୍ଗପୁର ଜିଲା ଶ୍ରମ ବିଭାଗ ବସ୍ ଅଟକାଇ ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରି ସେମାନଙ୍କ କାଉନ୍‌ସିଲିଂ କରିଛି। ସେମାନଙ୍କ ନାମ ପଞ୍ଚାୟତ କିମ୍ବା ଶ୍ରମ ବିଭାଗ କାର୍ଯ୍ୟାଳୟରେ ପଞ୍ଜୀକରଣ ହୋଇନ ଥିବା ସୂଚନା ମିଳିଛି। ଶ୍ରମିକ ମାନେ ପଞ୍ଚାୟତ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜୀକରଣ କରିବେ। ଏଥିସହ ଯେଉଁ କମ୍ପାନୀ ତଥା ଏଜେନ୍ସି ଶ୍ରମିକଙ୍କୁ ନବରଙ୍ଗପୁର ଜିଲାରୁ ନେଉଛି ସେମାନେ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲାଇସେନ୍ସ କରାଇବା ବାଧ୍ୟତାମୂଳକ। ଏହି ଲାଇସେନ୍ସ ପରେ ହିଁ ଶ୍ରମିକଙ୍କୁ ନେଇ ପାରିବେ ବୋଲି ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗଇପଇ କହିଛନ୍ତି। ନଚେତ୍ ଶ୍ରମିକଙ୍କୁ ବାହାରକୁ ଛଡାଯିବ ନାହିଁ ବୋଲି ସେ କହିଛନ୍ତି। ଏପରି କଲେ ଶ୍ରମିକଙ୍କ ଅସୁବିଧା ସମୟରେ ପ୍ରଶାସନ ତାଙ୍କ ସହ ସହଜରେ ଯୋଗାଯୋଗ କରିପାରିବ ବୋଲି ଜିଲା ଶ୍ରମ ଅଧିକାରୀ କହିଛନ୍ତି।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ୮ ଗିରଫ

ନବରଙ୍ଗପୁର,୨୮।୮(ବି.ପ୍ର.)



ଶୁକ୍ରବାର ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ ।

ନବରଙ୍ଗପୁର ସହର ଗଞ୍ଜେଇ ଚାଲାଣର ଏକ କରିଡର ସାଜିଛି। ନବରଙ୍ଗପୁର ଏସ୍‌ପି ନିତିନ କୁସଲକରଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ଗଞ୍ଜେଇ ଚୋରା ଚାଲାଣ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ଗତ ଦୁଇ ଦିନରେ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରି ୮ଜଣଙ୍କୁ ଗିରଫ କରିଛି। ଆଗାମୀ ଦିନରେ ଏପରି ଚଢାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ ଜୟପୁରରୁ ବିପୁଳ ପରିମାଣରେ ଗଞ୍ଜେଇ ଏକ କଣ୍ଟେନରରେ ଉତ୍ତର ପ୍ରଦେଶକୁ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ଏହାପରେ ଏଏସ୍‌ଆଇ ଅଶୋକ ଦେଓ, ଏସ୍‌ଆଇ ସସ୍ମିତା ପୂଜାରୀ, କନଷ୍ଟେବଳ ଅନୀଲ ପୃଷ୍ଟି ସଜାଗ ରହି ନବରଙ୍ଗପୁର ଥାନା ସମ୍ମୁଖ ଦେଇ ଯାଉଥିବାବେଳେ ଉକ୍ତ କଣ୍ଟେନରକୁ ଅଟକାଇ ଥିଲେ। ପୋଲିସ ଯାଞ୍ଚ ବେଳେ ସେଥିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେହିଭଳି ଗୁରୁବାର ରାତିରେ ନବରଙ୍ଗପୁର ପୋଲିସ ୧୫୨ କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଗାଡି ସହ ପୋଲିସ ୯୦ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। କୋରାପୁଟ ଜିଲା ସେମିଳିଗୁଡାର ରତନ ପଣ୍ଡକା, ସଲତୁ ଖୋରା ୫୧ କିଲୋ ଗଞ୍ଜେଇ ନେଇ ଏକ ୪ଚକିଆ ଗାଡ଼ିରେ ସେମିଳିଗୁଡାରୁ କଳାହାଣ୍ଡି ଜିଲା କୋକସରାକୁ ଯାଉଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିଭଳି ଆଉ ଏକ ଚାରିଚକିଆ ଗାଡିରେ କୋକସରା ଗାଁର ସୁରେନ୍ଦ୍ର କୁମାର ନାୟକ, ସେମିଳିଗୁଡାର ସୁବଳ ଟୋକରିଆ, ଆସୁ ନାୟକ ଓ ବିଜୟ ଜାନୀ ସେମିଳିଗୁଡାରୁ ୧୦୧ କିଲୋ ଗଞ୍ଜେଇ ନେଇ କଳାହାଣ୍ଡି ଜିଲା କୋକସରାକୁ ଯାଉଥିଲେ। ପୋଲିସ ସେମାନଙ୍କୁ ଅଟକାଇ ଗିରଫ କରିଛି। ଅତିରିକ୍ତ ତହସିଲଦାର ଗୀତା ମୁର୍ମୁ ମାଜିଷ୍ଟ୍ରେଟଭାବେ ଉପସ୍ଥିତ ରହି ଗଞ୍ଜେଇ ଓଜନ କରିଥିଲେ। ଏହି ଚଢାଉବେଳେ ଟିମ ଲିଡର ଡିଏସ୍‌ପି(ପ୍ରୋବେଜନ) ତଥା ଭାରପ୍ରାପ୍ତ ଥାନାଧିକାରୀ ପ୍ରତ୍ୟୁଷ ମହାପାତ୍ର, ରାମେଶ୍ୱର ପ୍ରଧାନ, ଅତିରିକ୍ତ ଥାନାଧିକାରୀ ପ୍ରମିଳା ବିଡିକା, ଜି. ହାଲବା, ସାଗର ମାଝି, ବିକାଶ ବେନିଆ, କୃଷ୍ଣ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ୧୯୫/୨୦ ଓ ୧୯୬/୨୦ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କୋରାପୁଟ ଜିଲାରୁ ପୁଣି ୧୪୦ ପଜିଟିଭ

କୋରାପୁଟ,୨୮।୮ (ସ୍ୱ.ପ୍ର.)

କୋରାପୁଟ ଜିଲାରେ କରୋନା ବେକାବୁ ହେବାରେ ଲାଗିଛି। ଶୁକ୍ରବାର ପୁଣି ୧୪୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ଆକ୍ରାନ୍ତଙ୍କ ସଂଖ୍ୟା ୩୧୯୮କୁ ବୃଦ୍ଧି ପାଇଛି । ଜିଲାରେ ଦିନକୁ ଦିନ ପଜିଟିଭଙ୍କ ସଂଖ୍ୟାରେ ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ହୋମ ଆଇସୋଲେସନରେ ରହୁଥିବା ପଜିଟିଭ ବ୍ୟକ୍ତି ଠିକ ରୂପେ ନିୟମ ପାଳନ କରୁଛନ୍ତି କି ନାହିଁ ତଦାରଖ ଲାଗି ୪ ଟି ଟୋଲ ଫ୍ରି ବିଏସଏନଏଲ ଫୋନ ନମ୍ବର ଜାରି କରାଯିବ ବୋଲି ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ଶୁକ୍ରବାର ଚିହ୍ନଟ ୧୪୦ଜଣଙ୍କ ମଧ୍ୟରେ ୩୮ ମହିଳା ଓ ୧୦୨ ପୁରୁଷ ରହିଛନ୍ତି। ଚିହ୍ନଟଙ୍କ ମଧ୍ୟରେ ଟିଏମସିରୁ ୧୩ ଜଣ, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୪୪ ଜଣ ଓ ୮୩ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଜିଲାର ୪ଟି ପୌରାଞ୍ଚଳରୁ ଚିହ୍ନଟ ୮୧ ଜଣଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୩୯, କୋରାପୁଟ ପୌରାଞ୍ଚଳରୁ ୨୯, ସୁନାବେଡା ପୌରାଞ୍ଚଳରୁ ୧୨ ଓ କୋଟପାଡ ଏନଏସି ରୁ ଜଣେ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରୁ ଚିହ୍ନଟ ୫୯ ଜଣଙ୍କ ମଧ୍ୟରେ ବନ୍ଧୁଗାଁ ବ୍ଲକରୁ ୨୩ ଜଣ, ବୋରିଗୁମ୍ମାରୁ ୪, ଦଶମନ୍ତପୁରରୁ, ଲକ୍ଷ୍ମୀପୁର ଓ ସେମିଳିଗୁଡା ବ୍ଲକରୁ ଜଣେ ଲେଖାଏ, ଜୟପୁରରୁ ୭, କୋରାପୁଟରୁ ୯, କୋଟପାଡରୁ ୫ ,ନନ୍ଦପୁରରୁ ଜଣେ, ଲମତାପୁଟରୁ ୨ ଜଣ, ନାରାୟଣପାଟଣାରୁ ୪ ଜଣ, ଓ ଆଉ ଜଣେ ବ୍ରହ୍ମପୁର ଏମକେସିଜିରେ ଚିକିତ୍ସିତ ହେଉଥିବାବେଳେ ପଜିଟିଭ ଚିହ୍ନଟ ହୋଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୪୬ ହଜାର ୮୪୩ ଜଣଙ୍କର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଏଥିରୁ ୪୫ ହଜାର ୫୫୭ ଜଣଙ୍କ ରିପୋର୍ଟ ଆସିଛି । ଏମାନଙ୍କ ଭିତରୁ ୩୧୯୮ ଜଣ ପଜିଟିଭ ରହିଥିବାବେଳେ ବାକି ସବୁ ରିପୋର୍ଟ ନେଗେଟିଭ ରହିଛି ।

# ଅତିରିକ୍ତ ଜିଲାପାଳଙ୍କୁ ଛାତ୍ର କଂଗ୍ରେସର ଦାବିପତ୍ର


ଜିଲା ଛାତ୍ର କଂଗ୍ରେସ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

ନବରଙ୍ଗପୁର,୨୮।୮(ବି.ପ୍ର.)

ଭାରତରେ ଏବେ କରୋନା ଦ୍ରୁତ ଗତିରେ ବଢିବାରେ ଲାଗିଛି। ଏହା ମଧ୍ୟରେ କେନ୍ଦ୍ର ସରକାର ଜେଇଇ ମେନ୍ ଓ ଏନ୍‌ଇଇଟି ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିରୋଧ କରି ନବରଙ୍ଗପୁର ଜିଲା ଛାତ୍ର କଂଗ୍ରେସ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ପରୀକ୍ଷାକେନ୍ଦ୍ରକୁ ଯିବାବେଳେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ କରୋନା ହେବା ସମ୍ଭାବନା ରହିଛି। ବର୍ତ୍ତମାନ ଯିବା ଆସିବାରେ କଟକଣା ଥିବାରୁ ଯାତାୟତରେ ଅସୁବିଧା ହେବ। ଓଡିଶାର ସାତଟି ସହରରେ ପରୀକ୍ଷାକେନ୍ଦ୍ର ହୋଇଛି। ସେଠାକୁ ଯିବାକୁ ହଜାର ହଜାର ଟଙ୍କା ଖର୍ଚ୍ଚ ହେବ। ଏହି ସମୟରେ ଏତେମାତ୍ରାରେ ଟଙ୍କା ଖର୍ଚ୍ଚ କରିବା ଲୋକଙ୍କ ପାଇଁ କଷ୍ଟକର ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଭାରତର କେତେଜଣ ମୁଖ୍ୟମନ୍ତ୍ରୀ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ନୀରବତା ଅବଲମ୍ବନ କରୁଛନ୍ତି। ରାଷ୍ଟ୍ରପତି ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନବେଳେ ମନସା ତ୍ରିପାଠୀ, ବିଦ୍ୟାସାଗର ସୁମିତ ପୂଜାରୀ, ଛାତ୍ର ନେତା ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅଜଣା ରୋଗ ନେଲାଣି ୫ ଜୀବନ

ବୈପାରିଗୁଡା,୨୮।୮ (ଡି.ଏନ୍.ଏ.)

**ଅନୁସନ୍ଧାନ କରି ଫେରିଲେ ଡାକ୍ତରୀ ଦଳ**

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ଦଣ୍ଡାବାଡି ପଞ୍ଚାୟତର କାଣ୍ଡିକିଗୁଡା ଗ୍ରାମରେ ଗତ ୬ ମାସ ମଧ୍ୟରେ ୫ ଜଣଙ୍କ ଅଜଣା ରୋଗରେ ମୃତ୍ୟୁ ହେଲାଣି। ମୃତକମାନେ ହେଲେ ବଦ୍ରା ସାନ୍ତା (୩୮),ଈଶ୍ୱର ସାନ୍ତା(୪୧), ରଘୁ ଖିଲ(୨୨), କୃଷ୍ଣ ଗଲରି (୪୦) ଓ ନିଶିନାଥ ସାନ୍ତା (୪୫)। ପାଦ ଫୁଲିବା ହେଉଛି ଏହି ଅଜଣା ରୋଗର ଲକ୍ଷଣ। ପ୍ରଥମେ ଲୋକଙ୍କ ପାଦ ଫୁଲିଯାଉଛି। ପରେ ସେମାନଙ୍କ ମୃତ୍ୟୁ ଘଟୁଛି। ଗ୍ରାମରେ ଏବେ ମଧ୍ୟ ଅନେକ ଆକ୍ରାନ୍ତ ଅଛନ୍ତି। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଶୁକ୍ରବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଡାକ୍ତରୀଦଳ କାଣ୍ଡିକିଗୁଡା ଗ୍ରାମକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁଙ୍କୁ ପଚାରିବାରୁ ସେ କୌଣସି ତଥ୍ୟ ଦେବାକୁ ମନା କରି ଦେଇଥିଲେ । ଅନ୍ୟପକ୍ଷରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଏହାର ଅନୁଧ୍ୟାନ କରା ନ ଯାଇ କେତେ ଜଣ ଆୟୁଷ ଡାକ୍ତରଙ୍କୁ ସମ୍ପୃକ୍ତ ଗ୍ରାମକୁ ପଠାଇ କେବଳ ରୋଗୀଙ୍କ ଫଟୋ ଉଠାଇ ଅଣାଯାଇଥିବା ଜଣାପଡିଛି। ରୋଗୀଙ୍କୁ ତୁରନ୍ତ ମେଡିକାଲ ଆଣି ଭର୍ତ୍ତି କରିବା ବଦଳରେ ସେମାନଙ୍କୁ ଶନିବାର ମେଡିକାଲ ନେବାକୁ ଗାଡି ଆସିବ ବୋଲି ଡାକ୍ତରୀଦଳ ପ୍ରତିଶ୍ରୁତି ଦେଇ ଫେରିଛନ୍ତି।

# ବଦଲିଗୁଡ଼ା-ସିନ୍ଧିକାଗୁଡ଼ା ରାସ୍ତା ମରଣଯନ୍ତା

ଡାବୁଗାଁ, ୨୮।୮ (ଡି.ଏନ୍.ଏ.)


ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ଅଧୀନ ବଦଲିଗୁଡ଼ା-ସିନ୍ଧିକାଗୁଡ଼ା ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାର ଅଧିକାଂଶ ସ୍ଥାନରେ ୨/୩ ଫୁଟର ଖାଲ। କିନ୍ତୁ ରାସ୍ତା ମରାମତି କରାଯାଉନି। ପ୍ରତିଦିନ ଅନେକ ଗାଡି ଏହି ରାସ୍ତା ଦେଇ ଯା'ଆସ କରେ। ସିନ୍ଧିକଗୁଡା ସହ ଏହାର ଆଖପାଖ ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତାଟି ଡାବୁଗାଁ ବ୍ଲକକୁ ସଂଯୋଗ କରୁଥିବାରୁ ଲୋକେ ଏହା ଉପରେ ବିଶେଷ ଭାବେ ନିର୍ଭର କରିଥାନ୍ତି। ଏବେ ବର୍ଷା ହେଉଥିବାରୁ ଉକ୍ତ ଖାଲଖମାରେ ପାଣି ଭର୍ତ୍ତି ହୋଇ ରହିଛି। ଫଳରେ ପ୍ରତିଦିନ ଛୋଟ ଛୋଟ ଦୁର୍ଘଟଣା ଘଟୁଛି। ତେଣୁ ଏହି ରାସ୍ତାକୁ ତୁରନ୍ତ ମରାମତି କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝିଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତା ବହୁଦିନ ହେଲା ମରାମତି କରାଯାଇନାହିଁ । ଉକ୍ତ ରାସ୍ତାକୁ ଆର୍‌ଡି ବିଭାଗ ନେବା ପାଇଁ ପ୍ରପୋଜାଲ ଯାଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଚଳିତ ବର୍ଷ ଏହି ରାସ୍ତା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମରାମତି କରାଯିବ ବୋଲି ସେ କହିଛନ୍ତି।


ବଦଲିଗୁଡ଼ା-ସିନ୍ଧିକାଗୁଡ଼ା ରାସ୍ତା।


# ଜାତିଗତ ପ୍ରମାଣପତ୍ର ନ ମିଳିଲେ ୧ରୁ ଧାରଣା

ଜୟପୁର,୨୮।୮(ଡି.ଏନ.ଏ )

କୋରାପୁଟ ଜିଲା ଦୁରୁଆ ଆଦିବାସୀ ମହିଳା ସଂଘ ପକ୍ଷରୁ ଜୟପୁର ଉପଜିଲାପାଳଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୧ ସୁଦ୍ଧା ଦୁରୁଆ ଓ ଧାରୁଆ ଜାତିର ଲୋକଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ ନ କଲେ ଜିଲାର ବୈପାରିଗୁଡା, କୁନ୍ଦୁରା ଏବଂ କୋଟପାଡ ବ୍ଲକରେ ବସବାସ କରୁଥିବା ଦୁରୁଆ ଜାତିର ସମସ୍ତ ଲୋକ କୁନ୍ଦୁରା ତହସିଲ କାର୍ଯ୍ୟାଳୟ ଭିତରେ ପଶିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସରକାରୀ ଅଧିକାରୀମାନଙ୍କ ଦୁରୁଆ ଜାତିକୁ ନେଇ ଭୁଲ ଲେଖିଥିବାରୁ ବର୍ତ୍ତମାନ ସୁଦ୍ଧା ଏହି ଆଦିମ ଆଦିବାସୀ ଜାତିକୁ ଅନୁସୂଚିତ ଜନଜାତି ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇପାରିନାହିଁ। ଗତ ତିନିପୁରୁଷ ଧରି ସେମାନେ ଜଙ୍ଗଲ ଜମିରେ ଚାଷବାସ କରୁଥିଲେ ସୁଦ୍ଧା ଏଯାଏ ସେମାନଙ୍କୁ ଜଙ୍ଗଲ ଜମିପଟ୍ଟା ମିଳି ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଜମିପଟ୍ଟା ମିଳି ନ ଥିବାରୁ ଜାତିଗତ ପ୍ରମାଣପତ୍ର ଅଭାବରୁ ସେମାନଙ୍କ ଝିଅ ଓ ପୁଅମାନେ ସରକାରଙ୍କ ଅନୁସୂଚିତ ଜନଜାତି ବିଦ୍ୟାଳୟ ହଷ୍ଟେଲ ରେ ପଢିବା ସୁବିଧାରୁ ବଞ୍ଚିତ ହେଉଛନ୍ତି । ଉପ ଜିଲାପାଳ ହେମକାନ୍ତ ସଏ ସ୍ମାରକପତ୍ର ଗ୍ରହଣ କରି ଖୁବ୍ ଶୀଘ୍ର ଜାତିଗତ ପ୍ରମାଣପତ୍ର ନେଇ ବ୍ୟବସ୍ଥା କରାଯିବ । ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟ ହଷ୍ଟେଲ ରହି ପଢିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ସଂଘର ଉପଦେଷ୍ଟା ଜଗତରଞ୍ଜନ ପାଣିଗ୍ରାହୀ, ଉପଦେଷ୍ଟା ଚନ୍ଦ୍ର ଶଗରିଆ, ସଭାନେତ୍ରୀ ଚକ୍ରବର୍ତୀ ଦୁରୁଆ, ସମ୍ପାଦିକା କାବେରୀ ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମାରକପତ୍ର ଦେବାକୁ ଆସିଥିବା ସଂଘସଦସ୍ୟମାନେ।



ମହାମାରୀ କରୋନା ସଂକ୍ରମଣ କେବଳ ଫୁସ୍‌ଫୁସ୍ ନୁହେଁ, ଏହା ଶରୀରର ସମସ୍ତ ଅଙ୍ଗକୁ ଅକାମୀ କରିଦେଇ ପାରେ ବୋଲି ଏମ୍ସର ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ତେବେ ସାମାନ୍ୟ, ମଧ୍ୟମ ଏବଂ ଗୁରୁତର କରୋନା ଲକ୍ଷଣ ପ୍ରକାଶ ପାଇଥିବା ଆକ୍ରାନ୍ତଙ୍କ କ୍ଷେତ୍ରରେ ଅଙ୍ଗ ଅକାମୀ ହେବା ମଧ୍ୟ ଭିନ୍ନ ଭିନ୍ନ ହୋଇପାରେ ବୋଲି ଏମ୍ସର ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ ସୂଚନା ଦେଇଛନ୍ତି। ନୀତି ଆୟୋଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ସାପ୍ତାହିକ ଆଲୋଚନା ଚକ୍ର 'ନ୍ୟାଶନାଲ୍ କ୍ଲିନିକାଲ୍ ଗ୍ରାଣ୍ଡ ରାଉଣ୍ଡସ୍'ରେ ଯୋଗଦେଇ ଏମ୍ସର ବିଶେଷଜ୍ଞ ଏଭଳି କହିଛନ୍ତି।



# ମୃତ୍ୟୁର ଦୂତ 'ଇଲୁମିନାଟି ଗ୍ରୁପ୍'

**ଆଧୁନିକ ସମୟରେ ଯୁବବର୍ଗ ଭିତରେ ବଢ଼ିଚାଲିଛି ଆତ୍ମହତ୍ୟା ପ୍ରବଣତା। ଜୀବନ ପ୍ରତି ବିତୃଷ୍ଣା ଭାବ ହିଁ ଜଣକୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ କରିଥାଏ। ମାନସିକ ଚାପ, ପାରିବାରିକ ସମସ୍ୟା, ସମ୍ମାନ ହାନି, ଶୋଷଣର ଶିକାର ହେବା ପରେ ଜଣେ ଏଭଳି ନିଷ୍ପତ୍ତି ନେଇଥାଏ। ହେଲେ ଲୋକଙ୍କୁ ଆତ୍ମହତ୍ୟା କରିବା ଲାଗି ଉସ୍‌କାଇବାକୁ ଅଷ୍ଟାଦଶ ଶତାବ୍ଦୀରେ ଜର୍ମାନୀରେ ଗଢ଼ାଯାଇଥିଲା ଏକ ସଙ୍ଗଠନ, ଯାହାର ନାମ ଥିଲା 'ଇଲୁମିନାଟି ଗ୍ରୁପ୍'।**



## ସୁଇସାଇଡ୍ ସିକ୍ରେଟ ମିଶନ

ସମୟ ଅତିବାହିତ କରିବାର ମାଧ୍ୟମ ପାଲଟିଛି ସୋସିଆଲ ମିଡିଆ। ଏଥିପାଇଁ ସୋସିଆଲ ମିଡିଆ ୟୁଜର୍ସମାନେ ହ୍ୱାଟ୍ସ ଆପ୍, ମେସେଞ୍ଜରରେ ଅନେକ ଗ୍ରୁପ୍ କରୁଛନ୍ତି। ହେଲେ ଅଷ୍ଟାଦଶ ଶତାବ୍ଦୀରେ ଲୋକଙ୍କ ମନରେ ଆତ୍ମହତ୍ୟା ପ୍ରବଣତା ବଢ଼ାଇବା ଲାଗି ଜର୍ମାନୀରେ କାର୍ଯ୍ୟ କରୁଥିଲା 'ଇଲୁମିନାଟି' ଗ୍ରୁପ୍। ଏବେ ବି ସଙ୍ଗଠନର ଅନେକ ସଦସ୍ୟ ସକ୍ରିୟ ଅଛନ୍ତି। ସେମାନେ ଅନୁଷ୍ଠାନର ଏଜେଣ୍ଡାକୁ ଗୁପ୍ତଭାବେ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଦେଶର ଗୋଇନ୍ଦା ସଂସ୍ଥା ଦାବି କରନ୍ତି।

ଜର୍ମାନୀର ବାଭାରିଆ ସହରରୁ ଆରମ୍ଭ ହୋଇଥିଲା 'ଇଲୁମିନାଟି'। ଏହା ପଛରେ ଥିଲେ ଖ୍ୟାତନାମା ଦାର୍ଶନିକ ତଥା ପ୍ରଫେସର ଆଡାମ ୱେଇଶାଉପ୍ଟ। ଜର୍ମାନୀରେ ଜନ୍ମିତ ଆଡାମ ଥିଲେ ଅନାଥ। ନିଜର ଜଣେ ସମ୍ପର୍କୀୟ ମଉସାଙ୍କ ପାଖରେ କଟିଥିଲା ତାଙ୍କର ଶୈଶବ। ତାଙ୍କ ପିଲାଦିନ ଥିଲା ବେଶ୍ ଯନ୍ତ୍ରଣାଦାୟକ। ଜୀବନର ପ୍ରତି କ୍ଷେତ୍ରରେ ଭେଦଭାବର ଶିକାର ହୋଇଥିବା ଆଡାମ୍ ସାମାଜିକ ବ୍ୟବସ୍ଥାରେ ସମାନତା ଆଣିବାକୁ ମନସ୍ଥ କରିଥିଲେ। ପାଠପଢ଼ା ଶେଷ ପରେ ସେ ଇନ୍‌ଗୋଲ୍‌ଷ୍ଟାଡ୍ ୟୁନିଭର୍ସିଟିରେ ପ୍ରଫେସର ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ହେଲେ ତାଙ୍କ ଲକ୍ଷ୍ୟ ଥିଲା ଅଲଗା, ଯାହାର ସୁରାକ୍ କେହି ବି ପାଇପାରି ନ ଥିଲେ।

ସେହି ସମୟରେ କ୍ୟାଥୋଲିକ୍ ଚିନ୍ତାଧାରା ସମାଜକୁ କବଳିତ କରି ରଖିଥିଲା। ସାଧାରଣ ଲୋକେ ଶାନ୍ତିରେ ବଞ୍ଚିବା କଷ୍ଟକର ହୋଇପଡ଼ିଥିଲା, ଯାହା ଆଡାମ୍‌ଙ୍କୁ ବ୍ୟତିବ୍ୟସ୍ତ କରି ପକାଇଥିଲା। ଧାର୍ମିକ ଭେଦଭାଦ ମୁକ୍ତ ସମାଜ ଗଠନ କଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ ବିଚାର କରିଥିଲେ। ଏହି ଉଦ୍ଦେଶ୍ୟ ନେଇ ସେ ଆରମ୍ଭ କରିଥିଲେ 'ଇଲୁମିନାଟି ଗ୍ରୁପ୍'। ଏହାର ପ୍ରଥମ ବୈଠକ ୧୭୭୬ରେ ହୋଇଥିଲା। ପ୍ରଫେସର ଆଡାମ୍‌ଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଇନ୍‌ଗୋଲ୍‌ଷ୍ଟାଡ୍ ୟୁନିଭର୍ସିଟିର ୫ଜଣ ସାମିଲ ହୋଇଥିଲେ। ଏହାପରେ ସଦସ୍ୟ ସଂଖ୍ୟା ବଢ଼ିବାରେ ଲାଗିଲା। ୧୭୮୪ ବେଳକୁ ଇଲୁମିନାଟି ଗ୍ରୁପ୍‌ରେ ସାମିଲ ହୋଇସାରିଥିଲେ ପାଖାପାଖି ୩୦୦୦ ଜଣ।

'ଇଲୁମିନାଟି'କୁ ପ୍ରଥମେ ବିନା ଲାଭଦାୟକ ସଙ୍ଗଠନ ବୋଲି ପ୍ରଚାର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଧୀରେ ଧୀରେ ଏହାର ପ୍ରକୃତ ଚିନ୍ତାଧାରା ପଦାକୁ ଆସିଥିଲା। ଯନ୍ତ୍ରଣାରେ ଜର୍ଜରିତ ହେବା ଅପେକ୍ଷା ଆତ୍ମହତ୍ୟା କରିବା ଶ୍ରେୟସ୍କର ବୋଲି ଏହାର ସଦସ୍ୟମାନେ ବିଚାର କରୁଥିଲେ। କେବଳ ଏତିକି ନୁହେଁ, ଭୁଲ୍ କରୁଥିବା ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବା ସପକ୍ଷରେ ଥିଲା 'ଇଲୁମିନାଟି'। ସଙ୍ଗଠନର ଆଭିମୁଖ୍ୟ ପଦାକୁ ଆସିବା ପରେ ସରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଥିଲେ। ଧରପଗଡ଼ ସମୟରେ ଅନେକ ସ୍ଥାନରୁ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିଲା, ଯେଉଁଥିରେ ଅଦୃଶ୍ୟ କାଳି (ଇନ୍‌ଭିଜିବଲ ଇଙ୍କ୍), ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରିବା ଭଳି ଲେଖା, ସାହିତ୍ୟ, ଗର୍ଭପାତ ସମ୍ପର୍କିତ ଉପକରଣ ଥିଲା। ଏହାପରେ ଜର୍ମାନୀ ସରକାର ଏହି ସଙ୍ଗଠନର ସଦସ୍ୟତା ଗ୍ରହଣ କରୁଥିବା ଲୋକଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ଘୋଷଣା କରିଥିଲେ।

ଇଲୁମିନାଟି ଗ୍ରୁପ୍‌ର ସିକ୍ରେଟ ମିଶନ ପଦାକୁ ଆସିବା ପରେ ସଙ୍ଗଠନର ପ୍ରତିଷ୍ଠାତା ଆଡାମଙ୍କୁ କଲେଜ କର୍ତ୍ତୃପକ୍ଷ ନିଲମ୍ବିତ କରିଥିଲେ। ଏହାପରେ ସେ ଅନ୍ୟ ଏକ ସ୍ଥାନରେ ଅଧ୍ୟାପନା ବୃତ୍ତି ଆରମ୍ଭ କରିଥିଲେ ଏବଂ ତାଙ୍କ ସ୍ୱଭାବରେ ଭଲ ପରିବର୍ତ୍ତନ ଆସିଥିଲା। ତଥାପି ଦୀର୍ଘଦିନ ଯାଏ ସଙ୍ଗଠନର ମିଶନ ଜାରି ରହିଥିବା ଆଲୋଚନା ହୁଏ। ୧୯୬୩ ନଭେମ୍ବର ୨୨ରେ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ଅଦ୍ୟାବଧି ରହସ୍ୟମୟ ହୋଇରହିଛି। ତେବେ କେନେଡିଙ୍କ ହତ୍ୟା ପୂର୍ବରୁ ଜଣେ ସନ୍ଦିଗ୍ଧ ମହିଳାଙ୍କୁ ଦେଖାଯାଇଥିଲା। ତାଙ୍କ ହାତରେ ଏକ ସ୍ୱତନ୍ତ୍ର ପିସ୍ତଲ ଥିଲା। ହତ୍ୟା ପୂର୍ବରୁ ସେ ଯେମିତି ଆସିଥିଲେ ହତ୍ୟା ପରେ ଠିକ୍ ସେମିତି ଗାଏବ ହୋଇଯାଇଥିଲେ। ତେବେ ମହିଳା ଜଣକ ଇଲୁମିନାଟିର ସିକ୍ରେଟ ମିଶନ ସହିତ ଜଡ଼ିତ ଥିବା ଆଜି ବି ଚର୍ଚ୍ଚା ହୁଏ। ତେବେ ଦୀର୍ଘଦିନ ଧରି କେନେଡ଼ି ହତ୍ୟାକାଣ୍ଡ ସମ୍ପର୍କରେ ଛାନ୍‌ଭିନ୍ ଚାଲିଥିଲେ ମଧ୍ୟ ଏହା ସ୍ପଷ୍ଟ ହୋଇନାହିଁ।

# ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ପରିବେଶ ସୁରକ୍ଷା ଜରୁରୀ

**ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷଣ ନିରୋଧ ଦିବସ ଆଜି**

୨୦୦୯ ମସିହା ଡିସେମ୍ବର ୨ ତାରିଖ ଦିନ ଜାତିସଂଘର ୬୪ତମ ସାଧାରଣ ପରିଷଦ ବୈଠକରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୯ ତାରିଖକୁ ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷଣ ନିରୋଧ ଦିବସ ରୂପେ ପାଳନ କରିବା ଲାଗି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ପୃଥିବୀରେ ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ, ବିସ୍ଫୋରଣ, ମନୁଷ୍ୟ ସମାଜ ତଥା ପରିବେଶ ଉପରେ ପକାଉଥିବା ଭୟଙ୍କର କୁପ୍ରଭାବକୁ ପ୍ରତିହିତ କରିବା ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଇଆସୁଛି। ଶରୀରସ୍ଥ ଜୀବନ୍ତ ଜୀବକୋଷଗୁଡ଼ିକୁ ନଷ୍ଟ କରିଦେଇଥାଏ, ଯାହା ଫଳରେ କ୍ୟାନ୍‌ସର ପରି ଦୂରାରୋଗ୍ୟ ସୃଷ୍ଟି ହେବାର ପ୍ରଧାନ କାରଣ। ପରମାଣୁ ବିକିରଣର କୁପ୍ରଭାବରେ କେବଳ ମନୁଷ୍ୟ ନୁହେଁ, ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ବାଧାପ୍ରାପ୍ତ କରିଥାଏ। ହିରୋସୀମା ନାଗାସାକୀ ବିସ୍ଫୋରଣରୁ ବଞ୍ଚିଯାଇଥିବା ବ୍ୟକ୍ତିମାନଙ୍କର ବିକିରଣ ଦ୍ୱାରା ସୃଷ୍ଟ



ଶାନ୍ତି ଓ ନିରାପତା ନିମନ୍ତେ ଏକ ପରମାଣୁ ଅସ୍ତ୍ରଶସ୍ତ୍ର ବିହୀନ ବିଶ୍ୱର ପରିକଳ୍ପନାରେ, ପରମାଣୁ ଅସ୍ତ୍ରଶସ୍ତ୍ର ଅଧିକାରୀ ଏବଂ ଅନ୍ୟାନ୍ୟ ରାଷ୍ଟ୍ରମାନେ ଏହି ଚୁକ୍ତିରେ ସମ୍ମତି ପ୍ରଦାନ କରିଥିଲେ। ଅଦ୍ୟାବଧି ୨୦୦୦ରୁ ଅଧିକ ପରମାଣୁ ପରୀକ୍ଷଣ ସଙ୍ଗଠିତ ହୋଇଯାଇଛି। ଆଣବିକ ତେଜସ୍କ୍ରିୟ ବିକିରଣର କୁପ୍ରଭାବ ଚକ୍ଷୁ ଓ ଚର୍ମ ସହିତ ଶରୀର ଅଭ୍ୟନ୍ତର ଇନ୍ଦ୍ରିୟମାନଙ୍କର ମଧ୍ୟ ପ୍ରଭୁତ କ୍ଷତି ସାଧନ କରିଥାଏ। ଏହା ଭୟାନକ ବିସ୍ଫୋରକ ତଥ୍ୟ ହତଚକିତ କରିଥିଲା ମାନବ ସମାଜକୁ। ପରମାଣୁ ପରୀକ୍ଷା ଜାରି ରହିଲେ, ଏ ପୃଥିବୀ ପୃଷ୍ଠରୁ ମାନବ ସମାଜ ଲୋପ ପାଇଯିବା ସୁନିଶ୍ଚିତ। ଏହି ପରିପ୍ରେକ୍ଷୀରେ ଆଜିର ଦିବସରେ ପୃଥିବୀର ସମସ୍ତ ବର୍ଗର ବ୍ୟକ୍ତି, ଏ ପୃଥିବୀକୁ ଧ୍ୱଂସମୁଖରୁ ରକ୍ଷାକରି, ନିଜେ ଶାନ୍ତିରେ ଅବସ୍ଥାନ କରିବା ନିମନ୍ତେ, ପରମାଣୁ ପରୀକ୍ଷାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଶପଥ ନେବାର ଆବଶ୍ୟକତା ରହିଛି।

# ଜୀବନ ବଞ୍ଚାଇଲା ଖେଳଣା

**ଲଣ୍ଡନ:** ପିଲାମାନେ ବେଳେ ବେଳେ ଖେଳରେ ଖେଳରେ ବହୁତ ବଡ଼ କମାଲ୍ କରିଥାନ୍ତି। ଠିକ୍ ଏମିତି କିଛି କରି ଏବେ ହିରୋ ପାଲଟି ଯାଇଛନ୍ତି ବ୍ରିଟେନ୍‌ର ୫ ବର୍ଷର ବାଳକ ଜୋଶ୍। ନିଜ ଖେଳଣା ଆମ୍ବୁଲାନ୍ସ ଗାଡ଼ିର ନମ୍ବରରେ ଫୋନ୍ କରି ସେ ତାଙ୍କ ମା'ଙ୍କ ଜୀବନ ବଞ୍ଚାଇ ପାରିଛନ୍ତି।

କୁନି ବାଳକ ଜୋଶ୍ ଘରେ ତାଙ୍କ ମା' ଓ ଭାଇଙ୍କ ସହିତ ରହୁଥିଲେ। ସେ ଖେଳଣାରେ ଖେଳୁଥିବା ସମୟରେ ହଠାତ୍ ତାଙ୍କ ମା' ତଳେ ପଡ଼ିଯାଇ ଅଚେତ ହୋଇଯାଇଥିଲେ। ଏ ସମୟରେ ଜୋଶ୍ ଓ ତାଙ୍କ ଭାଇ କ'ଣ କରିବେ ଚିନ୍ତା କରିପାରୁ ନ ଥିବା ବେଳେ ହଠାତ୍ ଜୋଶ୍‌ଙ୍କ ମୁଣ୍ଡକୁ ଏକ ବୁଦ୍ଧି ଆସିଲା। ଜୋଶ୍‌ଙ୍କ ଅନେକ ଖେଳଣା ମଧ୍ୟରେ ଥିଲା ଏକ ଆମ୍ବୁଲାନ୍ସ, ଯେଉଁଥିରେ ୧୧୨ ନମ୍ବର ଲେଖାଯାଇଥିଲା। ତେଣୁ ଜୋଶ୍ ତୁରନ୍ତ ଖେଳଣା ଗାଡ଼ିରୁ ଦେଖି ସେହି ନମ୍ବରରେ ଫୋନ୍ କରି ତାଙ୍କ ମା' ଅଚେତ ହୋଇଯାଇଥିବା ସୂଚନା ଦେଇଥିଲେ। ସୌଭାଗ୍ୟବଶତଃ ସେହି ନମ୍ବରଟି ସେଠାକାର ଆମ୍ବୁଲାନ୍ସର ଥିଲା। ତେଣୁ ଜୋଶ୍‌ଙ୍କ ଫୋନ୍ ପାଇବା ମାତ୍ରେ ତୁରନ୍ତ ଆମ୍ବୁଲାନ୍ସ ପହଞ୍ଚି ତାଙ୍କ ମା'ଙ୍କୁ ଡାକ୍ତରଖାନାରେ ପହଞ୍ଚାଇଥିଲା। ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରିଥିବାରୁ ତାଙ୍କ ମା'ଙ୍କ ଜୀବନ ରକ୍ଷା ହୋଇପାରିଥିଲା ବୋଲି କହିଥିଲେ ଡାକ୍ତର। ଘଟଣା ଜଣାପଡ଼ିବା ପରେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏତେ କମ୍ ବୟସ ପିଲାର ଏଭଳି କାମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ଏହି ଘଟଣାକୁ ସୋସିଆଲ୍ ମିଡିଆରେ ଶେୟାର କରିଛି ସେଠାକାର ପୋଲିସ। ତେବେ ସୋସିଆଲ୍ ମିଡିଆରେ ଏବେ ଜୋଶ୍‌ଙ୍କୁ ସବୁଆଡୁ ପ୍ରଶଂସା ମିଳିଛି।




**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist: Kalahandi, PIN -766001
e-mail: eephbhpt@gmail.com
NATIONAL COMPETITIVE BIDDING THROUGH e-Procurement
Identification No.EEPH-BHPT– 04 of 2020-21/ Dt. 24.08.2020

No.C-117:-

**e-Procurement Notice**

Name of the Work : Replacement of 400mm dia C I raw water Rising main & arrangement for pressure development in different Pipe network in BhawanipatnaTown-Under State Plan-2019-20.
Total No. of works : 01 (One). Estimated cost : Approx. Rs.379.80 lakh. Class of contractor : Manufacturer only.
Period of completion : 2 calendar months.

| Procurement Officer | Bid identification No. | No. of works | Availability of tender online for bidding | | Date & time of opening of bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Bhawanipatna | EEPH-BHPT-04 of 2020-21/ Dt.24.08.2020 | 01 (One) | 31.08.2020 | 15.09.2020 | 16.09.2020 |

For details can be seen from the Government website www. tendersorissa.gov.in
Sd./- Executive Engineer, P.H. Division, Bhawanipatna
OIPR-13059/11/0001/2021






# ବିବାହ ପୂର୍ବରୁ ଗର୍ଭବତୀ ଥିଲେ ନେହା

**ମୁମ୍ବାଇ:** ବଲିଉଡ୍ ନାୟିକା ନେହା ଧୁପିଆ ତାଙ୍କର ୪୦ ତମ ଜନ୍ମଦିନ ପାଳନ କରିଛନ୍ତି। ବଲିଉଡ୍‌ର ବୋଲ୍ଡ ନାୟିକାମାନଙ୍କ ମଧ୍ୟରେ ଅନ୍ୟତମ ନେହା ନିକଟରେ ତାଙ୍କ ବୟାନକୁ ନେଇ ଆସିଥିଲେ ଚର୍ଚ୍ଚାକୁ। ଏହାକୁ ନେଇ ସୋସିଆଲ ମିଡିଆରେ ବି ଟ୍ରୋଲର ଶିକାର ହୋଇଥିଲେ ସେ। ଏମ୍ ଟିଭି'ର ରିୟଲିଟି ଶୋ' ରୋଡିଜର ଅଡିଶନ ସମୟରେ ଜଣେ ପୁରୁଷଙ୍କୁ ଗାଳି ଦେଇ ଚର୍ଚ୍ଚାକୁ ଆସିଥିଲେ ନେହା। ଜଣେ ଝିଅଙ୍କୁ ଚାପୁଡା ମାରିବା କଥା ଶୁଣି ରାଗି ଯାଇଥିବା ଅଭିନେତ୍ରୀ ନେହା ଏମିତି କରିଥିଲେ ବୋଲି କୁହାଯାଏ। ନେହାଙ୍କ ପର୍ସନାଲ ଲାଇଫ୍ କଥା ଯଦି କହିବା, ସେ ଯେତେବେଳେ ହଠାତ୍ ତାଙ୍କ ବିବାହ କଥା ଘୋଷଣା କରିଥିଲେ ସେତେବେଳେ ଏହି ଖବର ସମସ୍ତଙ୍କୁ ଚମକାଇ ଦେଇଥିଲା। ବଡ କଥା ହେଲା ବିବାହ ପୂର୍ବରୁ ସେ ଗର୍ଭବତୀ ହୋଇ ସାରିଥିଲେ। ସେ ଅଙ୍ଗଦ ବେଦୀଙ୍କୁ ବିବାହ କରିବାକୁ ସ୍ଥିର କରିଥିବା ବେଳେ ଶେଷରେ ତାହାହିଁ ହୋଇଥିଲା। ନେହା–ଅଙ୍ଗଦ ୧୦ ମେ' ୨୦୧୮ରେ ବିବାହ କରିଥିଲେ। ତେବେ ବିବାହ ପୂର୍ବରୁ ସେ ମା' ହେବା କଥା ପରିବାର ସଦସ୍ୟଙ୍କୁ ଜଣାଇବା ପରେ ସେ ଆକ୍ରୋଶର ଶିକାର ହୋଇଥିଲେ। ବଲିଉଡ୍ ପୂର୍ବରୁ ସେ ମଲାୟାଲମ ଫିଲ୍ମରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ।


**BEACH DEVELOPMENT COMMITTEE, CHANDRABHAGA, KONARK**
**Sealed Proposal are invited for Operation & Maintenance of Chandrabhaga Beach, Konark, Puri**
Sealed proposal are invited from reputed agency for Operation & Maintenance of Chandrabhaga Beach, Konark, Puri.
The last date of submission of the proposal by **Dt.13.09.2020 at 5.30 P.M.** through Speed Post/Registered Post/Courier.
The details request for proposal can be viewed in the district website **www.puri.nic.in**.
Sd./- Chairman
Beach Development Committee

Government of Odisha No. B-221
**"e" Procurement Notice**
**WORKS DEPARTMENT**
Bid Identification No. S.E.K.C., Keonjhar No. 04/2020-21
e-mail: sekcpwd_keonjhar@yahoo.com
Letter No. 2117 Dt.20.08.2020
1. No. of the Work : 06 Nos. Building Works
2. Estimated Cost : Rs.101.58 lakhs to Rs.459.61 lakhs
3. Period of Completion : 09 (Nine) Calendar Months to 11 (Eleven) Calendar Months
4. Date and Time of availability of Bid document in the portal : From 11.00 hours of 08.09.2020 to 16.00 hours of 22.09.2020
5. Last date/time for receipt of bids in the portal : 16.00 hours of 22.09.2020
6. Date of opening of Bid from portal : 12.00 hours on 23.09.2020
7. Name and address of the Officer Inviting Bid : Superintending Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal **"http://tendersodisha.gov.in"**.
Sd./- (A.N. Das), Superintending Engineer
Keonjhar (R&B) Circle, Keonjhar
OIPR-34033/11/0004/2021

**OFFICE OF THE MUNICIPAL COUNCIL, BALASORE**
Tel. & Fax No. 06782-251222
e-mail: balasoremunicipality@rediffmail.com
**NOTICE INVITING QUOTATION CALL NOTICE**
No. 4320 Dt.28.08.2020
Name of the Work : Providing of Security Personnel & Data Entry Operator to Balasore Municipality
Tender/Quotation Paper Cost : Rs.2,000.00
Earnest Money Deposit : Rs.30,000.00
Last date of Sale/download of DTCN : Upto 4.00 P.M. of Dt.07.09.2020
Last date of Receipt of Tender: Upto 5.00 P.M. of Dt.07.09.2020
Date of Opening of Technical Bid : 11.30 A.M. onwards of Dt.08.09.2020
Date of Opening of Financial Bid : 11.30 A.M. onwards of 10.09.2020
Details can be seen/downloading from the official website of Balasore district, **www.baleswar.nic.in** from Dt.29.08.2020 to 07.09.2020 upto 4.00 P.M.
Sd./- Executive Officer
Balasore Municipality

**DIRECTORATE OF PUBLIC HEALTH, ODISHA**
**(State TB Cell)**
Dept. of Health & Family Welfare, Govt. of Odisha
2nd Floor, Heads of the Department Building,
Unit - IV, Bhubaneswar - 751 001
E-mail: stoor@rntcp.org, Phone/Fax: 0674-2390395
Advt. No. Date: 28.08.2020
**REQUEST FOR PROPOSAL (RFP) FOR SELECTION OF PATIENT PROVIDER SUPPORT AGENCY (PPSA)**
No. E-206: The Director of Public Health, Odisha with the National Tuberculosis Elimination Programme (NTEP) is looking to expand the scope of its work for diagnosis, treatment and care of Tuberculosis patients in the Private Sector. To this effect, the State Government of Odisha for TB Control proposes to establish an interface agency called Patient Provider Support Agency (PPSA).
Sealed proposals are invited from the eligible bidders for the selection of PPSA pertaining to the folloing bid reference.

| Bid Reference No. | Bid Document Cost (Rs.) | EMD (Rs.) |
|---|---|---|
| DPH(O)/PPSA/2020/1 | 1,500/- | 1,00,000/- for each District |

The eligible bidders may participate by submitting their proposals in the specified RFP format along with the bid document cost and EMD(s) required for the concerned district(s), they want to participate. The RFP document with all information relating to the bidding process including EMD, Eligibility Criteria, Terms of Reference, General Conditions of Contract and Formats of Submission of Proposal may be downloaded from the website: **www.dphodisha.nic.in**.
The pre-bid meeting & bid submission/opening schedules are as mentioned below:

| Date & Time of Pre-bid Meeting | Last date & time of submission of Bid | Date & time of Opening of Technical Bid |
|---|---|---|
| 08.09.2020, 11.30 A.M. | 21.09.2020, 3.00 P.M. | 21.09.2020, 3.30 P.M. |

The details regarding the venue of pre-bid meeting and the address for bid submission/opening are mentioned in the RFP document. Any amendments in above RFP due to decision in pre-bid meeting shall only be notified in the website mentioned above. The sealed proposals should reach the office of the undersigned by Courier/Registered Post/Speed Post, on or before the stipulated date & time of bid submission mentioned above.
The undersigned reserves the right to reject any or all the proposals without assigning any reason thereof.
Sd./- Director, Public Health, Odisha
OIPR-10036/11/0001/2021

# ଉତ୍‌ଥାନ ପଥରେ ଭାରତୀୟ ହକି


ଅଶୋକ ମହାନ୍ତି

**ଉତ୍ତମ ସାଙ୍ଗଠନିକ ଦକ୍ଷତାର ବିନିଯୋଗ, ନିରପେକ୍ଷ ଖେଳାଳି ଚୟନ, ବିଶ୍ୱ ହକିର ପ୍ରତିଷ୍ଠିତ ପ୍ରଶିକ୍ଷକ ନିଯୁକ୍ତି ଏବଂ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ପ୍ରୋ ଲିଗ୍ ସହ ହକି ଇଣ୍ଡିଆ ଲିଗ୍‌ର ଆୟୋଜନ ଭଳି ସକାରାତ୍ମକ ପଦକ୍ଷେପ ଭାରତୀୟ ହକିର ପ୍ରଦର୍ଶନକୁ ଶାଣିତ କରିବାରେ ସହାୟକ ହୋଇଛି...**



ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପରେ ଉଲ୍ଲସିତ ଭାରତୀୟ ଦଳ

୧୯୦୫ ଅଗଷ୍ଟ ୨୯ରେ ଉତ୍ତରପ୍ରଦେଶର ଆଲ୍ଲାହାବାଦ ସହରରେ ଜନ୍ମଗ୍ରହଣ କରିଥିଲେ ହକି ଜଗତର ପ୍ରବାଦପୁରୁଷ ଧ୍ୟାନଚାନ୍ଦ। 'ହକିର ଯାଦୁକର', 'ହକିକୁ ଭଗବାନଙ୍କ ଦାନ' ଓ 'ହକି କିମ୍ବଦନ୍ତୀ' ଏବଂ ଆହୁରି ଅନେକ ନାମରେ ପ୍ରସିଦ୍ଧି ଲାଭ କରିଥିବା ଧ୍ୟାନଚାନ୍ଦ ୧୯୨୬ରୁ ୧୯୪୯ ପର୍ଯ୍ୟନ୍ତ ଭାରତ ପକ୍ଷରୁ ୩ଟି ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ସହିତ ୧୮୫ଟି ମ୍ୟାଚ୍‌ରେ ୫୭୦ ଗୋଲ୍ ସ୍କୋର କରି ବିଶ୍ୱର ସର୍ବଶ୍ରେଷ୍ଠ ହକି ଖେଳାଳିର ମାନ୍ୟତା ପାଇଥିଲେ। ୩୦ ଏବଂ ୪୦ ଦଶକରେ ଭାରତୀୟ ହକିକୁ ବିଶ୍ୱର ଶୀର୍ଷ ସ୍ଥାନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଧ୍ୟାନଚାନ୍ଦ କିନ୍ତୁ ଶେଷ ଜୀବନ(ମୃତ୍ୟୁ-୩ ଡିସେମ୍ବର ୧୯୭୯)ରେ ଭାରତୀୟ ହକିର ଦୁର୍ବଳ ପ୍ରଦର୍ଶନ ପାଇଁ ଅତ୍ୟନ୍ତ ମର୍ମାହତ ହୋଇଥିଲେ। କିନ୍ତୁ ଆଜି ଦିନରେ ବିଶ୍ୱସ୍ତରରେ ଭାରତୀୟ ହକିର ସ୍ଥିତି ଓ ପ୍ରଦର୍ଶନରେ ଯେଉଁ ଗୁଣାତ୍ମକ ଉନ୍ନତି ପରିଲକ୍ଷିତ ହୋଇଛି ତାହା ସ୍ୱର୍ଗତ ଧ୍ୟାନଚାନ୍ଦ ଛାଡ଼ିଯାଇ ଥିବା ମହାନ କ୍ରୀଡ଼ା(ହକି) ପରମ୍ପରାକୁ ପୁନର୍ଜୀବିତ କରିବାରେ ସହାୟକ ହେବା ଆଶା।

ପ୍ରାକ୍ ସ୍ୱାଧୀନତା ସମୟରେ ଭାରତର କ୍ରୀଡ଼ା ବ୍ୟବସ୍ଥା ସାଙ୍ଗଠନିକ ଦୃଷ୍ଟିରୁ ଅନ୍ୟ ୟୁରୋପୀୟ ବା ଉନ୍ନତ ଦେଶଗୁଡ଼ିକର ସମକକ୍ଷ ହୋଇ ନ ଥିଲେ ମଧ୍ୟ ବିଂଶଶତାବ୍ଦୀର ତୃତୀୟ ଦଶକରେ ଭାରତୀୟ ହକି ସାରା ବିଶ୍ୱରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିଥିଲା। ଭାରତୀୟ ହକିର ସ୍ୱର୍ଣ୍ଣିମ ଇତିହାସ ୧୯୨୮ ଆମଷ୍ଟାରଡାମ୍ ଅଲିମ୍ପିକ୍ସରୁ ଆରମ୍ଭ ହୋଇଥିଲା। ଅକ୍ସଫୋର୍ଡ ଶିକ୍ଷିତ ଆଦିବାସୀ ଯୁବକ ଜୟପାଲ୍ ସିଂ ମୁଣ୍ଡାଙ୍କ ନେତୃତ୍ୱରେ ଏକ ୧୫ ଜଣିଆ(୯ ଇଂରେଜ, ୬ ଭାରତୀୟ) ଭାରତୀୟ ଦଳ ଏଥିରେ ଭାଗନେଇ ସ୍ୱର୍ଣ୍ଣପଦକ ଜିତିଥିଲେ। ପରବର୍ତ୍ତୀ ୨ଟି ଅଲମ୍ପିକ୍ସ ଲସଏଞ୍ଜେଲ୍ସ (୧୯୩୨) ଓ ବର୍ଲିନ (୧୯୩୬)ରେ ଧ୍ୟାନ ଚାନ୍ଦଙ୍କ ନେତୃତ୍ୱରେ ଭାରତ ସ୍ୱର୍ଣ୍ଣ ପଦକ ଜିତି ବିଶ୍ୱର ଶ୍ରେଷ୍ଠ ହକି ଦଳ ଭାବେ ଉଭା ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ୫୦ ଓ ୬୦ ଦଶକରେ ଅଣଭାରତୀୟ (ଇଂରେଜ ଓ ଆଙ୍ଗ୍ଲୋଇଣ୍ଡିଆନ) ଖେଳାଳିମାନେ ନିଜ ଜନ୍ମଭୂମିକୁ ଫେରିଯାଇଥିଲେ। ଦେଶର ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନ ଦ୍ୱାରା ଭାରତୀୟ ଦଳ ସୁଦୃଢ଼ ହୋଇଥିଲା। ଏକାଧିକ ବିଶ୍ୱସ୍ତରୀୟ ଖେଳାଳିଙ୍କ ଉଚ୍ଚମାନର ପ୍ରଦର୍ଶନ ଫଳରେ ୧୯୪୮, ୫୨, ୫୬ରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ, ୬୦ରେ ରୌପ୍ୟ ଏବଂ ପୁନଶ୍ଚ ୧୯୬୪ରେ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ଭାରତ ସଫଳ ହୋଇଥିଲା। କିନ୍ତୁ ୧୯୬୮ ଏବଂ ୧୯୭୨ ଅଲିମ୍ପିକ୍ସରେ କେବଳ ବ୍ରୋଞ୍ଜ ପଦକ ଜିତିବା ପରେ ଭାରତୀୟ ହକିର ସଫଳତା ହାର ହ୍ରାସ ପାଇଥିଲା।

ଏହି ସମୟରେ ବିଶ୍ୱ ହକି ମାନଚିତ୍ରରେ ୟୁରୋପୀୟ ଦେଶ ଜର୍ମାନୀ, ନେଦରଲାଣ୍ଡ୍ସ, ବେଲଜିୟମ ସହିତ ଅଷ୍ଟ୍ରେଲିଆ ହକି ମହାଶକ୍ତି ଭାବେ ଉଭା ହୋଇଥିଲା। ସାରା ବିଶ୍ୱରେ ହକିର ଲୋକପ୍ରିୟତାକୁ ବିଚାରକୁ ନେଇ ଅନ୍ତର୍ଜାତୀୟ ହକି ମହାସଂଘ ୧୯୭୧ରେ ହକି ବିଶ୍ୱକପ୍ ଆୟୋଜନର ଶୁଭାରମ୍ଭ କଲା। ପ୍ରଥମ ସଂସ୍କରଣରେ ଭାରତ ତୃତୀୟ, ୧୯୭୩ ଦ୍ୱିତୀୟ ବିଶ୍ୱକପରେ ରୌପ୍ୟ ଏବଂ ୧୯୭୫ ତୃତୀୟ ବିଶ୍ୱକପ୍‌ରେ ପ୍ରଥମ ଓ ଶେଷଥର ପାଇଁ ଚାମ୍ପିୟନ ମୁକୁଟ ପିନ୍ଧିଥିଲା।

ବିଶ୍ୱ ହକିରେ କୃତ୍ରିମ ଟର୍ଫର ବ୍ୟବହାର (୧୯୭୬ ପରେ), ପ୍ରଚଳିତ ନିୟମରେ ବାରମ୍ବାର ପରିବର୍ତ୍ତନ ଫଳରେ ଭାରତୀୟ କଳାତ୍ମକ ଖେଳ ଲୁପ୍ତ ପ୍ରାୟ ହେବାକୁ ଲାଗିଲା। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ଶେଷଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲା। ତେବେ ବିଶ୍ୱର ଅଧିକାଂଶ ହକି ମହାଶକ୍ତି ଦେଶମାନଙ୍କର ଅନୁପସ୍ଥିତି ପ୍ରତିଦ୍ୱନ୍ଦ୍ୱିତା ସ୍ତରକୁ ହ୍ରାସ କରିଥିଲା। ପରବର୍ତ୍ତୀ ତିନି ଦଶନ୍ଧି ଧରି ବିଶ୍ୱ ସ୍ତରରେ ଭାରତୀୟ ହକିର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା।

ମାତ୍ର ପରେ ସ୍ଥିତିରେ ଉନ୍ନତି ଘଟିଛି। ୨୦୦୬ରେ ବିଶ୍ୱ ମାନ୍ୟତା ତାଲିକାରେ ୧୨ତମ ସ୍ଥାନରେ ଥିବା ଭାରତ ବର୍ତ୍ତମାନ ୪ର୍ଥ ସ୍ଥାନ ହାସଲ କରିବାରେ ସକ୍ଷମ ହୋଇପାରିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ପାରଙ୍ଗମ କୋଚ୍ ଗ୍ରାହାମ ରିଡ୍‌ଙ୍କ ଅଧୀନରେ ଭାରତୀୟ ଦଳ ଅତ୍ୟନ୍ତ ପ୍ରତିଭାବାନ ଖେଳାଳି ମନପ୍ରୀତ ସିଂଙ୍କ ନେତୃତ୍ୱରେ ବିଶ୍ୱର ଶ୍ରେଷ୍ଠ ଦଳମାନଙ୍କ ମଧ୍ୟରେ ଗଣାଯାଉଥିବା ବେଳେ ଟୋକିଓ ଅଲିମ୍ପିକ୍ସରେ ଦୃଢ଼ ପଦକ ଦାବିଦାର ହୋଇଛି। ଦୀର୍ଘ ୪୦ ବର୍ଷ ପରେ ଭାରତୀୟ ହକି ଦଳର ଅଲିମ୍ପିକ୍ସ ପୋଡିୟମ ଫିନିସ୍ ପାଇଁ ଦେଶର କୋଟି କୋଟି ଭାରତବାସୀ ଅପେକ୍ଷାରେ।

**ଅପୂର୍ବ କ୍ରୀଡ଼ା ଦକ୍ଷତା ସହ ଦୟା, ପରୋପକାର ଏବଂ ସହୃଦୟତା ଆଦି ଅନେକ ଗୁଣ ଧ୍ୟାନଚାନ୍ଦଙ୍କଠାରେ ଭରି ରହିଥିଲା। ନିଜର ସରଳ ନିଷ୍କପଟତା ଏବଂ ସତ୍ୟବାଦିତା ଗୁଣ ଯୋଗୁ ସାମାଜିକ ଜୀବନରେ ଅନେକବାର ସେ ପ୍ରତାରିତ ହୋଇଥିଲେ ହେଁ ନିଜ ଜୀବନାଦର୍ଶରୁ ତିଳେ ବି ବିଚ୍ୟୁତ ହୋଇ ନ ଥିଲେ...**

# ଦରଦୀ ମଣିଷ ଧ୍ୟାନଚାନ୍ଦ


ଭାରତୀ ଭୂଷଣ ମିଶ୍ର

ଆଜି ହେଉଛି ଜାତୀୟ କ୍ରୀଡ଼ା ଦିବସ। ପ୍ରତ୍ୟେକ କ୍ରୀଡ଼ାବିତ୍ ଏବଂ ଖେଳକୁ ଭଲ ପାଉଥିବା ସମସ୍ତଙ୍କ ପାଇଁ ଏକ ପବିତ୍ର ଦିନ। ଅପୂର୍ବ ଷ୍ଟିକ୍ ଚାଳନା, କ୍ଷୀପ୍ରଗତି ଏବଂ ସବୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଗୋଲ ଦେବାର ଦକ୍ଷତା ଯୋଗୁ ହକିର ଯାଦୁକର ଆଖ୍ୟା ପାଇଥିଲେ ଧ୍ୟାନଚାନ୍ଦ। ପଡିଆରେ ତାଙ୍କର ଅଦ୍ଭୁତ କ୍ରୀଡାନୈପୁଣ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସହ ସନ୍ଦେହରେ ପକାଇଥିଲା, ଯଦ୍ଦ୍ୱାରା ଖେଳ ମଝିରେ ତାଙ୍କ ଷ୍ଟିକ୍‌କୁ ପରିବର୍ତ୍ତନ କରାଯାଇଥିଲା। କ୍ରୀଡ଼ା ଦକ୍ଷତା ବାଦ୍ ସେ ଯେ ଜଣେ ନିଚ୍ଛକ ଭଲ ମଣିଷ ଥିଲେ ତାହା ହୁଏତ ଅନେକଙ୍କୁ ଅଜଣା ଥିବ। ଧ୍ୟାନଚାନ୍ଦଙ୍କର ବିଷୟ ଆଲୋଚନା କଲାବେଳେ ସ୍ୱତଃ ତାଙ୍କର ଶାନ୍ତ ସୌମ୍ୟ ଚେହେରା ମନକୁ ଆସେ। ପିତା ସୋମେଶ୍ୱର ସିଂ ସେନାରେ କାର୍ଯ୍ୟରତ ଥିବାରୁ ମା' ଶ୍ୟାମା ଦେବୀ ନିଜର ସାତ ସନ୍ତାନ ( ୪ଝିଅ ଓ ୩ପୁଅ)ଙ୍କୁ ଉତ୍ତମ ସଂସ୍କାରର ସହ ପ୍ରତିପାଳନ କରିଥିଲେ। ସବୁ ଭାଇ ଭଉଣୀଙ୍କ ମଧ୍ୟରେ ଧ୍ୟାନଚାନ୍ଦ ଥିଲେ ଶାନ୍ତ, ନିରୀହ ମିତଭାଷୀ ଏବଂ ଲାଜକୁଳା। ଏହି ସମସ୍ତ ଗୁଣ ଆଜୀବନ ତାଙ୍କ ସହିତ ରହିଥିଲା। ଅପୂର୍ବ କ୍ରୀଡ଼ା ଦକ୍ଷତା ସହ ଦୟା, ପରୋପକାର ଏବଂ ସହୃଦୟତା ଆଦି ଅନେକ ଗୁଣ ତାଙ୍କଠାରେ ଭରି ରହିଥିଲା। ନିଜର ସରଳ ନିଷ୍କପଟ ଏବଂ ସତ୍ୟବାଦିତା ଗୁଣ ଯୋଗୁ ସାମାଜିକ ଜୀବନରେ ଅନେକବାର ସେ ପ୍ରତାରଣାର ଶିକାର ହୋଇଛନ୍ତି। କିନ୍ତୁ ନିଜର ସ୍ୱଭାବ ଓ ଜୀବନାଦର୍ଶରୁ ତିଳେ ବି ବିଚ୍ୟୁତ ହୋଇନାହାନ୍ତି। ବରଂ ପ୍ରତାରିତ କରିଥିବା ବ୍ୟକ୍ତିଙ୍କୁ ସେ ପରବର୍ତ୍ତୀ ସମୟରେ କ୍ଷମା କରି ଦେଇଛନ୍ତି। କାରଣ ସେ ପ୍ରତିଶୋଧ ଅପେକ୍ଷା କ୍ଷମାକୁ ପସନ୍ଦ କରୁଥିଲେ।

ଧ୍ୟାନଚାନ୍ଦ ଯୌଥ ପରିବାରର ପକ୍ଷପାତୀ ଥିଲେ। ସାତ ପୁତ୍ର, ଚାରି କନ୍ୟାଙ୍କ ସହିତ ତାଙ୍କର ବଡ଼ଭାଇ ମୂଲ୍ ସିଂ ଏବଂ ଜଣେ ଭଉଣୀଙ୍କ ପୂରା ପରିବାର ତାଙ୍କ ଝାନ୍‌ସୀସ୍ଥିତ ଘରେ ଏକତ୍ର ବସବାସ କରୁଥିଲେ। ଧ୍ୟାନଚାନ୍ଦ ନିଜ ଘରେ ଏକ ଉତ୍ତମ ସୈନିକ ଅନୁରୂପ ଅନୁଶାସନ ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେଉଥିଲେ। କିନ୍ତୁ ତାଙ୍କର ଶୃଙ୍ଖଳିତ ବାହ୍ୟ ଆବରଣ ତଳେ ଏକ କୋମଳ ହୃଦୟ ଛପି ରହିଥିଲା। ନିଜର ପୁଅମାନଙ୍କ ତୁଳନାରେ ସେ ବୋହୂମାନଙ୍କ ପ୍ରତି ଅତ୍ୟନ୍ତ ଦୟାର୍ଦ୍ର ଥିଲେ। ସେ ସର୍ବଦା ବୋହୂମାନଙ୍କୁ ଯତ୍ନରେ ରଖିବାକୁ ପରାମର୍ଶ ଦେଉଥିଲେ। ଧ୍ୟାନଚାନ୍ଦ ତାଙ୍କ ସାନଭାଇ ରୂପ୍ ସିଂଙ୍କୁ ବହୁତ ଭଲ ପାଉଥିଲେ। ସେମାନେ ଦୁଇ ଶରୀର ହେଲେ ମଧ୍ୟ ଆତ୍ମା ଥିଲା ଏକ। କାଳକ୍ରମେ ରୂପ ସିଂ ଜଣେ ପ୍ରସିଦ୍ଧ ହକି ଖେଳାଳିରେ ପରିଣତ ହେଲେ। ୧୯୭୭ ଡିସେମ୍ବର ୧୬ରେ ତାଙ୍କର ଅଚାନକ ପରଲୋକ ହୋଇଗଲା। ଧ୍ୟାନଚାନ୍ଦ ନିଜର ପ୍ରିୟ ଭାଇର ଅକାଳ ମୃତ୍ୟୁରେ ଭାଙ୍ଗି ପଡ଼ିଲେ ଓ ଶେଷରେ ତାହାହିଁ ତାଙ୍କ ତିରୋଧାନର କାରଣ ହେଲା।

ଖେଳ ପଡ଼ିଆରେ ଧ୍ୟାନଚାନ୍ଦ ଅତ୍ୟନ୍ତ ଶାନ୍ତ ଏବଂ ସ୍ଥିର ରହୁଥିଲେ। ''ଦି ଉଇଜାର୍ଡ'' ନାମକ ପୁସ୍ତକରେ ଅରୁଣ ଯୁଗମ୍ ଏକ ଘଟଣାର ଅବତାରଣା କରିବାକୁ ଯାଇ ଲେଖିଛନ୍ତି- ୧୯୩୬ ବର୍ଲିନ୍ ଅଲିମ୍ପିକ୍ସର ଫାଇନାଲ୍‌ରେ ଭାରତ ୬ ଗୋଲରେ ଆଗୁଆ ଥାଏ। ଜର୍ମାନୀ ଗୋଲ୍ ରକ୍ଷକ ଧ୍ୟାନଚାନ୍ଦଙ୍କୁ ମରଣାନ୍ତକ ଆକ୍ରମଣ କଲେ, ଯଦ୍ଦ୍ୱାରାକି ତାଙ୍କର ଗୋଟିଏ ଦାନ୍ତ ଭାଙ୍ଗିଗଲା। ଚିକିତ୍ସା ପରେ ଯେତେବେଳେ ସେ ପଡ଼ିଆକୁ ଫେରିଲେ ସେତେବେଳେ



ରାଗି ନ ଯାଇ ବିନମ୍ରତା ଓ ସଂଯମତା ଦେଖାଇଥିଲେ। ଏଥିରୁ ତାଙ୍କର ମହାନତା ବାରି ହୋଇପଡ଼େ। ବିଶ୍ୱଯୁଦ୍ଧର ଘନଘଟା ଛାଇ ନ ଥିଲେ ଧ୍ୟାନଚାନ୍ଦ ଯେ ଆହୁରି କେତେ ଉପଲବ୍ଧି ହାସଲ କରିଥାନ୍ତେ ତାହା ଅନୁମେୟ। ସେ ସର୍ବଦା କହୁଥିଲେ ମୁଁ ଜଣେ ସୈନିକ। ସୈନିକର କାର୍ଯ୍ୟ ହେଲା ଦେଶ ହିତରେ ଜୀବନକୁ ଉତ୍ସର୍ଗ କରିବା। ମୋ ପାଇଁ ଦେଶ ବଡ଼। ବାକି ସବୁ ପଛ। ସେଥିପାଇଁ ସେ ଜର୍ମାନୀର ତତ୍କାଳୀନ ଏକଚ୍ଛତ୍ରବାଦି ଶାସକ ହିଟ୍‌ଲର୍‌ଙ୍କ ଦ୍ୱାରା ଜର୍ମାନ ସେନାର ଜେନେରାଲ ପ୍ରସ୍ତାବକୁ ଆଡ଼େଇ ଦେଇଥିଲେ।

# ଓଡ଼ିଶାର ଅର୍ଜୁନ

**ଚଳିତବର୍ଷ ଅର୍ଜୁନ ପୁରସ୍କାର ପାଉଛନ୍ତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ୧୦୦ ମିଟରରେ ନିଜ ଜାତୀୟ ରେକର୍ଡକୁ ଅଧଡଜନରୁ ଊର୍ଦ୍ଧ୍ୱ ଥର ଭାଙ୍ଗି ସାରିଥିବା ଏହି ଓଡ଼ିଆ ଆଥଲେଟ୍ ଗତ କିଛିବର୍ଷ ଧରି କ୍ରମାଗତଭାବେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ରାଜ୍ୟର ୯ମ ଆଥଲେଟ୍‌ଭାବେ ଦୂତୀଙ୍କୁ ମିଳିଛି ଏହି ସମ୍ମାନଜନକ ପୁରସ୍କାର..**




## ମିନତି ମହାପାତ୍ର



ସାଇକ୍ଲିଂ ପରି ଏକ କ୍ରୀଡ଼ାରେ ଦକ୍ଷତା ପ୍ରଦର୍ଶନ କରି ଓଡ଼ିଶା ଏବଂ ଭାରତର ଗୌରବ ବଢ଼ାଇଥିଲେ ମିନତି ମହାପାତ୍ର। ପୁରୀରେ ଜନ୍ମ, ରାଉରକେଲାରେ ପାଠପଢ଼ା ସହ ଚାକିରି ଜୀବନ ପରେ ଭୁବନେଶ୍ୱରରେ ଅବସର ସମୟ ବିତାଉଥିବା ମିନତି ୧୯୭୨ରୁ ୧୯୭୯ ଯାଏ ଦେଶର ଦ୍ରୁତତମ ମହିଳା ସାଇକେଲ ଚାଳିକା ବିବେଚିତ ହୋଇଥିଲେ। ଦୀର୍ଘ ୭ବର୍ଷ ସେ ଜାତୀୟ ଚାମ୍ପିୟନ୍ ରହିଥିଲେ। ୧୯୭୮-୭୯ରେ ସିଲୋନ୍ (ବର୍ତ୍ତମାନର ଶ୍ରୀଲଙ୍କା)ରେ ଅନୁଷ୍ଠିତ ଇଣ୍ଡୋ-ସିଲୋନ୍ ସାଇକେଲ ମିଟ୍‌ର ୫ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଭାରତ ପାଇଁ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ସଫଳତା ପାଇଁ ତାଙ୍କୁ ୧୯୭୮-୭୯ରେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପାଇବାରେ ସେ ରାଜ୍ୟର ପ୍ରଥମ କ୍ରୀଡ଼ାବିତ୍। ୨୦୦୬ରେ ସେ ବିଜୁପଟ୍ଟନାୟକ ଲାଇଫ୍‌ଟାଇମ୍ ପୁରସ୍କାର ପାଇଥିଲେ।

## ବିଜୟ କୁମାର ଶତପଥୀ



ବ୍ରହ୍ମପୁରର ବିଜୟ କୁମାର ଶତପଥୀ ୧୯୭୯ରୁ ୧୯୮୪ ପର୍ଯ୍ୟନ୍ତ ଭାରୋତ୍ତୋଳନରେ ଜାତୀୟ ସିନିୟର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୮୧ରେ ଅଷ୍ଟ୍ରେଲିଆର ବ୍ରିସ୍‌ବେନରେ ଆୟୋଜିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୧୯୮୨ ବ୍ରିସ୍‌ବେନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ରୌପ୍ୟ ପଦକ ଅର୍ଜନ କରିଥିଲେ। ୧୯୮୧ ନାଗୋୟା ଏବଂ ୧୯୮୩ ଡାମାସକସ୍ ଏସିଆନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଥିଲେ ବିଜୟ। ୧୯୯୦ ଜାପାନ ଏସିଆନ ଗେମ୍ସରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୯୮୨ରେ ପେଶାୱରଠାରେ ଅନୁଷ୍ଠିତ ପାକିସ୍ତାନ ନ୍ୟାଶନାଲ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୧ରେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ରଚିତା (ପଣ୍ଡା) ମିସ୍ତ୍ରି



୧୯୭୪ ମାର୍ଚ୍ଚ ୪ରେ ରାଉରକେଲାରେ ଜନ୍ମିତ ଓଡ଼ିଶାର ରଚିତା ଭାରତୀୟ ଆଥଲେଟିକ୍ସରେ ଏକ ପରିଚିତ ନାମ। ନିଜ ସମୟରେ ସେ ଉଭୟ ୧୦୦ ଓ ୨୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ, ଯାହାକି ଦୀର୍ଘଦିନ ପର୍ଯ୍ୟନ୍ତ ଅତୁଟ ରହିଥିଲା। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରଚିତା ୧୯୯୮ ଫୁକୁଓକା ଏସିଆନ ଚାମ୍ପିୟନଶିପ୍‌ର ୪ ଗୁଣା ୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୦୦ ଜାକର୍ତ୍ତା ଏସିଆନ ଚାମ୍ପିୟନଶିପ୍‌ରେ ସେ ୧୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଥିଲେ। ୧୯୯୭ ଜାତୀୟ କ୍ରୀଡ଼ାର ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବା ଏହି ତାରକା ଆଥଲେଟ୍ ୧୯୯୮ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

## ଦିଲୀପ ତିର୍କୀ



ସୁନ୍ଦରଗଡ଼ର ସଉନାମୁରାରେ ଜନ୍ମିତ ଦିଲୀପ ତିର୍କୀ କ୍ୟାରିୟରରେ ୩ଟି ଅଲିମ୍ପିକ୍ସ (୧୯୯୬ ଆଟଲାଣ୍ଟା, ୨୦୦୦ ସିଡ୍‌ନୀ ଓ ୨୦୦୪ ଏଥେନ୍ସ) ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏଥେନ୍ସ ଅଲିମ୍ପିକ୍ସରେ ସେ ଭାରତୀୟ ହକି ଦଳର ନେତୃତ୍ୱ ନେଇ ଓଡ଼ିଶାବାସୀଙ୍କୁ ଗର୍ବିତ କରିଥିଲେ। ୧୯୯୫ରେ ଇଂଲଣ୍ଡ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଦିଲୀପ ଭାରତୀୟ ଦଳର ସଦସ୍ୟଭାବେ ୧୯୯୮ ଏସିଆନ ଗେମ୍ସ ସ୍ୱର୍ଣ୍ଣ, ୧୯୯୯ରେ ଏସିଆ କପ୍ ବ୍ରୋଞ୍ଜ, ୨୦୦୨ରେ ଏସିଆନ ଗେମ୍ସ ରୌପ୍ୟ, ୨୦୦୩ ଏସିଆ କପ୍ ସ୍ୱର୍ଣ୍ଣ ଏବଂ ସେହିବର୍ଷ ନିଜ ନେତୃତ୍ୱରେ ଆଫ୍ରୋ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। କ୍ୟାରିୟରରେ ସେ ୪୧୨ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ବ୍ୟକ୍ତିଗତ ସଫଳତା ପାଇଁ ତାଙ୍କୁ ୨୦୦୨ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ୨୦୦୪ରେ ସେ ପଦ୍ମଶ୍ରୀ ଏବଂ ସେହିବର୍ଷ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ରାଜ୍ୟ ସଭା ସଦସ୍ୟଭାବେ ମଧ୍ୟ ସେ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିଲେ।

## ଜ୍ୟୋତି ସୁନୀତା କୁଲୁ



୧୯୭୮ ସେପ୍ଟେମ୍ବର ୯ରେ ସୁନ୍ଦରଗଡ଼ରେ ଜନ୍ମିତ ଜ୍ୟୋତି ସୁନୀତା କୁଲୁ ୧୯୯୬ରେ ନୂଆଦିଲ୍ଲୀରେ ଇନ୍ଦିରା ଗାନ୍ଧୀ ଗୋଲ୍ଡକପ୍‌ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୦୨ ଜୋହାନ୍ସବର୍ଗ ଚାମ୍ପିୟନ୍ସ ଚ୍ୟାଲେଞ୍ଜରେ ବ୍ରୋଞ୍ଜ, ୨୦୦୨ ମାଞ୍ଚେଷ୍ଟର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୨୦୧୪ ନୂଆଦିଲ୍ଲୀ ଏସିଆ କପ୍‌ରେ ସ୍ୱର୍ଣ୍ଣ ଏବଂ ୨୦୦୬ ଦୋହା ଏସିଆନ ଗେମ୍ସରେ ବ୍ରୋଞ୍ଜ, ୨୦୦୩ ହାଇଦ୍ରାବାଦ ଆଫ୍ରୋ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ୨୦୦୬ ମାଡ୍ରିଡ ବିଶ୍ୱକପରେ ଖେଳିଥିବା ଏହି ଓଡ଼ିଆ ଖେଳାଳିଙ୍କୁ ୨୦୦୬ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ଇଗ୍ନେଶ ତିର୍କୀ




୧୯୮୧ ମେ ୧୦ରେ ସୁନ୍ଦରଗଡ଼ର ଲୁଲ୍‌କିଡିହିରେ ଜନ୍ମିତ ଇଗ୍ନେଶ ତିର୍କୀ ଭାରତ ପକ୍ଷରୁ ୨ଟି ଅଲିମ୍ପିକ୍ସ(୨୦୦୪ ଏଥେନ୍ସ, ୨୦୧୨ ଲଣ୍ଡନ)ରେ ପ୍ରତିନିଧିତ୍ୱ କରିଛନ୍ତି। ନିଜଦକ୍ଷତା ବଳରେ ସେ ଭାରତୀୟ ଦଳର ଅଧିନାୟକ ହେବାର ମଧ୍ୟ ସୌଭାଗ୍ୟ ପାଇଥିଲେ। କ୍ୟାରିୟରରେ ୨୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଏହି ତାରକା ଫୁଲବ୍ୟାକ୍ ଚାମ୍ପିୟନ୍ସ ଟ୍ରଫି, ଏସିଆନ ଗେମ୍ସ, ଏସିଆ କପ୍, ଆଫ୍ରୋ ଏସିଆନ ଗେମ୍ସ, ଚାମ୍ପିୟନ୍ସ ଚ୍ୟାଲେଞ୍ଜ, ସୁଲତାନ ଆଜଲାନଶାହ କପ୍, ଜୁନିୟର ବିଶ୍ୱକପ ପ୍ରମୁଖ ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୯ରେ ଅର୍ଜୁନ ପୁରସ୍କାର ପାଇଥିବା ଇଗ୍ନେଶ ୨୦୧୦ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

## କେ. ରବିକୁମାର



୧୯୮୮ ଏପ୍ରିଲ ୨୪ରେ ବ୍ରହ୍ମପୁରରେ ଜନ୍ମିତ କାଟୁଲୁ ରବିକୁମାର ଭାରତୀୟ ଭାରୋତ୍ତୋଳନ କ୍ରୀଡ଼ାରେ ଏକ ପରିଚିତ ନାମ। ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୬୯ କେଜି ବର୍ଗରେ ୩୨୧ କେଜି ଭାର ଉଠାଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ରବି ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୭୭ କେଜି ବିଭାଗରେ ଭାଗନେଇ ରୌପ୍ୟ ପଦକ ପାଇଥିଲେ। ଏହା ବ୍ୟତୀତ ୨୦୦୯ରେ ମାଲେସିଆର ପେନାଙ୍ଗଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସେ ୩ଟି ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୧୧ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ପ୍ରମୋଦ ଭଗତ



୧୯୮୮ ଜୁନ ୪ରେ ବରଗଡ଼ର ଅତାବିରାରେ ଜନ୍ମିତ ପ୍ରମୋଦ ଭଗତ ପାରା ବ୍ୟାଡ୍‌ମିଣ୍ଟନ ଏସଏଲ୩ କାଟେଗୋରିରେ ଏବେ ବିଶ୍ୱର ନମ୍ବର ୱାନ ଖେଳାଳି। ଅନ୍ତର୍ଜାତୀୟ ସ୍ତରରେ ସେ ୨୩ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ସମେତ ୪୫ଟି ପଦକ ହାସଲ କରି ସାରିଛନ୍ତି। ୨୦୧୯ରେ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ ପଦକ ତାଙ୍କ କ୍ୟାରିୟରକୁ ଋଦ୍ଧିମନ୍ତ କରିଛି। ଏହା ବ୍ୟତୀତ ଆଇଡବ୍ଲ୍ୟୁଏଏସ (ଇଣ୍ଟରନ୍ୟାଶନାଲ ହ୍ୱିଲଚେୟାର ଆଣ୍ଡ ଆମ୍ପୁଟ ସ୍ପୋର୍ଟ୍ସ) ୱାର୍ଲ୍ଡ ଗେମ୍ସ, ଏସିଆନ ପାରାଗେମ୍ସ, ଏସିଆନ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆଦିରେ ସେ ନିଜ ଦକ୍ଷତା ପ୍ରଦର୍ଶନ କରି ବିପୁଳ ସଫଳତା ପାଇଛନ୍ତି। ୨୦୧୯ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ପ୍ରଥମ ପାରା ଆଥଲେଟ୍‌ଭାବେ ସେ ଏହି ପୁରସ୍କାର ହାସଲ କରିଥିଲେ।

-ତପନ ସ୍ୱାଇଁ

## ଦୂତୀ ଚାନ୍ଦ

୧୯୯୬ ଫେବୃୟାରୀ ୩ରେ ଯାଜପୁର ଜିଲା ଚକଗୋପାଳପୁରରେ ଜନ୍ମିତ ଦୂତୀ ଏବେ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରିଣୀ (୧୧.୨୨ ସେକେଣ୍ଡ-୨୦୧୯)। ତାଙ୍କ କ୍ୟାରିୟରର ସଫଳତା ତାଲିକା ବେଶ୍ ଲମ୍ବା। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ହାସଲ ତାଙ୍କ ଅର୍ଜୁନ ପୁରସ୍କାର ପଥକୁ ସୁଗମ କରିଛି। ୨୦୧୭ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ୨ଟି ବ୍ରୋଞ୍ଜପଦକ ହାସଲ କରିଥିଲେ। ସେ ୨୦୧୩ ପୁଣେ ଓ ୨୦୧୯ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ୨୦୧୬ ଦୋହା ଏସିଆନ ଇନ୍‌ଡୋର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଏବଂ ସେହିବର୍ଷ ସାଉଥ୍ ଏସିଆନ ଗେମ୍ସରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ପ୍ରଥମ ଭାରତୀୟ ଭାବେ ସେ ୨୦୧୯ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

## କବିତା



### ସକାଳ

କାଉ ବୋବେଇଲା କା
ଡାକ ପକାଇଲେ ମାଆ
ରାତି ପାହିଲାଣି ଉଠ୍ ମୋ କାହ୍ନା
ମୁହଁ ଧୋଇ ଟିକେ ଆ।
କୁକୁଡ଼ା କହିଲା କ କ
ଉଠିଲେଣି ସବୁ ଲୋକ
ପୂରୁବ ଆକାଶେ କଅଁଳ ସୂରୁଜ
କେଡେ ମନଲୋଭା ଦେଖ।
କୋଇଲି ଗାଇଲା କୁହୁ
ଆଖି କିଆଁ ମଳୁ ଆଉ
ଦାନ୍ତ ଘଷି ବେଗେ ଚାଲିଆ ଧନରେ
ଖୁଆଇଦେବି ମୁଁ ମାଉଁ।
ଶୁଆ ଶାରୀ ରାମ ନାମ
ଆନନ୍ଦେ କଲେଣି ଗାନ
ସକାଳୁ ସକାଳୁ ବିଭୁ ନାମ ନେଲେ
ଭଲରେ କଟିବ ଦିନ।
କୋଇଲି କହିଲା କାଉ
କାହ୍ନା ନ ଉଠିଲେ ସୁନ୍ଦର ଗୀତ ମୋ
କା'ପାଇଁ ଗାଇବି ଆଉ!

**-ଶୁଭକାନ୍ତ ସାହୁ,** ଦେଉଳପଲ୍ଲୀ
କଳମ୍ବ, ପୋଲସରା, ଗଞ୍ଜାମ

### ବିଜ୍ଞାନ ପାଇଁ

କେମିତି ପାଠ ପଢ଼ିବି ବୋଉ
ବରଷ ଗଲା ବିତି,
ନିଦ ଆସୁନି ଆଖିକୁ ମୋର
ଦିନ ହେଉକି ରାତି।
ଇସ୍କୁଲ ମାଟି ସପନ ହେଲା
ଚୁଲିକୁ ଗଲା ପାଠ,
ସବୁ ପୋଡ଼ିକି ଖାଇଲୁ ଆମେ
ଭୁଲି ଗଲୁଣି ଶାଠ।
କରୋନା ଆସି ଉଜାଡ଼ି ଦେଲା
ଜୀବିକା ଦାନା ପାଣି,
କେତେ ଜୀବନ ଅକାଳେ ଝଡ଼େ
ହେଉନି ଆଜି ଗଣି।
ଖାଇବା ପାଇଁ ମିଳୁନି ମୁଠେ
ଭୋକେ ଶୋଉଚି ପ୍ରାଣୀ,
ଦିନ ଆସୁଛି ଖାଦ୍ୟ ପାଇଁ କି



ହୋଇବେ ହଣାହଣି।
ବିକାଶ ନାମେ ଆଜି ମଣିଷ
ଧ୍ୱଂସ କରୁଛି ବିଶ୍ୱ,
ବିଜ୍ଞାନ ପାଇଁ ଦେଖିବୁ ଦିନେ
ଧରା ହୋଇବ ନିସ୍ୱ।

**-ତପନ କୁମାର ସ୍ୱାଇଁ**
ଅଇବିଲି, ତିର୍ତ୍ତୋଲ, ଜଗତ୍‌ସିଂହପୁର

### ସୁନା ପିଲା ଜାଣ ହୋଇବ ସିଏ

ଅଜା ପଚାରିଲେ କହିଲ ପିଲେ,
ରାମ ପାଖେ ଗାଈ ବାରଟି ଥିଲେ,
ହରି ପୋଷିଥିଲା ଚଉଦ ଗାଈ,
ରାମକୁ ଦେଇ ସେ କହିଲା ଭାଇ,
ମିଶିକି ସବୁ,
କେତେହେଲା ଭାଇ ହିସାବ ଦବୁ।
ଜେଜେ ରଖିଥିଲେ କୋଡ଼ିଏ ଟଙ୍କା,
ତେର ଟଙ୍କା ଦେଇ କିଣିଲେ ଲଙ୍କା,
କିଣିସାରି ଅଣ୍ଟି ଦେଖିଲେ ଯେବେ
କେତେ ରହିଥିବ କହିଲ ଏବେ,
କହିବ ଯିଏ ?
ସୁନା ପିଲା ହବ ଜାଣିଥା ସିଏ।
ହାଟ ଯାଇଥିଲେ ଦନେଇ ଅଜା
ପାଞ୍ଚ କେଜି ତହିଁ କିଣିଲେ ଗଜା,
ତେର ଟଙ୍କା ଗଜା କେଜିକୁ ଦର
କେତେ ଦେବେ ସିଏ ହିସାବ କର,
ଖାତାରେ ଲେଖ,
କାହାର ସରିଲା ହାତଟି ଟେକ।
ଚଉଦ ଗାଡ଼ିକୁ ଛପନ ଚକ,
ଖାତାରେ ଲେଖିକି ଆଗୁଆ ରଖ,
ହିସାବ କରିକି କୁହରେ ପିଲେ,
ସବୁ ଗାଡ଼ି ଚକ ସମାନ ଥିଲେ,
ଗୋଟିକୁ କେତେ ?
କହିଦେଲେ ମିଠା ଖାଇବ ଯେତେ।

***-କ୍ଷମାକର ବେହେରା***
*ସରକାରୀ ଉଚ୍ଚ ପ୍ରାଥମିକ*
*ବିଦ୍ୟାଳୟ, କଳାପାଟ*
*ହରିଚନ୍ଦନପୁର, କେନ୍ଦୁଝର*

## ଟଗଲା ଭୀମୁ




## କହିଲ ଦେଖି



ସକାଳୁ ସକାଳୁ ସିଏ ରାବଇ
ନିଦରୁ ଆମକୁ ଦିଏ ଉଠାଇ
ପଚା ଶଢ଼ା କେତେ ଜିନିଷ ଖାଏ
ଆମ ପରିବେଶ ଯତନ ନିଏ
କଳା ରଙ୍ଗେ ଭରା ସାରା ଶରୀର
କିଏ ସେ କହିବ ନାମ ତାହାର।
**ଉତ୍ତର :କାଉ**



ଦିନର ଆରମ୍ଭ ତା' ପାଇଁ ହୁଏ
ଚନ୍ଦ୍ର ତାରା ରଶ୍ମି ତା'ଠୁ ପାଏ
ଫଳଟିଏ ଭାବି ଶ୍ରୀ ହନୁମାନ
ବାଲ୍ୟକାଳେ କରିଥିଲେ ଭକ୍ଷଣ
ସକାଳେ ଜନମ ସଞ୍ଜେ ମରଣ
କହିକି ପାରିବ ତାହାରି ନାମ।
**ଉତ୍ତର :ସୂର୍ଯ୍ୟ**



ଅମ୍ଳଜାନ ଆମେ ତା'ଠାରୁ ପାଉ
ଫୁଲ, ଫଳ, ପତ୍ର କେତେ ଯେ ଆଉ
ତା' ପାଇଁ ସମୟେ ହୁଏ ବରଷା
ମୃତ୍ତିକା କ୍ଷୟକୁ ରୋକେ ସହସା
ନିୟନ୍ତ୍ରଣ କରେ ଖରାର ତାତି
କହିଦିଅ ନାମ ଜାଣିଛ ଯଦି।
**ଉତ୍ତର: ବୃକ୍ଷ**

**-ସୁବ୍ରତ ମଲିକ**
ମଙ୍ଗଳପୁର, ଅସୁରାଳି, ଭଦ୍ରକ

## ଆଇନା




ଗିନିଜ୍ ୱାର୍ଲ୍ଡ ରେକର୍ଡ

## ନୁଡୁଲ୍ସ ଖାଇବାରେ ରେକର୍ଡ





ପିଲାମାନେ ତୁମେ ସମସ୍ତେ ନୁଡୁଲ୍ସ ଖାଇଥିବ। ଆଜିକାଲି ତ ଏହା ଅନେକଙ୍କର ପ୍ରିୟ ଖାଦ୍ୟ ହୋଇପାରିଛି। ହେଲେ ଏକା ଥରେ ଜଣେ ପିଲା ଅତିବେଶିରେ କେତେ ନୁଡୁଲ୍ସ ଖାଇପାରିବ ? ଶହେ ଗ୍ରାମ୍ କି ଦୁଇ ଶହ ଗ୍ରାମ୍ ଖାଇବା ବି କଷ୍ଟ ନୁହେଁ ? ସେହିପରି ଜଣେ ବ୍ୟକ୍ତି ଥରକେ ପ୍ରାୟ ୨୫୦ଗ୍ରାମରୁ ଅଧିକ ନୁଡୁଲ୍ସ ଖାଇପାରିବେ ନାହିଁ। କିନ୍ତୁ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ମାତ୍ର ତିନି ମିନିଟ୍‌ରେ ପ୍ରାୟ ଦେଢ କେଜି ନୁଡୁଲ୍ସ ଖାଇ ରେକର୍ଡ କରି ପାରିଛନ୍ତି। ଏହି ବ୍ୟକ୍ତିଜଣକ ହେଉଛନ୍ତି ଆମେରିକାର ଜେରେମି ଲାନିଗ୍। ଜେରେମି ଜାପାନର କଗୱାର ତାକାମାତ୍ସୁରର ଏକ ସ୍କୁଲରେ ଇଂଲିଶ ଶିକ୍ଷକ ଅଛନ୍ତି। ଜାପାନର ଏକ ପ୍ରକାରର ଉଡନ୍ ନୁଡୁଲ୍ସ ଖାଇବାକୁ ସେ ବହୁତ ଭଲପାନ୍ତି। ଆଉ ଏହି ଭଲପାଇବା ତାଙ୍କୁ ଏବେ ରେକର୍ଡ କରାଇବାରେ ସକ୍ଷମ ହୋଇଛି। ଜାପାନରେ ଆୟୋଜିତ ଏକ ପ୍ରତିଯୋଗିତାରେ ସେ ମାତ୍ର ୩ ମିନିଟ୍‌ରେ ୧ କେଜି ୧୧୬ ଗ୍ରାମ୍ ଉଡନ୍ ନୁଡୁଲ୍ସ ଖାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡରେ ରେକର୍ଡ କରିପାରିଛନ୍ତି। ୧୩ବର୍ଷ ହେବ ଜାପାନରେ ରହିବା ପରଠାରୁ ସେ ଏହି ପ୍ରକାରର ନୁଡୁଲ୍ସ ଖାଇବା ଅଭ୍ୟାସ କରୁଥିଲେ।


## ଖିଲିଖିଲି ହସ



►ଥରେ ଜଣେ ବ୍ୟକ୍ତି ଦାନ୍ତ ଓପାଡିବାକୁ ଏକ ନର୍ସିଂ ହୋମ୍‌କୁ ଗଲେ। ସେଠାରେ ଡାକ୍ତରଙ୍କୁ ପଚାରିଲେ, ଡାକ୍ତରବାବୁ, ଆପଣଙ୍କର ଫି କେତେ ? ଡାକ୍ତର କହିଲେ, ୩୦୦ ଟଙ୍କା। ଦାନ୍ତ ଓପାଡିବା ପରେ ଡାକ୍ତର ସେହି ବ୍ୟକ୍ତିଙ୍କୁ କହିଲେ, ଆପଣ ଏବେ ୧୨୦୦ ଟଙ୍କା ଦିଅନ୍ତୁ। ବ୍ୟକ୍ତି ଜଣକ ପଚାରିଲେ-କାହିଁକି ? ଡାକ୍ତର କହିଲେ, ତୁମେ ଦାନ୍ତ ଓପାଡିବା ସମୟରେ ଭୟରେ ଯେଉଁ ଚିତ୍କାର କଲ ତାହା ଶୁଣି ଆଉ ତିନି ଜଣ ରୋଗୀ ପଳାଇଗଲେ।

►ଥରେ କ୍ଲାସରେ ଗୋପାଳ ପଛ ଧାଡିରେ ଶୋଇ ଘୁଙ୍ଗୁଡି ମାରୁଥିଲା। ଏହା ଦେଖି ସାର୍ ତା' ପାଖକୁ ଯାଇ ପଚାରିଲେ- ଆରେ ଗୋପାଳ, ତୁ କାହିଁକି ଶୋଇଛୁ ? ଏଇଟା କ'ଣ ଘର ? ଗୋପାଳ କହିଲା, ସାର୍, ମୁଁ କ'ଣ କରିବି କାଲି ରାତିରେ ମୁଁ ଲଣ୍ଡନ ବୁଲିବାକୁ ଯାଇଥିଲି। ତେଣୁ ଶୋଇପାରି ନ ଥିଲି। ସାର୍ କହିଲେ, ତୁ ମୋତେ ବୋକା ଭାବିଛୁ ?ରାତିରେ ଲଣ୍ଡନ ବୁଲି ସକାଳୁ ସ୍କୁଲ ଆସିଛୁ ? ଗୋପାଳ ଉତ୍ତର ଦେଲା, 'ସାର୍, ମୁଁ କ'ଣ ସତରେ ଲଣ୍ଡନ ଯାଇଥିଲି। ସ୍ୱପ୍ନରେ ଲଣ୍ଡନ ବୁଲୁଥିବାର ଦେଖୁଥିଲି।

# ବିନୟେ ଜ୍ଞାନ ଲାଭ



ବହୁତ ଦିନ ତଳର କଥା। ଗ୍ରୀସ୍ ଦେଶରେ ଜଣେ ଜ୍ଞାନୀ ଗୁଣୀ ପଣ୍ଡିତ ଓ ଦାର୍ଶନିକ ଥିଲେ। ନାଁ ତାଙ୍କ ପ୍ଲାଟୋ। ତାଙ୍କର ଜ୍ଞାନ ଚାରିଆଡ଼େ ବ୍ୟାପିବାରେ ଲାଗିଥିଲା। ଲୋକମାନେ ତାଙ୍କ ବିଷୟରେ ଅନେକ ଚର୍ଚ୍ଚା କରୁଥିଲେ। ତାଙ୍କୁ ସାକ୍ଷାତ କରିବାକୁ ଦୂର ଦୂରାନ୍ତରୁ ଅନେକ ଲୋକ ପ୍ରତିଦିନ ଆସୁଥିଲେ। ନିଜ ନିଜର ସମସ୍ୟା ବିଷୟରେ ପ୍ଲାଟୋଙ୍କୁ ପଚାରୁଥିଲେ ଓ ସେଗୁଡ଼ିକର ସମାଧାନ ଚାହୁଁଥିଲେ। ପ୍ଲାଟୋ ମଧ୍ୟ ଲୋକମାନଙ୍କର ପ୍ରଶ୍ନର ଉତ୍ତର ହସି ହସି ଅତି ସରଳ ଭାବରେ ଦେଉଥିଲେ। ମାତ୍ର ସେ କିଛି ପ୍ରଶ୍ନ ଓଲଟି ଲୋକମାନଙ୍କୁ ପଚାରି କିଛି ନା କିଛି ଉତ୍ତର ଆଶା କରୁଥିଲେ।

ପ୍ଲାଟୋଙ୍କର ଏଭଳି ଓଲଟା ପ୍ରଶ୍ନ ପଚାରିବାକୁ କିଛି ଲୋକ ପସନ୍ଦ କରୁ ନ ଥିଲେ। ଧୀରେ ଧୀରେ ତାଙ୍କର ଜ୍ଞାନ ଗାରିମାକୁ ନେଇ କିଛି ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଲା। ସେମାନେ ତାଙ୍କ ବିଷୟରେ ନାନା କଥା ଆଲୋଚନା କଲେ। ପ୍ଲାଟୋ ଜଣେ ବଡ ଜ୍ଞାନୀ ନୁହନ୍ତି ବୋଲି ସେମାନେ ଭାବିବାକୁ ଲାଗିଲେ। ଜଣେ ଲୋକ କହିଲେ,'ଭାଇମାନେ, ଆମେ ପ୍ଲାଟୋଙ୍କ ବିଷୟରେ ଯାହା ଭାବୁଛୁ ସେ ସେଭଳି ବଡ ବିଦ୍ୱାନ ନୁହନ୍ତି। ଆମେ ତାଙ୍କୁ ପ୍ରଶ୍ନ ପଚାରି କିଛି ଶିଖିବାକୁ ଆସିଥାଉଁ, ହେଲେ ସେ ଆମକୁ କିଛି ନ ଜାଣିଲା ଭଳି ଓଲଟି ପ୍ରଶ୍ନ କାହିଁକି ପଚାରୁଛନ୍ତି ? ସେ ଆମ ଭଳି ଜଣେ ସାଧାରଣ ମାମୁଲି ମଣିଷ।'

ଲୋକମାନଙ୍କର ପ୍ଲାଟୋଙ୍କ ବିଷୟରେ ଏହିଭଳି ଆଲୋଚନା ତାଙ୍କର ଜଣେ ବିଶ୍ୱସ୍ତ ଶିଷ୍ୟଙ୍କ କାନରେ ଦିନେ ବାଜିଲା। ନିଜ ଗୁରୁଙ୍କ ବିରୋଧରେ ଏଭଳି କଥାବାର୍ତ୍ତା ଶୁଣି ଶିଷ୍ୟ ଜଣକର ବହୁତ ମନ ଦୁଃଖ ହେଲା। ଏ ବିଷୟରେ ଗୁରୁଙ୍କୁ ପଚାରିବା ପାଇଁ ସେ ମନେ ମନେ ସ୍ଥିର କଲେ।

ଦିନେ ସବୁ ଲୋକ ଚାଲିଗଲା ପରେ ଶିଷ୍ୟଜଣକ ଅତି ଶାନ୍ତ ଓ ଧୀର ଭାବରେ ପ୍ଲାଟୋଙ୍କୁ ପଚାରିଲେ, 'ହେ ମହାଭାଗ, ଆପଣ ଜଣେ ବିଦ୍ୱାନ ଓ ଦାର୍ଶନିକ। ଆପଣଙ୍କ ଖ୍ୟାତି ସମଗ୍ର ଦୁନିଆରେ ପ୍ରସାରିତ ହେବାରେ ଲାଗିଛି। ଅସଂଖ୍ୟ ଲୋକ କିଛି ଶିଖିବା ପାଇଁ ଆପଣଙ୍କ ପାଖକୁ ଧାଇଁ ଆସୁଛନ୍ତି। ହେଲେ ଆପଣ ସେମାନଙ୍କୁ ଓଲଟା କିଛି ପ୍ରଶ୍ନ ପଚାରୁଛନ୍ତି। ଏଥିରୁ ସେମାନଙ୍କର ସନ୍ଦେହ ହେଉଛି ଯେ ଆପଣ ଜଣେ ସାଧାରଣ ମାମୁଲି ମଣିଷ। ଆପଣଙ୍କ ନିକଟରେ ସେମାନେ ଚାହୁଁଥିବା କିଛି ଜ୍ଞାନ ଗୁଣ ନାହିଁ। ତେବେ ଏଭଳି ଆପଣ କାହିଁକି କରୁଛନ୍ତି ?'

ଶିଷ୍ୟଙ୍କ କଥା ଶୁଣି ପ୍ଲାଟୋ ଟିକେ ମୁରୁକି ହସିଲେ। କିଛିକ୍ଷଣ ଚୁପ୍ ରହି କହିଲେ,'ବତ୍ସ ! ତୁମେ ଯାହା କହୁଛ, ତାହା ଠିକ୍। ଲୋକମାନେ ମୋ ବିଷୟରେ ଯାହା ଭାବୁଛନ୍ତି ତାହା ମଧ୍ୟ ଠିକ୍। ଲୋକମାନେ ମୋ ବିଷୟରେ କ'ଣ ଭାବିବେ ନ ଭାବିବେ ତାହା ସେମାନଙ୍କର କାମ। ଏହା ମୋର କାମ ନୁହେଁ। କାରଣ ମୋ ନୀତିରେ ମୁଁ ଠିକ୍ ଅଛି।'

ଶିଷ୍ୟ ଜଣକ ନିଜ ଗୁରୁଙ୍କ ନିକଟରୁ ଏଭଳି କଥା ଶୁଣି ଆଶ୍ଚର୍ଯ୍ୟ ହୋଇପଡିଲେ ଓ କିଛିକ୍ଷଣ ମୁହଁ ମାଡି ଛିଡାହୋଇ ରହିଲେ। ନିଜ ଶିଷ୍ୟଙ୍କର ମନର କଥାକୁ ପ୍ଲାଟୋ ବୁଝିପାରି କହିଲେ, 'ବତ୍ସ ! ମୁଁ କେବଳ ଏତିକି ଜାଣିଛି ଯେ ଯିଏ ନିଜକୁ ଶ୍ରେଷ୍ଠ ଜ୍ଞାନୀ ବୋଲି ଭାବି ନିଜ ଗୁଣ ନିଜେ ପ୍ରଚାର କରେ, ତା' ଠାରୁ ବଡ ମୂର୍ଖ ଆଉ କିଏ ହୋଇପାରେ ! ଯିଏ ନିଜକୁ ଅନ୍ୟମାନଙ୍କଠାରୁ ବଡ ଭାବେ, ସେ ଦୁନିଆର ସବୁଠାରୁ ମିଥ୍ୟାବାଦୀ, ଅହଙ୍କାରୀ ଓ ଛଳନାପ୍ରିୟ।'

କିଛି ସମୟ ଅଟକି ଯାଇ ପୁଣି ପ୍ଲାଟୋ କହିଲେ, 'ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ। ସ୍ୱାଧୀନ ଭାବରେ ଭାବିବାର ସେମାନଙ୍କର ଅଧିକାର ଅଛି। ଅବଶ୍ୟ ଏହା ସତ୍ୟ ଯେ ଅନେକ ଲୋକ ନିଜ ନିଜର ଭାବ ପ୍ରକାଶ କରିବାକୁ ବିଶେଷ ସୁଯୋଗ ପାଇ ନ ଥାନ୍ତି।'

'ମୁଁ ଏ ପର୍ଯ୍ୟନ୍ତ ଯେତିକି ଜ୍ଞାନ ଅର୍ଜନ କରିଛି ତାହା କେବେ ବି ଯଥେଷ୍ଟ ନୁହେଁ। ଏହା ସମୁଦ୍ରର ବିନ୍ଦୁଏ ଜଳ ସଦୃଶ। ବିନ୍ଦୁ ବିନ୍ଦୁ ଜଳର ମିଶ୍ରଣରେ ମୁଁ ସାଗର ସୃଷ୍ଟି କରିବାକୁ ଚାହୁଁଛି। ପ୍ରତ୍ୟେକଙ୍କୁ କିଛି ନା କିଛି ପ୍ରଶ୍ନ ପଚାରି ଉତ୍ତର ଚାହିଁବାର ଅର୍ଥ ହେଲା ମୁଁ ମୋର ନିଜ କ୍ଷୁଦ୍ର ଜ୍ଞାନର ପରିସରକୁ ବୃଦ୍ଧି କରିବା ପାଇଁ ଚାହୁଁଛି। ଅନ୍ୟ କିଛି ନୁହେଁ।'

ପୁନଶ୍ଚ ପ୍ଲାଟୋ କହିଲେ, 'ଏ ଦୁନିଆରେ କେହି ଛୋଟ ବା ହୀନ ନୁହନ୍ତି। ଆମେ କାହାକୁ ବି ହେୟ ଭାବିବା ଠିକ୍ ନୁହେଁ। ପ୍ରତ୍ୟେକଙ୍କଠାରୁ କିଛି ଶିଖିବାର ଅଛି। ସବୁ ସମୟରେ କିଛି ଶିଖିବାର ଇଚ୍ଛା ଆମ ପାଖରେ ରହିବା ଦରକାର।'

ପ୍ରକୃତରେ ବିଖ୍ୟାତ ବିଦ୍ୱାନ ପ୍ଲାଟୋଙ୍କ କଥା ଏକଦମ୍ ଠିକ୍। ମଣିଷ ଭିତରେ ଥିବା ଗର୍ବ ଅହଙ୍କାର ତାକୁ କିଛି ଶିଖିବାରେ ସୁଯୋଗ ଦିଏ ନାହିଁ। ଗର୍ବୀ, ଅହଙ୍କାରୀ ଓ ଈର୍ଷା ପରାୟଣ ବ୍ୟକ୍ତି କେବେ ଜ୍ଞାନୀ ହୋଇ ନ ପାରେ। ଜୀବନର ପ୍ରତିଟି ମୁହୂର୍ତ୍ତ ଶିଖିବାର ମୁହୂର୍ତ୍ତ। ନମ୍ର, ଉଦାର, ସରଳ ଓ ବିନୟ ଭାବ ଜ୍ଞାନ ଆହରଣରେ ସାହାଯ୍ୟ କରେ। ଆମେ ନିଜକୁ ଯେତିକି ବିନମ୍ର କରିପାରିବା ସେତେ ଅଧିକ କିଛି କିଛି ନୂଆ ନୂଆ କଥା ଶିଖିପାରିବା ଓ ଆଗକୁ ଆଗକୁ ଯାଇପାରିବା। ତେଣୁ କଥାରେ ଅଛି -'ବିନୟେ ଜ୍ଞାନ ଲାଭ।'


**-ଶରତ କୁମାର ଦାସ,** ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର

## ତୁମ ତୂଳୀରୁ






**ସାଦ୍ୟାନ୍ତ ଶତପଥୀ**
କ୍ଲାସ-୨, ମଦର୍ସ
ପବ୍ଲିକ୍ ସ୍କୁଲ, ପୁରୀ





ଆଦ୍ୟାଶା ସିଂ ସାମନ୍ତ
କ୍ଲାସ-୮, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲ, ରସୁଲଗଡ଼, ଭୁବନେଶ୍ୱର





**ସୁଦୀକ୍ଷା ବାରିକ**
କ୍ଲାସ-୩, ଡିଏଭି ପବ୍ଲିକ୍ ସ୍କୁଲ, ଜଗନ୍ନାଥ ଏରିଆ, ତେରା, ତାଳଚେର

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଅଗଷ୍ଟ ୨୯/୨୦୨୦ Saturday, August 29/2020

## ଭିନେଶ ଫୋଗଟ୍‌ଙ୍କୁ କରୋନା

**ନୂଆଦିଲ୍ଲୀ, ୨୮।୮ (ପି.ଟି.):** ଭାରତର ଟପ୍ ମହିଳା ରେସ୍‌ଲର ଭିନେଶ ଫୋଗଟ କରୋନା ସଂକ୍ରମିତ ବୋଲି ସେ ଶୁକ୍ରବାର ପ୍ରକାଶ କରିଛନ୍ତି। ଏସିଆ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ଚଳିତ ବର୍ଷ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେ ତାଙ୍କ ଗ୍ରାମ ସୋନେପତରେ କୋଚ୍ ଓମ୍ ପ୍ରକାଶଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ନେଇ ଆସୁଥିଲେ। ପୁରସ୍କାର ପାଇଁ ଡ୍ରେସ୍ ରିହରସାଲ ପୂର୍ବରୁ ତାଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ସେ ଘରେ ଆଇସୋଲେଶନରେ ଅଛନ୍ତି। ଭଗବାନଙ୍କ କୃପା ହେଲେ ସେ ଶୀଘ୍ର ଆରୋଗ୍ୟ ହେବେ ବୋଲି ଫୋଗଟ୍ କହିଛନ୍ତି। ଶନିବାର ଜାତୀୟ ପୁରସ୍କାର ବିତରଣ ପାଇଁ ହେବାକୁଥିବା ଭର୍ଚୁଆଲ ସେରିମନିରୁ ଏହି ୨୬ ବର୍ଷୀୟା ରେସ୍‌ଲର ଓହରିଯାଇଛନ୍ତି। ଚଳିତ ବର୍ଷ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ମନୋନୀତ ୫ଜଣ ଆଥଲେଟଙ୍କ ମଧ୍ୟରେ ଫୋଗଟ୍ ଅନ୍ୟତମ।

# ସିଏସ୍‌କେର ବହୁ ସଦସ୍ୟ ପଜିଟିଭ୍

**ନୂଆଦିଲ୍ଲୀ, ୨୮।୮ (ପି.ଟି)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ଲାଗି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯାଇଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ୧୦ରୁ ୧୨ଜଣ ସଦସ୍ୟ କରୋନା ପଜିଟିଭ୍। ଏମାନଙ୍କ ମଧ୍ୟରେ ବର୍ତ୍ତମାନ ଭାରତୀୟ ଦଳର ଜଣେ ଡାହାଣ ହାତୀ ମିଡିୟମ ଫାଷ୍ଟ ବୋଲର ରହିଛନ୍ତି। ଫଳରେ ଫ୍ରାଞ୍ଚାଇଜ୍‌ର କ୍ୱାରାଣ୍ଟାଇନ୍ ପିରିୟଡ ବୃଦ୍ଧି କରାଯାଇ ଥିବା ଆଇପିଏଲ୍‌ର ଜଣେ ବରିଷ୍ଠ ପଦାଧିକାରୀ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ଗାଇଡ୍‌ଲାଇନ୍ ଅନୁସାରେ ଦଳ ଦୁବାଇରେ ପହଞ୍ଚିବା ପରେ ରହଣିର ପ୍ରଥମ, ୩ୟ ଓ ୬ଷ୍ଠ ଦିବସରେ କୋଭିଡ୍-୧୯ ଟେଷ୍ଟ ବାଧ୍ୟତାମୂଳକ। ସିଏସ୍‌କେ ମ୍ୟାନେଜମେଣ୍ଟର ଜଣେ ବରିଷ୍ଠ ପଦାଧିକାରୀ ଓ ତାଙ୍କ ସ୍ତ୍ରୀ ଏବଂ ଅତିକମ୍‌ରେ




ସୋସିଆଲ ମିଡିଆର ଦୁଇଜଣ କର୍ମଚାରୀ କୋଭିଡ୍-୧୯ ପଜିଟିଭ୍। ଟୁର୍ନାମେଣ୍ଟର ଆୟୋଜକ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଦଳର କ୍ୱାରାଣ୍ଟାଇନ ପିରିୟଡ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବିସିସିଆଇର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଅନୁସାରେ ଟେଷ୍ଟରେ ଯେଉଁମାନଙ୍କର ପଜିଟିଭ୍ ଆସିବ ସେମାନେ ଅତିରିକ୍ତ ୭ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ବର୍ଦ୍ଧିତ ଆଇସୋଲେଶନ ପରେ ଟେଷ୍ଟ ଫଳାଫଳ ନେଗେଟିଭ୍ ଆସିଲେ ସେମାନଙ୍କୁ ଜୈବ-ସୁରକ୍ଷିତ ଜୋନ୍‌କୁ ଅନୁମତି ମିଳିବ। ସିଏସ୍‌କେ ଚେନ୍ନାଇ ଛାଡ଼ିବା ପୂର୍ବରୁ ଏହାର ସଦସ୍ୟମାନଙ୍କର ଦୁଇଥର ଆରଟି-ପିସିଆର୍ ଟେଷ୍ଟ ହୋଇଥିଲା। ସମସ୍ତଙ୍କର ନେଗେଟିଭ୍ ଆସିଥିଲା। ପଜିଟିଭ ଆସିଥିଲେ ସେମାନଙ୍କୁ ବିମାନ ଯାତ୍ରା ପାଇଁ ଅନୁମତି ମିଳି ନ ଥାନ୍ତା। କେତେକେ କହୁଛନ୍ତି ଦୁବାଇ ଅଭିମୁଖେ ଯାତ୍ରା ପୂର୍ବରୁ ସିଏସ୍‌କେ ଖେଳାଳିମାନେ ଚେନ୍ନାଇରେ ତିନିଦିନିଆ ଅଭ୍ୟାସ କ୍ୟାମ୍ପ କରିଥିଲେ। ଏହା ହୁଏତ ପଜିଟିଭର କାରଣ ହୋଇପାରେ। ସୂଚନାଯୋଗ୍ୟ, ତାମିଲନାଡୁରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୪ଲକ୍ଷରୁ ଅଧିକ। ପୂର୍ବରୁ ଭାରତରେ ହୋଇଥିବା ଟେଷ୍ଟରେ ରାଜସ୍ଥାନ ରୟାଲ୍ସ ଫିଲ୍ଡିଂ କୋଚ୍ ଦିଶାନ୍ତ ୟାଗନିକ୍‌ଙ୍କର ଟେଷ୍ଟରେ ପଜିଟିଭ ଆସିଥିଲା।

# ଆଥଲେଟଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୨୮।୮ (ପି.ଟି.)**

ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିବା ନିଶ୍ଚିତ ଭାବେ ସନ୍ତୋଷଜନକ। କିନ୍ତୁ କରୋନା କାରଣରୁ ଏଥର ଏହା ସମ୍ଭବ ହୋଇପାରିନି। ମହାମାରୀ ପାଇଁ ସରକାର ଭର୍ଚୁଆଲ ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବର ଆୟୋଜନ କରୁଛନ୍ତି। ଅତିକମ୍‌ରେ ଏହି ପ୍ରୟାସ ପାଇଁ କେତେଜଣ ଆଥଲେଟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ପ୍ରଥମଥର ପାଇଁ ଜାତୀୟ କ୍ରୀଡ଼ା ଦିବସରେ ଭର୍ଚୁଆଲ ଉତ୍ସବରେ ଆଥଲେଟ, କୋଚ୍ ଓ କ୍ରୀଡ଼ା ସଂଗଠନଗୁଡିକର ପ୍ରତିନିଧିମାନେ ପୁରସ୍କୃତ ହେବେ। ଶନିବାର ମୋଟ ଉପରେ ୬୫ଜଣଙ୍କୁ ପୁରସ୍କୃତ କରାଯିବ। ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଭର୍ଚୁଆଲ ଉତ୍ସବରେ ପୁରସ୍କାର ପ୍ରଦାନ କରିବେ ଓ ବିଜେତାମାନେ ଦେଶର ବିଭିନ୍ନ ସାଇ ସେଣ୍ଟରରେ ଉପସ୍ଥିତ ରହି ଏହି ଉତ୍ସବରେ ଅଂଶଗ୍ରହଣ କରିବେ।

ମହିଳା ଟେବୁଲ ଟେନିସ ତାରକା ମନିକା ବାତ୍ରା ଏଥର ଖେଳରତ୍ନ ପୁରସ୍କାର ପାଇବେ। ସେ ମଧ୍ୟ ଏହି ଭର୍ଚୁଆଲ ଉତ୍ସବ ନେଇ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏ ନେଇ ବେଶ୍ ଉତ୍ସାହିତ ଅଛି ବୋଲି ସେ କହିଛନ୍ତି। ସେହିପରି ଅର୍ଜୁନ

**ଭର୍ଚୁଆଲ ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବ ଆୟୋଜନ**

ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ପାରା ଆଥଲେଟ୍ ସନ୍ଦୀପ ଚୌଧୁରୀ ମଧ୍ୟ ଏ ନେଇ ଖୁସି ଜାହିର କରିଛନ୍ତି। ସେହିପରି ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଜାତୀୟ ଉଶୁ କୋଚ୍ କୁଲଦୀପ୍ ହାଣ୍ଡୁ ମଧ୍ୟ ଏହି ଭର୍ଚୁଆଲ ଉତ୍ସବ ଆୟୋଜନ ନେଇ ସରକାରଙ୍କୁ ପ୍ରଶଂସା କରିଛନ୍ତି।

# ଫର୍ମୁଲା ୱାନ୍ ରେସ୍ ବର୍ଜନ କରିବେନି ହାମିଲଟନ୍

**ସ୍ପା-ଫ୍ରାଙ୍କୋରଚାମ୍ପ୍ସ (ବେଲଜିୟମ), ୨୮।୮ (ଏପି)**

ଜାତିବାଦକୁ ନେଇ ଫର୍ମୁଲା ୱାନ୍ ଚାମ୍ପିୟନ ଲୁଇସ୍ ହାମିଲଟନ ରବିବାର ହେବାକୁଥିବା ବେଲଜିଆନ ଗ୍ରାଁପ୍ରିକୁ ବର୍ଜନ କରିବେ ନାହିଁ। ୱିସ୍‌କନ୍‌ସିନଠାରେ ପୋଲିସ ଅଫିସରଙ୍କ ଜାକବ ବ୍ଲେକ୍‌ଙ୍କୁ ଗୁଳିର ପ୍ରତିବାଦ ସ୍ୱରୂପ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ରେ ଅନ୍ୟ ଆଥଲେଟ୍‌ମାନଙ୍କ ଭଳି ପଥ ଅନୁସରଣ କରିବେ ନାହିଁ ମର୍ସିଡିଜ୍ ଟିମ୍‌ର ଏହି ଡ୍ରାଇଭର। ବୁଧବାର ଖେଳାଯିବାକୁଥିବା ଏହାର ତିନୋଟି ପ୍ଲେ-ଅଫ୍ ଗେମ୍‌କୁ ଏନ୍‌ବିଏ ସ୍ଥଗିତ ରଖିଛି। ଓର୍ଲାଣ୍ଡୋ ମ୍ୟାଜିକ୍ ବିପକ୍ଷ ଗେମ୍ ପାଇଁ ଲକର ରୁମ୍ ଛାଡ଼ିବାକୁ ମନା କରିଦେଇଥିଲେ ମିଲ୍‌ୱାଉକି ବକ୍ସ। ବେସ୍‌ବଲ୍, ଫୁଟ୍‌ବଲ ଓ ଟେନିସ ଦଳ ଏବଂ ଖେଳାଳିମାନେ ଇଭେଣ୍ଟରୁ ବାହାରି ଆସିଥିଲେ। ପୋଲିସର ବର୍ବରତା ଏବଂ ବର୍ଣ୍ଣଗତ ବାଛ ବିଚାର ବିରୋଧରେ ବିହିତ ପଦକ୍ଷେପ ସେମାନେ ଦାବି କରିଥିଲେ। ୬ ଥର ବିଶ୍ୱ ଚାମ୍ପିୟନ ହାମିଲଟନ ହେଉଛନ୍ତି ଫର୍ମୁଲା ୱାନରେ ଏକମାତ୍ର କୃଷ୍ଣକାୟ ଡ୍ରାଇଭର। ବର୍ଜନକୁ ସେ ସମର୍ଥନ କରନ୍ତି ମାତ୍ର ୟୁରୋପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ।




ଲୁଇସ୍ ହାମିଲଟନ

## ଦ୍ରୋଣାଚାର୍ଯ୍ୟ ପାଇବା ପୂର୍ବରୁ ପୁରୁଷୋତ୍ତମ ରାୟଙ୍କ ଦେହାନ୍ତ

**ନୂଆଦିଲ୍ଲୀ, ୨୮।୮ (ପି.ଟି.)**

ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବାକୁ ଆଉ ଗୋଟିଏ ଦିନ ବାକି ରହିଥିବାବେଳେ ଆଥଲେଟିକ୍ସ କୋଚ୍ ପୁରୁଷୋତ୍ତମ ରାୟଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ସେ ରିହରସାଲରେ ଭାଗ ନେଇଥିଲେ। କିନ୍ତୁ ପରେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। କୋଭିଡ୍-୧୯ ମହାମାରୀ ଯୋଗୁ ଶନିବାର ଭର୍ଚୁଆଲ ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ।

# ଆଶେସ ଉପରେ ଆଣ୍ଡରସନଙ୍କ ନଜର

**ସାଉଥାମ୍ପଟନ, ୨୮।୮ (ପି.ଟି.)**

ବିଶ୍ୱର ପ୍ରଥମ ଦ୍ରୁତ ବୋଲର ଭାବେ ଟେଷ୍ଟରେ ୬୦୦ ଉଇକେଟ ଅକ୍ତିଆର କରିଥିବା ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଏବେ ଏକ ନୂଆ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଆଶେସ ସିରିଜ ଖେଳିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅଷ୍ଟ୍ରେଲିଆରେ ଏହି ହାଇପ୍ରୋଫାଇଲ ଟେଷ୍ଟ ସିରିଜ ଖେଳିବାକୁ ସେ ସବୁକିଛି କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।

୨୦୦୩ରେ ୩୮ ବର୍ଷୀୟ ଆଣ୍ଡରସନ୍ ଟେଷ୍ଟ ପଦାର୍ପଣ କରିଥିଲେ। ଏହାପରଠାରୁ ସେ ଇଂଲଣ୍ଡ ପାଇଁ ୧୫୬ଟି ଟେଷ୍ଟ ଖେଳି ଇଂଲଣ୍ଡର ସର୍ବାଧିକ ଟେଷ୍ଟ ଉଇକେଟ ହାସଲ କରି ବୋଲର ସାବ୍ୟସ୍ତ ହୋଇଛନ୍ତି। ଏଥିରେ ୪ଟି ଆଶେସ ଟୁର ସାମିଲ ରହିଛି। ଏବେ ମଧ୍ୟ ଉଇକେଟ ହାସଲ କରିବାକୁ ବ୍ୟଗ୍ର ରହିଛି। କ୍ରିକେଟ ଖେଳିବାକୁ ଏବେ ମଧ୍ୟ ଭଲ ପାଉଛି। ତେଣୁ ଫିଟ୍ ରହିବା ସହ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ ଜାରି ରଖିଛି ବୋଲି ସେ 'ବିବିସି ବ୍ରେକ୍‌ଫାଷ୍ଟ'କୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଏଥର ଆସେଶ ସିରିଜ ଅଷ୍ଟ୍ରେଲିଆରେ ନଭେମ୍ବର ୨୦୨୧ରୁ ଜାନୁୟାରୀ ୨୦୨୨ ମଧ୍ୟରେ ଆୟୋଜନ ହେବ। ଆଗାମୀ ଦିନରେ ଭଲ ପ୍ରଦର୍ଶନ କଲେ ଆଶେସ ପାଇଁ ସେ ଦଳରେ ସାମିଲ ହୋଇପାରିବେ। ପୂର୍ବରୁ ଚଳିତ ସପ୍ତାହରେ ଆଣ୍ଡରସନ ବିଶ୍ୱର ଚତୁର୍ଥ ବୋଲର ଓ ପ୍ରଥମ ଦ୍ରୁତ ବୋଲର ଭାବେ ଟେଷ୍ଟରେ ୬୦୦ ଉଇକେଟ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟରେ ଅଧିନାୟକ ଆଝାର ଅଲୀଙ୍କୁ ଆଉଟ କରିବା ପରେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଅବସର ନେଇଥିବା ସ୍ପିନର ମୁଥୟା ମୁରଲୀଧରନ (୮୦୦), ଶେନ୍ ୱର୍ନ (୭୦୮) ଓ ଅନିଲ କୁମ୍ବଲେ (୬୧୯) ଆଣ୍ଡରସନଙ୍କଠାରୁ ଅଧିକ ଉଇକେଟ ହାସଲ କରିଛନ୍ତି। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏହା ପଛରେ ପ୍ରକୃତିଦତ୍ତ ଶରୀରର ଭୂମିକା ରହିଛି ବୋଲି ସେ କହିଛନ୍ତି। ଜିମ୍‌ରେ ଫିଟ୍ ରହିବାକୁ ଓ ମୋ ଆକ୍ସନକୁ ଯେତେସମ୍ଭବ ସହଜ କରିବାକୁ ସବୁବେଳେ ପ୍ରୟାସ କରିଥାଏ। ଇଞ୍ଜୁରୀଠାରୁ ଦୂରେଇ ରହିପାରିଲେ ଆଉ ଅଧିକ ସମୟ ଖେଳିପାରିବି ବୋଲି ଆଣ୍ଡରସନ କହିଛନ୍ତି।



ଜେମ୍ସ ଆଣ୍ଡରସନ

## Business

## ଜନଧନ ଯୋଜନାକୁ ୬ ବର୍ଷ ପୂରିଲା

**ନୂଆଦିଲ୍ଲୀ, ୨୮।୮:** ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ) ୬ ବର୍ଷ ପୂରଣ କରିଛି। ୨୦୧୪ ଅଗଷ୍ଟରେ ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଥିଲେ। ଲୋକଙ୍କ ମଧ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଉତ୍ସାହିତ କରିବା ଦିଗରେ ଏହି ଯୋଜନାକୁ ସରକାର ଉନ୍ମୋଚନ କରିଥିଲେ। ବ୍ୟାଙ୍କିଙ୍ଗ୍ ସିଷ୍ଟମ ସହ ଲୋକଙ୍କୁ ଯୋଡିବା ଲାଗି ଆସିଥିବା ଏହି କାର୍ଯ୍ୟକ୍ରମ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଏହାକୁ ନେଇ ଶୁକ୍ରବାର ଲୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୪୦.୩୫ କୋଟି ଖାତା ଖୋଲାଯାଇଛି। ଏହା ଅଧୀନରେ ଖୋଲାଯାଇଥିବା ମୋଟ୍ ଆକାଉଣ୍ଟ ମଧ୍ୟରୁ ୫୫.୨% ଖାତା ମହିଳାଙ୍କର ବୋଲି ଜଣାପଡିଛି। ସେହିଭଳି ୬୪% ଖାତା ଗ୍ରାମାଞ୍ଚଳରେ ରହିଥିବା ବେଳେ ବଳକା ୩୬% ସହରାଞ୍ଚଳରେ ରହିଛି। ଏହି ଯୋଜନାରେ ଜିରୋ ବାଲାନ୍ସରେ ବ୍ୟାଙ୍କ ଖାତା ଖୋଲାଯାଇଥାଏ। ଯୋଜନା ଅନ୍ତର୍ଗତ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ମଧ୍ୟ ପ୍ରଦାନ କରାଯାଉଛି। ଏଥିଲାଗି କୌଣସି ପ୍ରିମିୟମ ମଧ୍ୟ ଦେବାକୁ ପଡି ନ ଥାଏ। ଜନଧନ ଖାତାରେ ଡେବିଟ୍ କାର୍ଡ ସୁବିଧା ମଧ୍ୟ ରହିଛି।

# ଚାଇନା କମ୍ପାନୀ ତେଲ ଆମଦାନୀ ବନ୍ଦ

**ନୂଆଦିଲ୍ଲୀ, ୨୮।୮**

ଗଲ୍‌ୱାନ ଘାଟିରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଭାରତ ସରକାର କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଦେଶର ସଂହତି ପ୍ରତି ବିପଦ ସୃଷ୍ଟି କରୁଥିବା ଚାଇନା ଭିତ୍ତିକ ମୋବାଇଲ ଆପ୍‌ଗୁଡିକୁ ଭାରତରୁ ବ୍ୟାନ୍ କରାଯାଇଛି। ଅପରପକ୍ଷରେ ବିଭିନ୍ନ ଚାଇନା କମ୍ପାନୀ ଭାରତରେ ପାଇଥିବା କାର୍ଯ୍ୟ ଚୁକ୍ତିକୁ ମଧ୍ୟ ବାତିଲ କରାଯାଉଥିବା ଦେଖାଯାଉଛି। ଚାଇନା ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ ଦେଶର ତୈଳ ବିପଣନ କମ୍ପାନୀଗୁଡିକ ସେଠାରୁ ଆଉ ତେଲ ଆମଦାନୀ କରିବେ ନାହିଁ। ଉକ୍ତ ଦେଶ ସହ ଲିଙ୍କ୍ ରଖିଥିବା କମ୍ପାନୀଗୁଡିକଠାରୁ ତେଲ ଆମଦାନୀ ବନ୍ଦ ହୋଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଚାଇନାରୁ ଆମଦାନୀ ବନ୍ଦକରି ତାକୁ ହରଡ଼ଘଣାରେ ପକାଇବା ଲାଗି ଭାରତ ସରକାର ପ୍ରକ୍ରିୟାକୁ ଜୋର୍‌ଦାର କରିଥିବା ଅଧିକାରୀ କହିଛନ୍ତି। ଜୁଲାଇ ୨୩ ଠାରୁ ନୂଆ ନିୟମ କାର୍ଯ୍ୟକାରୀ ହେବ। ସିଏନ୍‌ଓଓସି, ୟୁନିପେକ୍ ଏବଂ ପେଟ୍ରୋ ଚାଇନା ଭଳି ଚାଇନା ଭିତ୍ତିକ କମ୍ପାନୀଗୁଡିକୁ ତେଲ ଆମଦାନୀ ଟେଣ୍ଡର ନ ପଠାଇବାକୁ ଗତ ସପ୍ତାହରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

ଯେଉଁ ଦେଶଗୁଡିକ ଭାରତର ସୀମା ସହ ଲାଗିଛି ଟେଣ୍ଡର କ୍ଷେତ୍ରରେ ବିଭିନ୍ନ କଟକଣା ଜାରି କରାଯାଇଛି। ଦେଶରେ ଦୈନିକ ୫ ନିୟୁତ ବ୍ୟାରେଲ ବିଶୋଧନ କ୍ଷମତା ରହିଥିବା ବେଳେ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ଏହାର ୬୦% ଅଂଶ ହାସଲ କରିଛନ୍ତି। ଚାଇନା ସିଧାସଳଖ ଭାରତକୁ ତେଲ ରପ୍ତାନି କରୁ ନ ଥିଲେ ମଧ୍ୟ ଚାଇନା ଫାର୍ମଗୁଡିକ ବିଶ୍ୱବଜାରରେ ତେଲ ଯୋଗାଣ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିଛନ୍ତି। ବିଶ୍ୱର ବିଭିନ୍ନ ଅଏଲ ଫିଲ୍ଡରେ ଚାଇନା କମ୍ପାନୀଗୁଡିକ ଅଂଶଧନ ହାସଲ କରିଛନ୍ତି। ଏହି ଫାର୍ମଗୁଡିକ ଭାରତୀୟ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକର ତେଲ ଆମଦାନୀରେ ଭାଗ ନେଇଥାନ୍ତି।

ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ସିଙ୍ଗାପୁର ଭିତ୍ତିକ ଚାଇନା ଆଭିଏଶନ ଅଏଲ, ୟୁନିପେକ୍‌ର ସହଯୋଗୀ କମ୍ପାନୀ ପେଟ୍ରୋ ଚାଇନା ଭଳି ଅନ୍ୟ କମ୍ପାନୀ ସହ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି ଚାଇନା କମ୍ପାନୀଗୁଡିକର ଟ୍ୟାଙ୍କର ବ୍ୟବହାର ବନ୍ଦ କରିବାକୁ ଯୋଜନା ରଖାଯାଇଛି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ଭାରତୀୟ କମ୍ପାନୀଗୁଡିକ ଚାଇନା ତେଲ ଜାହାଜ ଏବଂ ଟ୍ୟାଙ୍କର ଉପରେ ବେଶି ନିର୍ଭରଶୀଳ ନୁହନ୍ତି। ଅପରପକ୍ଷରେ ଶୋଧିତ ତେଲ ଆମଦାନୀ କ୍ଷେତ୍ରରେ ଏହାର ବେଶି ପ୍ରଭାବ ପରିଲକ୍ଷିତ ହେବନି। ବର୍ତ୍ତମାନ ଚାହିଦା କମ୍ ଥିବାରୁ ନୂଆ ନିୟମ କମ୍ପାନୀଗୁଡିକୁ ପ୍ରଭାବିତ କରିବ ନାହିଁ। ମାତ୍ର ଆଗାମୀ ଦିନରେ କୋଭିଡ୍-୧୯ ସ୍ଥିତି ବଦଳିଲେ ଏହା ହୁଏତ ପ୍ରଭାବ ପକାଇବାର ଆଶଙ୍କା ରହିଛି।




# ବିମାନରେ ବିଭିନ୍ନ ସେବାକୁ ସରକାରଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୮।୮:** ବିମାନ ଯାତ୍ରୀଙ୍କୁ ବିଭିନ୍ନ ଅନ୍‌ବୋର୍ଡ ସୁବିଧା ପ୍ରଦାନରେ ନିୟମ କୋହଳ ନେଇ ସରକାର ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ବର୍ତ୍ତମାନ ବିମାନ ଯାତ୍ରୀଙ୍କୁ ଖାଦ୍ୟ ଓ ମୃଦୁପାନୀୟ ସହ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ଅନୁମତି ମିଳିଛି। ଫଳରେ କମ୍ପାନୀଗୁଡିକ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ସେବାରେ ବର୍ତ୍ତମାନ ଯାତ୍ରୀଙ୍କୁ ବିଭିନ୍ନ ସୁବିଧା ସହ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ପାରିବେ ବୋଲି ଡିଜିସିଏର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଘରୋଇ ବଜାରରେ ବିଭିନ୍ନ ବିମାନ କମ୍ପାନୀ ବର୍ତ୍ତମାନ ସେବା ଯୋଗାଣ କରୁଛନ୍ତି। ସେହିଭଳି କୋଭିଡ୍-୧୯ ପାଇଁ ବିଦେଶକୁ ସବୁ କମ୍ପାନୀଙ୍କୁ ସେବା ଯୋଗାଣ ଅନୁମତି ମିଳିନାହିଁ।




# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ଲକ୍ଷ ଦାନ

**ଭୁବନେଶ୍ୱର, ୨୮।୮:** ଜୟ ଭାରତ ଫାଉଣ୍ଡେସନ ଚଳିତ ବର୍ଷର ପ୍ରତିଭା ସମ୍ମାନ ସମାରୋହକୁ ନିରାଡମ୍ବରର ସହ ପାଳନ କରିଛି। କରୋନା ମହାମାରୀ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ କଟକଣା ଓ ଗାଇଡ୍‌ଲାଇନକୁ ଆଖିଆଗରେ ରଖି ଫାଉଣ୍ଡେସନ ଚଳିତ ବର୍ଷ ନିଆରା ଢଙ୍ଗରେ ଉକ୍ତ ଉତ୍ସବକୁ ପାଳନ କରିଛି। ପ୍ରତିଷ୍ଠା ଓ ପ୍ରତିଭା ସମ୍ମାନ ଉତ୍ସବକୁ ଏଥର ଡିଜିଟାଲ ପ୍ଲାଟଫର୍ମରେ ପାଳନ କରାଯାଇଥିଲା। ରାଜ୍ୟରେ ଦେଖା ଦେଇଥିବା ଏହି ମହାମାରୀକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ଉତ୍ସବ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥକୁ କାଣ୍ଟଛାଣ୍ଟ କରି ବଳକା ଅର୍ଥକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉକ୍ତ ବଳକା ଅର୍ଥ ରାଶିକୁ ଭାରତ ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ପ୍ରାୟ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶିର ଚେକ୍‌କୁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।



## କୋଭିଡ୍ ଯୋଦ୍ଧାଙ୍କୁ ରାଉଣ୍ଡ ଟେବୁଲର ସମ୍ମାନ

**ଭୁବନେଶ୍ୱର, ୨୮।୮:** କୋଭିଡ୍ ଯୋଦ୍ଧାଙ୍କ ଉଦ୍ୟମକୁ ଭୁବନେଶ୍ୱର ରାଉଣ୍ଡ ଟେବୁଲ-୫୩ ପକ୍ଷରୁ ସମ୍ମାନ ଜଣାଇ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ପ୍ରମୁଖ ଡାକ୍ତରଖାନା, ପୌର ନିଗମ, ପୋଲିସ କର୍ମଚାରୀ ଏବଂ ଜିଲାପାଳଙ୍କ ମାଧ୍ୟମରେ ଗରିବ ଲୋକଙ୍କୁ ୭୦ ଲକ୍ଷ ଟଙ୍କା ମୂଲ୍ୟର ଏନର୍ଜୀ ଡ୍ରିଙ୍କ୍, ଜୁସ୍ ଏବଂ ବଟର ମିଲ୍କ ପ୍ରଦାନ ଲାଗି କମ୍ପାନୀ କୋକାକୋଲା ସହ ମିଳିତ ହୋଇଛି। ବସ୍ତି ଅଞ୍ଚଳରେ ବଡ ଧରଣର ସାନିଟାଇଜ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗାଈ ଏବଂ ବୁଲା କୁକୁରଙ୍କୁ ଖାଦ୍ୟ ଯୋଗାଣ ଲାଗି ସ୍ପିକ୍ ଫର୍ ଆନିମଲ୍ ସହ ରାଉଣ୍ଡ ଟେବୁଲ ମିଶି କାମ କରୁଛି। କୋଭିଡ୍ ଲକ୍‌ଡାଉନ ସମୟରେ ଫସି ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ମଧ୍ୟ ଅନୁଷ୍ଠାନ ବଣ୍ଟନ କରୁଛି। ଏହାବାଦ ୨ ପ୍ଲାଏ କଟନ ମାସ୍କ ବଣ୍ଟନ, ମାସ୍କର ଠିକ୍ ବ୍ୟବହାର ନେଇ ସଚେତନତା, ବସ୍ତି ମହିଳାଙ୍କୁ ସାନିଟାରି ପ୍ୟାଡ୍ ପ୍ରଦାନ ଏବଂ କ୍ଷୁଧା ମୁକ୍ତ ଅଭିଯାନ ଅନ୍ତର୍ଗତ ଲାଇଭ୍ କିଚେନ ସ୍ଥାପନ କରାଯାଇଛି। ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ ଏବଂ ଭୁବନେଶ୍ୱର ମିଡ୍ ଟାଉନ ୯୩ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଥିବା ସୂଚନା ରହିଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ